# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, February 28/2024 | Page 20 | ₹ 7.00

୫୦ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 96 | ମୂଲ୍ୟ ₹୭/-





# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ | Bhubaneswar, Wednesday, February 28/2024


## ପାଠ୍ୟକ୍ରମ ବାହାରୁ ପ୍ରଶ୍ନ: ତ୍ରୁଟି ମାନିଲା ପରିଷଦ

# ପିଲାଙ୍କୁ ମିଳିବ ଗ୍ରେସ୍ ମାର୍କ



ଭୁବନେଶ୍ୱର, ୨୭।୨ (ଅସମାପିକା ସାହୁ)

ସମ୍ପ୍ରତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଚାଲିଛି। ଏଥିରେ ବିଜ୍ଞାନ ବିଭାଗର ଫିଜିକ୍ସ (ପଦାର୍ଥ ବିଜ୍ଞାନ) ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ଅଭିଯୋଗ ଆସିଥିଲା। ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। କିନ୍ତୁ ସିଲାବସ୍ ବାହାରୁ ନୁହେଁ, ଟଏସ୍ ଡେଫିସିଟ୍ ଥିଲା ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ଅଭିଯୋଗକୁ ନେଇ ପରିଷଦ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛି। ଯେଉଁମାନେ ସେସବୁ ପ୍ରଶ୍ନ ଆଟେମ୍ପ୍ଟ କରିଥିବେ ସେମାନଙ୍କୁ ଗ୍ରେସ୍ ମାର୍କ ମିଳିବ ବୋଲି ପରିଷଦ କହିଛି।

ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଆଶୋକ ନାୟକ କହିଛନ୍ତି, ଆଉଟ ଅଫ୍ ସିଲାବସ୍ ନୁହେଁ, ଟଏସ୍ ଡେଫିସିଟ୍ ରହିଥିଲା। ରେଗୁଲାର ଓ ଏକ୍ସ ରେଗୁଲାର ସିଲାବସ୍‌କୁ ନେଇ ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା। କେବଳ ରେଗୁଲାର ପିଲାଙ୍କ ପ୍ରଶ୍ନରେ ମୋଟ ୧୯ ନମ୍ବର ଟଏସ୍ ଡେଫିସିଟ୍ ରହିଛି। ଯେଉଁ ପିଲା ଏସବୁ ପ୍ରଶ୍ନ ଆଟେମ୍ପଟ ନେଇଥିବେ ସେମାନେ ଗ୍ରେସ୍ ମାର୍କ ପାଇବେ। ପ୍ରଶ୍ନ ଆଟେମ୍ପଟ ନେଇ ନ ଥିଲେ ପିଲାଙ୍କୁ ଗ୍ରେସ୍ ମାର୍କ ମିଳିବ ନାହିଁ। ଯେତିକି ଟଏସ୍ ଡେଫିସିଟ ପ୍ରଶ୍ନ ଆଟେମ୍ପଟ ନେଇଥିବେ ତାହାର ପୂରା ମାର୍କ ପାଇବେ। ତେଣୁ ସବୁ ପିଲାଙ୍କୁ ସମାନ ଗ୍ରେସ୍ ମାର୍କ ମିଳିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, କେବଳ ଗୋଟିଏ ପ୍ରଶ୍ନ ରେଗୁଲାର ପିଲାଙ୍କ ସିଲାବସ୍‌କୁ କଭର କରିନାହିଁ। ସେହି ଏକ ମାର୍କ ପିଲା ନିଶ୍ଚିତ ପାଇବେ। କେଉଁଠି ତ୍ରୁଟି ରହିଲା, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଖୁବ୍ ଶୀଘ୍ର ଏକ୍ସପର୍ଟ କମିଟି ବସି ନିଷ୍ପତ୍ତି ନେବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଯୁକ୍ତ୨ ପରୀକ୍ଷା ଚାଲୁଥିବାବେଳେ ☞ପୃଷ୍ଠା-୯

## ମେ' ୧୫ ଭିତରେ ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର, ୨୭।୨ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ମେ' ୧୫ ତାରିଖ ଭିତରେ ପ୍ରକାଶ ପାଇପାରେ। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ ପାଇବ। ଏ ନେଇ ମଙ୍ଗଳବାର ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ ସୂଚନା ଦେଇଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ତାରିଖ ଭିତରେ ରେଜଲ୍ଟ ବାହାର କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମାର୍ଚ୍ଚ ୨୦ ତାରିଖରେ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଶେଷ ହେବ। ପରୀକ୍ଷା ସରିବାର ଦୁଇଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ମାର୍ଚ୍ଚ ୨୨ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ କରାଯିବ। ସେହିପରି ଏପ୍ରିଲ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ଖାତାଦେଖା ଅନ୍‌ଲାଇନରେ ହେବ। ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ କରାଯିବ। ଚଳିତ ବର୍ଷ ଖାତା ଦେଖାରେ ପ୍ରାୟ ୧୫ ହଜାର ଅଧ୍ୟାପିକା ଅଧ୍ୟାପକ ସାମିଲ ହେବେ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ବର୍ଷ ୩ ଲକ୍ଷ ୮୬ହଜାର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

# ହିମାଚଳ: କଂଗ୍ରେସକୁ କ୍ରସ୍ ଭୋଟିଂ କାଳ

ନୂଆଦିଲ୍ଲୀ, ୨୭।୨

ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ହିମାଚଳପ୍ରଦେଶରୁ ମୋଟ ୧୫ ଆସନ ପାଇଁ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରପ୍ରଦେଶର ୧୦ଟି ଆସନରୁ ଭାଜପା ୮ଟିରେ ବିଜୟୀ ହୋଇଥିବାବେଳେ ସମାଜବାଦୀ ପାର୍ଟିକୁ ୨ଟି ଆସନ ମିଳିଛି। ସେହିପରି କର୍ଣ୍ଣାଟକରେ କଂଗ୍ରେସ ୩ଟି ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ଗୋଟିଏ ଆସନ ଜିତିଛି। ଅନ୍ୟପକ୍ଷରେ ହିମାଚଳପ୍ରଦେଶରେ ସଂଖ୍ୟାଗରିଷ୍ଠତା ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ହାରିଯାଇଛନ୍ତି। ସେଠାରେ କଂଗ୍ରେସ ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ଭାଜପା ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି।

କର୍ଣ୍ଣାଟକରେ ୪ ରାଜ୍ୟ ସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ଶାସକ କଂଗ୍ରେସ ୩ ଆସନରେ ଜିତିଥିବାବେଳେ ଭାଜପାକୁ ଗୋଟିଏ ଆସନ ମିଳିଛି। କଂଗ୍ରେସରୁ ଅଜୟ ମାକେନ, ଜି.ସି. ଚନ୍ଦ୍ରଶେଖର ଏବଂ ସୟେଦ ନସୀର ହୁସେନ୍ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିବାବେଳେ ଭାଜପାରୁ ନାରାୟଣ କେ. ଭନ୍ଦାଗେ ଜିତିଛନ୍ତି। ୪ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ୫ ପ୍ରାର୍ଥୀ ରହିଥିଲେ। ଜେଡିଏସ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଡି. କୁପେନ୍ଦ୍ର ରେଡ୍ଡୀ ହାରିଯାଇଛନ୍ତି। ମାକେନ୍‌ଙ୍କୁ ୪୭ ଭୋଟ ମିଳିଥିବାବେଳେ ଚନ୍ଦ୍ରଶେଖର ଏବଂ ହୁସେନ୍‌ଙ୍କୁ ୪୬ଟି ଲେଖାଏ ଭୋଟ ମିଳିଥିଲା। ନିର୍ବାଚନରେ କ୍ରସ ଭୋଟିଂ ହୋଇଥିବା ଜଣାପଡ଼ିଛି। ଭାଜପା ବିଧାୟକ ଏସ୍.ଟି. ସୋମଶେଖର କଂଗ୍ରେସ ପ୍ରାର୍ଥୀ ମାକେନ୍‌ଙ୍କୁ ଭୋଟ ଦେଇଥିଲେ। ଅନ୍ୟତମ ଭାଜପା ବିଧାୟକ ଏ. ଶିବରାମ ହେବ୍ବର ଭୋଟ ବେଳେ ଅନୁପସ୍ଥିତ ରହିଥିଲେ। ଦକ୍ଷିଣ ଭାରତୀୟ ରାଜ୍ୟରେ ଦଳୀୟ ବିଧାୟକଙ୍କ କ୍ରସ୍ ଭୋଟିଂ ଭାଜପା ପାଇଁ ଶକ୍ତ ଧକ୍କା ହୋଇଛି। କର୍ଣ୍ଣାଟକରେ ରାଜ୍ୟ ସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସର ବିଜୟ ନୀତି, ଆଦର୍ଶ, ଗଣତନ୍ତ୍ର ଓ ନୈତିକତାର ବିଜୟ ବୋଲି ଦଳର ସାଧାରଣ ସମ୍ପାଦକ ☞ପୃଷ୍ଠା-୯



ହର୍ଷ ମହାଜନ | ଅଭିଷେକ ମନୁ ସିଂଘଭି

### ରାଜ୍ୟ ସଭା ନିର୍ବାଚନ

- ୧୫ରୁ ୧୦ରେ ଭାଜପା
- ୟୁପିରେ ଏସ୍‌ପିକୁ ୨ ଆସନ
- କର୍ଣ୍ଣାଟକରେ କଂଗ୍ରେସ ୩

### ଆଜିର ସମ୍ପାଦକୀୟ

ଫାଇଟର ପରେ ଆର୍ଟିକଲ୍ ୩୭୦




# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ Bhubaneswar, Wednesday, February 28/2024


# ବିନା ସୁଧରେ ୧୦ ଲକ୍ଷ ଋଣ




## ଆହୁରି ସଶକ୍ତ ହେବ ମିଶନ ଶକ୍ତି

■ ୫ ବର୍ଷରେ ୭୫ ହଜାର କୋଟି ଋଣ ଯୋଗାଇ ଦିଆଯିବ

■ ୫ ହଜାର ମିଶନ ଶକ୍ତି ବଜାର, ରିଟେଲ ଆଉଟଲେଟ ଖୋଲିବ

ଭୁବନେଶ୍ୱର,୨୭।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶାର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ସଦସ୍ୟାଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ମିଶନ ଶକ୍ତିକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ସଦସ୍ୟାଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା'ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଭାବେ କାମ କରିଚାଲିଛନ୍ତି। ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ସଦସ୍ୟମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ ବିଜ୍‌ନେସ ସହାୟତା ଯୋଗାଇ ଦିଆଯାଇଛି। ସେମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶୀଦାର ହୋଇଛନ୍ତି। ନୂଆ ଓଡ଼ିଶା ଗଠନରେ ସାମିଲ ହୋଇଛନ୍ତି। ମିଶନ ଶକ୍ତିର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଦୁବାଇ ଓ ସିଙ୍ଗାପୁରକୁ ଏକ୍ସପୋଜର ଭିଜିଟରେ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଆଗକୁ ଅଧିକରୁ ଅଧିକ ମା' ମାନେ ବିଦେଶ ଯିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏଚ୍ଏଚ୍‌ଜିରୁ ଏସ୍ଏମ୍ଇ ଆଡ଼କୁ ଆଗଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କର୍ପୋରେଟ ଜଗତ ସହ ଯୋଡ଼ି ହୋଇଛନ୍ତି। ବିଜ୍‌ନେସ କରିବା ପାଇଁ ଆଗଉଛନ୍ତି। ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ☞ ପୃଷ୍ଠା-୯










# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୯ଟା।
- ଆଶୋଚାମ୍ ମ୍ୟାନୁଫ୍ୟାକ୍ଚରିଂ କନକ୍ଲେଭ୍, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ନାଶନାଲ ସାଇନ୍ସ ଡେ' ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବହୁଜନ ଅଧିକାର ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କଞ୍ଜ୍ୟୁମର ଆୱେରନେସ୍ ମିଟ୍, ସ୍ଥାନ: ଓଭିଏଚ୍ଏ ସମ୍ମିଳନୀ କକ୍ଷ, ଲକ୍ଷ୍ମୀସାଗର, ସମୟ: ଅପରାହ୍ନ ୨ଟା।
- ବିଜନେସ୍ କନକ୍ଲେଭ ଆଣ୍ଡ ଓଡ଼ିଶା ମିରର ବିଜନେସ୍ ଲିଡରଶିପ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- କୃତି କଫିର ଉଦ୍‌ଘାଟନ, ସ୍ଥାନ: ଆଦର୍ଶ ବିହାର, ଫେଜ୍-୨, ସମୟ: ଅପରାହ୍ନ ୫ଟା ୩୦।
- ଆଲୋଚନା ଗ୍ରନ୍ଥ 'ତିନି ଦଶନ୍ଧିର ଓଡ଼ିଶା' ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୪ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ଥିଏଟର ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସଞ୍ଚାରି ଟ୍ରଷ୍ଟ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରଚଣ୍ଡୀ ସାହି, ସମୟ: ସକାଳ ୮ଟା।
- ଜାତୀୟ ବିଜ୍ଞାନ ଦିବସ ପାଳିତ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୂର୍ବାହ୍ନ ୧୧ଟା।
- ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅନୁଷ୍ଠାନ 'ଆମର' ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶ୍ରୀ ଶ୍ରୀସିଂହନାଥ ଦେବ ବିଜେ ଗୋପୀନାଥପୁରଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସିଂହନାଥ ପୀଠ ପରିସର, ବଡମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ନବନିର୍ମିତ ମାତୃ ଓ ଶିଶୁ ବିଭାଗ ଚିକିତ୍ସାଳୟ ଲୋକାର୍ପଣ ଉତ୍ସବ, ସ୍ଥାନ: ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତିଗିରିଆ, ସମୟ: ଅପରାହ୍ନ ୨ ଟା।
- କଂଗ୍ରେସ ପକ୍ଷରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସମ୍ମିଳନୀ, ସ୍ଥାନ: ଭଦ୍ରେଶ୍ୱରର ମସଜିଦ୍ ପାଖ ପଡିଆ, ମାହାଙ୍ଗା, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ-ସଞ୍ଜୀବ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଏନଏସି ଘୋଷଣାରୁ ଖଇରା ବାଦ୍ ପଡିବା ପ୍ରତିବାଦରେ ଭାଜପା ଓ ଖଇରା ସ୍ୱାଭିମାନ ମଞ୍ଚର ଖଇରା ବନ୍ଦ ଡାକରା, ସ୍ଥାନ: ଖଇରା, ସମୟ: ସକାଳ ୯ଟାରୁ ଅପରାହ୍ନ ୩ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଖ୍ୟାତନାମା ଐତିହାସିକ ଡ. ମନ୍ମଥନାଥ ଦାସ ଓ ତାଙ୍କ ଅନୁଜ ବିଶ୍ୱ ସୃଜନଶୀଳ ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ସ୍ମାରକୀ ଲୋକାର୍ପଣ ଉତ୍ସବ, ସ୍ଥାନ: ଶଙ୍ଖାରୀ ଗ୍ରାମ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଜାତୀୟ ବିଜ୍ଞାନ ଦିବସ ଏବଂ ବିଜ୍ଞାନ ସୋସାଇଟିର ବାର୍ଷିକ ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ସମରବଲ୍ଲଭ ଭୋଇଙ୍କ ଗ୍ରନ୍ଥ ଉନ୍ମୋଚନ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଜାତୀୟ ବିଜ୍ଞାନ ଦିବସରେ ବିଜ୍ଞାନ ଭିତ୍ତିକ ପ୍ରକଳ୍ପର ପ୍ରଦର୍ଶନୀ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ୩୦।
- ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସିଂହାସନ ଖାଲି କର କାର୍ଯ୍ୟକ୍ରମ, ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କିଚକେଶ୍ୱରୀ ମନ୍ଦିର ପରିଦର୍ଶନ, ସ୍ଥାନ: ଖିଚିଂ, ସମୟ: ଅପରାହ୍ନ ୨ଟା୪୫।
- ଜିଲାସ୍ତରୀୟ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଓ ଜନ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ଅପରାହ୍ନ ୩ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ,ଏନ୍ଏଚ୍୨୨୦ରେ ବାଇପାସ୍ ରାସ୍ତା ଓ ବଡ଼ସାହି ବ୍ଲକର ଏକଲବ୍ୟ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର,ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତୁରୁମୁଙ୍ଗା, ପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକ ପତ୍ର, ସ୍ଥାନ:ଆର୍‌ଡିସି କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ,ସମୟ: ସକାଳ ୯ଟା।
- ବିଦ୍ୟା ପବ୍ଲିକ ସ୍କୁଲ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନ:ରଘୁନାଥ ସାହି, ଗଞ୍ଜାମ, ସମୟ:ପୂର୍ବାହ୍ନ ୧୦ ଟା।
- ବଡ଼ନଦୀ ସେତୁ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ କମଳାବାରି ତୋଟା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ବ୍ଲକ ଅନ୍ତରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା୩୦।
- ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ, ସ୍ଥାନ: ବାରୁଡ଼ା ଛକ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଭଞ୍ଜନଗର-ଦଶପଲ୍ଲା ରାସ୍ତାର ଶିଳାନ୍ୟାସ, ସ୍ଥାନ: ବାରୁଡା ଛକ, ସମୟ: ମଧ୍ୟାହ୍ନ ୧୨ ଟା। ଏଥିସହିତ ଉକ୍ତ କାର୍ଯ୍ୟକ୍ରମ ଲାଗି ସାଧାରଣ ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ପହଣ୍ଡା ଛକ, ସମୟ: ଅପରାହ୍ନ ୧ଟା।
- ନାଗରିକ ମଞ୍ଚର ବିକ୍ଷୋଭ,ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା୩୦।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ର ଧାରଣା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ।
- ବାଣିଜ୍ୟ ମେଳା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ କଥା ଓ ପ୍ରବଚନ, ସ୍ଥାନ: ଭଞ୍ଜନଗର ଘୁମୁସର ବୈଶ୍ୟ ଧର୍ମଶାଳା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବିଭିନ୍ନ ଦାବିରେ ବ୍ଲକ ଅଧ୍ୟକ୍ଷା ଓ ଅନ୍ୟମାନଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା, ସ୍ଥାନ: ବ୍ଲକ୍ ଅଫିସ, ଗୁଡ଼ାରି, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଜାଗା ମିଶନ ନେଇ ୪ ଜିଲାର ପୌର ଅଧିକାରୀମାନଙ୍କ ତାଲିମ ଶିବିର, ସ୍ଥାନ: ଗାନ୍ଧୀନଗର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ୧୧ଟା।
- ଜୟପୁର ସାଇନ୍ସ ପାର୍କ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଲ୍ଲା ମେଡିକାଲ ପାଖ, ସମୟ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର
- ଚନ୍ଦ୍ର ଘଣ୍ଟେଶ୍ୱର ଶିବ ମନ୍ଦିର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନବରଙ୍ଗପୁର ପୋଲିସ ରିଜର୍ଭ ପଡ଼ିଆ, ସମୟ: ସକାଳ ୭ଟା ୩୦।

## ମାଲକାନଗିରି
- କାଙ୍ଗୁରକୋଣ୍ଡା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:କାଙ୍ଗୁରକୋଣ୍ଡା,ସମୟ: ଅପରାହ୍ନ ୪ଟା ।

## ସମ୍ବଲପୁର
- ଭିସୁଟ୍‌ରେ ଜାତୀୟ ସମ୍ମିଳନୀ, ସ୍ଥାନ: ଭିସୁଟ୍ ସଭାଗୃହ, ସମୟ: ପୂର୍ବାହ୍ନ ୯ଟା ୩୦।
- ଗାଁ ସାଥୀ ସମାବେଶ, ସ୍ଥାନ: ପିଏଚ୍‌ଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୫ଟା।

## ବଲାଙ୍ଗୀର
- ଆଗଲପୁର ବ୍ଲକ କୃଷକ ସଂଘର୍ଷ ସମିତି ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ରୁଗୁଡ଼ିଖାଲ, ସମୟ: ସକାଳ ୭ଟାରୁ।
- ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ବ୍ଲକ ତେଲେନପାଲି, ସମୟ: ସକାଳ ୯ଟା।
- ଯାଦବ ସମାଜର ସମାବେଶ, ସ୍ଥାନ: ଟିଟିଲାଗଡ଼ ବ୍ଲକ ପିପଲପଦର, ସମୟ: ପୂର୍ବାହ୍ନ୧୧ଟା।
- ଟିଟିଲାଗଡ଼ ସାହୁ ସମାଜ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: ମା' ଓ ଶିଶୁ ହସ୍ପିଟାଲ ପାର୍ଶ୍ୱ, ସମୟ: ମଧ୍ୟାହ୍ନ ୧୨ଟା।
- ଦେବୋତ୍ତର କମିଟି ବୈଠକ, ସ୍ଥାନ: ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ହୋଟେଲ ପରିଚାଳନା ସଂସ୍ଥାର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଏସ୍ଆଇଏଚ୍ଏମ୍ ପରିସର, ଟିଟିଲାଗଡ ରୋଡ଼, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ ଟା ୩୦।

## ସୁବର୍ଣ୍ଣପୁର
- ଶୁଖା-ଦୁଡୁକା ରାସ୍ତାର ଅଙ୍ଗନଦୀ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକର ଶୁଖା ଅଙ୍ଗନଦୀ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଦୀରେ ମାଛ ବଂଶ ବୃଦ୍ଧି ପାଇଁ ସଚେତନତା ଶିବିର, ସ୍ଥାନ: ସୋନପୁର ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଲିପାଲି(ଗାଇସୀମା), ସମୟ: ପୂର୍ବାହ୍ନ ୧୦ଟା।
- ଚିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କ ବିକ୍ଷୋଭ ସମାବେଶ, ସ୍ଥାନ: ଅତାବିରା ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ଏମ୍‌ଜିଏନ୍ଆରଇଜିଏସ୍ ଓ ଖାଦ୍ୟ ସୁରକ୍ଷା ସାମାଜିକ ସମୀକ୍ଷାର ଜନଶୁଣାଣି, ସ୍ଥାନ: ବଡ଼ଗାଁ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ବାଲାଜୀ ମନ୍ଦିର ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୬ଟା।
- ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଏସ୍ଏପି ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ କର୍ମୀ କଲ୍ୟାଣୀ ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ହକି ଭିଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼
- ଜିଲା କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବଣି ବ୍ଲକର ନୂଆଡ଼ି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ପଞ୍ଚମ ଦିବସ, ସ୍ଥାନ: ମହୁଲିଡିପା ସାହି, ନାଳପଡିଆ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ବୈଷୟିକ ପରିଚାଳନା ସଂସ୍ଥା ଆନୁକୂଲ୍ୟରେ କୃଷକ ତାଲିମ ଶିବିର, ସ୍ଥାନ: ରିଆମାଳ ବ୍ଲକର ବୁଡ଼ିଦୋ ପଞ୍ଚାୟତ ଘମମୁଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଥାୟୀ ପଟ୍ଟା ଓ ପକ୍କା ଘର ପ୍ରଦାନ ଦାବିରେ ସାଧାରଣ ସଭା, ସ୍ଥାନ: ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲା ବିଜ୍ଞାନ କେନ୍ଦ୍ର ଶିଳାନ୍ୟାସ, ସ୍ଥାନ: ନୂଆପଡ଼ା ଓସ୍ୱାନ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ
- କନ୍ଧମାଳ ରେଞ୍ଜର ଘଣ୍ଟାପଡା ସେକ୍ସନ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରାରେ ବିଏସଏସ ଗୃହ ଉଦ୍‌ଘାଟନ, ସ୍ଥାନ: ବନ୍ଧଗୋରା, ସମୟ: ସକାଳ ୯ଟା।
- ବୌଦ୍ଧ ସହର ମର୍ଯ୍ୟାକୁଦଠାରେ ଜିଲା ବିଜ୍ଞାନ କେନ୍ଦ୍ରର ଶିଳାନ୍ୟାସ, ସ୍ଥାନ: ଓସମାନ ହଲ,ବୌଦ୍ଧ , ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ
- ପିଏମ୍ ବିଶ୍ୱକର୍ମା ସ୍କିମ୍ ସମ୍ପର୍କିତ କର୍ମଶାଳା, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସକାଳ ୯ଟା।

## ଅନୁଗୋଳ
- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱୟଂସହାୟକ ଗୋଷ୍ଠୀ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- କ୍ରୀଡ଼ା ସଂସ୍କୃତି ଓ ପର୍ଯ୍ୟଟନ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁ ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ଏମ୍ଏଏସ୍ ସମ୍ମିଳନୀ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲା ବିଜ୍ଞାନ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୂଆଷଣ୍ଢକୁଦ, ପାରାଦୀପ, ସମୟ: ଅପରାହ୍ନ ୪ଟା ୩୦।

## ନୟାଗଡ଼
- ବର ଅଶ୍ୱସ୍ତ ବିବାହ ଉତ୍ସବ,ସ୍ଥାନ: ଦଶପଲ୍ଲା ବ୍ଲକ କୁଆଁରିଆ ନର୍ସରୀ ପଛପାଖ, ସମୟ: ସକାଳ ୮ଟା ।
- ପୋଲିସ ପ୍ରତିଷ୍ଠାନ ନୟାଗଡ଼ର କନ୍‌ଷ୍ଟେବଳ ପ୍ରଶିକ୍ଷାର୍ଥୀମାନଙ୍କ ୫୪ତମ ଦୀକ୍ଷାନ୍ତ ସମାରୋହ,ସ୍ଥାନ: ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ: ସକାଳ ୮ଟା୩୦ ।
- ମ୍ୟୁନିସିପାଲିଟି କାଉନସିଲ ବୈଠକ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ଗୋବରୀ ନଦୀ ହାଇଲେବୁଲ ବ୍ରିଜ୍ ଉଦ୍‌ଘାଟନ, ସ୍ଥାନ:ମିଳନମୋଡ ଛକ, ମହାକାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ବର୍ଦ୍ଧିତ ଭତ୍ତା ଓ ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସହାୟତା କାର୍ଯ୍ୟକ୍ରମ, ସ୍ଥାନ: ଅଟାଳ ପଞ୍ଚାୟତ ସମ୍ମୁଖ ପଡ଼ିଆ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଭତ୍ତା ଓ ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସହାୟତା କାର୍ଯ୍ୟକ୍ରମ, ସ୍ଥାନ: ନିଆଳ ଖେଳ ପଡ଼ିଆ, ଆଳି, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ୍‌ର ଖଇରାବାଦ ପଞ୍ଚାୟତ ଅଫିସ ପଡ଼ିଆ ଓ ସାନସୁଆର ପଞ୍ଚାୟତର କପାସି ଜାଗୁଲାଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍ଏଚ୍‌ଜି ମହିଳାଙ୍କୁ ଋଣ ପ୍ରଦାନ ମେଳା, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ହେତୁ ନିଜ ଲୋକଙ୍କୁ ସନ୍ଦେହ କରିବାର ପରିସ୍ଥିତି ସୃଷ୍ଟିହେବ। ସାମାନ୍ୟ ସମସ୍ୟା ସହ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ମନକୁ ଅସମ୍ଭବ ଭାବେ ଅସ୍ଥିର କରିବାର ଆଶଙ୍କା ରହିଛି।

**ବୃଷ** ମାନସିକ ଅସ୍ଥିରତା ଲାଗି ରହିବା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିବାରେ ପଛେଇଯିବେ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରୁ ଆଶ୍ୱସ୍ତି ମିଳିବ। ବହୁତ ଦିନରୁ ଘରକୁ ଆଣିପାରି ନ ଥିବା ଜିନିଷଟି ଆଜି ଆଣିବେ। ରୋହିଣୀ ନକ୍ଷତ୍ର ଅନ୍ୟମାନଙ୍କ କଥାରେ ସହକର୍ମୀଟିର ମନୋଭାବ ବଦଳିଯିବ।

**ମିଥୁନ** ଆଜି ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମ କରିବାକୁ ଚେଷ୍ଟିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମୃଗଶିରା ନକ୍ଷତ୍ରର ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି, କାର୍ଯ୍ୟରେ ସଫଳତା ସକାଶେ ଉଦ୍ୟମ ବିଫଳ ହେବନାହିଁ।

**କର୍କଟ** ଆଜିର ଗ୍ରହସ୍ଥିତି ମାନସିକ, ଶାରୀରିକ ଓ ଆର୍ଥିକ ସ୍ଥିତିକୁ ମଜଭୁତ କରିବ। ଅବଶ୍ୟ କର୍ମକ୍ଷେତ୍ରରେ ଫାଇଲ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ବ୍ୟସ୍ତ ରହିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଜଞ୍ଜାଳ ବଢ଼ିବା କାରଣରୁ ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହୋଇପାରେ। ବାଣିଜ୍ୟ, ପରିବହନର ସ୍ଥିତି ପୂର୍ବପରି ରହିବ।

**ସିଂହ** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସମସ୍ୟାର ସମାଧାନ, ନୈରାଶ୍ୟଜନକ ସ୍ଥିତିରେ ଆଶାର ସଞ୍ଚାର ପରିଲକ୍ଷିତ ହେବ। ପୂର୍ବା ଫାଲଗୁନୀ ନକ୍ଷତ୍ର ପାଇଁ ଅନ୍ୟମାନେ ପଛରେ ବିଭିନ୍ନ ସମାଲୋଚନାତ୍ମକ ମନ୍ତବ୍ୟ ପ୍ରଦାନ କରିପାରନ୍ତି। ସାଙ୍ଗସାଥୀମାନେ ହିଁ ଆପଣଙ୍କ ପାଇଁ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇବା ସାର ହେବ। ମିଠାକଥା କହି ବନ୍ଧୁଙ୍କ ଦ୍ୱାରା କାମ ହାସଲରେ ସଫଳ ହେବେ। ହସ୍ତା ନକ୍ଷତ୍ର କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ଯେଉଁ ବ୍ୟକ୍ତି ବିଷୟରେ ଭାବିବେ ତାଙ୍କୁ ହଠାତ୍ ଅତି ନିକଟରେ ଦେଖିପାରନ୍ତି।

**ତୁଳା** କୌଣସି ଘଟଣାକୁ ନେଇ ଘର ଲୋକଙ୍କ ବ୍ୟସ୍ତତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିପାରେ। ସ୍ୱାତୀ ନକ୍ଷତ୍ର ସାଧାରଣ କଥାକୁ କେନ୍ଦ୍ରକରି ଅଧସ୍ତନ କର୍ମଚାରୀଙ୍କ ସମସ୍ୟାକୁ ବୃଦ୍ଧି କରିପାରନ୍ତି। କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜଆଡ଼କୁ ଅଙ୍ଗୁଳି ଦେଖାଇବ। ସଭାସମିତି, ଆନୁଷ୍ଠାନିକ କାମରେ ପ୍ରତିଯୋଗିତା ମନୋଭାବ ଉପୁଜିବ।

**ବିଛା** ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଆଶା ପୂରଣ ହୋଇପାରିବ ନାହିଁ। ଅତୀତ ଘଟଣା ମନକୁ ଆଲୋଡ଼ିତ କରିପାରେ। ଅଭାବ ନ ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁ କେତେକ ସୁଯୋଗ ହରାଇ ଦୁଃଖିତ ହେବେ। ବନ୍ଧୁମାନଙ୍କ ସହାୟତାରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ** ମୂଳା ନକ୍ଷତ୍ର କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ, ଆଲୋଚନା ତଥା ମାମଲିମକଦ୍ଦମାରେ ସଫଳତା ପାଇବେ। ଜିଦ୍‌ରେ ଅଟଳ ରହି ଅଶାନ୍ତ ବାତାବରଣକୁ ନିମନ୍ତ୍ରଣ କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଶ୍ରବଣା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ମାତ୍ର ସନ୍ତୋଷଜନକ ହେବନାହିଁ। ସଭାସମିତି, ବିବାଦୀୟ ପରିସ୍ଥିତି ଓ ମାମଲିମକଦ୍ଦମାରେ ସଫଳତା ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ଅଧୈର୍ଯ୍ୟ ନ ହୋଇ ସ୍ଥିରଭାବେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁଙ୍କୁ ଖବର ଦେବାରେ ହେଳା ଲାଗି କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** ଆଜି ବନ୍ଧୁମାନଙ୍କ ସହାୟତା ଲାଭକରି ସମସ୍ୟା ଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ଦେଖାଦେବ। ଉତ୍ତର ଭାଦ୍ରବ ନକ୍ଷତ୍ରର କଠିନ ଶ୍ରମଜନିତ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପାରିଶ୍ରମିକ ମନଲାଖି ନ ହେବା କାରଣରୁ ବିଷାଦଗ୍ରସ୍ତ ହୋଇପାରନ୍ତି।

ଆଜି ଫେବୃଆରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ, ବୁଧବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୧ମି. ଗତେ ଘ.୦୭।୪୪ମି. ମଧ୍ୟେ, ଘ.୧୦।୩୨ମି. ଗତେ ଘ.୧୧।୩୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୧୧।୫୯ମି. ଗତେ ଘ.୦୧।୨୬ମି. ମଧ୍ୟେ ରାହୁକାଳ॥

# ଶିମିଳିପାଳରେ ଛଡ଼ାଯିବ ବାହାର ବାଘୁଣୀ

**ଭୁବନେଶ୍ୱର, ୨୭।୨(ଅସମାପିକା ସାହୁ)**

ଶିମିଳିପାଳରେ ଏବେ କଳା ବାଘ ବଂଶ ବୃଦ୍ଧି ପାଉଛି। ଯଦିଓ ଏହିଭଳି କଳାବାଘ କେବଳ ଶିମିଳିପାଳରେ ଦେଖାଯାଉଥିବାରୁ ବନ ବିଭାଗ ଖୁସି ହେଉଛି, ତଥାପି ଏହାର ସଂଖ୍ୟା ବଢୁଥିବାରୁ ଚିନ୍ତା ମଧ୍ୟ ଘାରୁଛି। ତେଣୁ ଏହାର ସମାଧାନ ପାଇଁ ବାହାରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବା ପାଇଁ ବନ ବିଭାଗ ଚିନ୍ତା କରିଛି। ଶିମିଳିପାଳରେ ଏବେ ୧୩ଟି କଳା ବାଘ ରହିଛି। ଇନ୍ ବ୍ରିଡିଂ ଯୋଗୁ କଳା ବାଘଙ୍କ ସଂଖ୍ୟା ବଢୁଥିବା ପିସିସିଏଫ୍ (ବନ୍ୟପାଣୀ) ସୁଶାନ୍ତ ନନ୍ଦ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟ ସ୍ଥାନରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ଏଥିପାଇଁ ଏନ୍‌ଟିସିଏ ଏବଂ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ସହ ଯୋଗାଯୋଗ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ଓଡ଼ିଶାରେ ପ୍ରତିବର୍ଷ ବାଘ ଗଣନା ହେବ। କ୍ୟାମେରା ଟ୍ରାପ୍ ଜରିଆରେ ବର୍ଷ ସାରା ମହାବଳ ବାଘଙ୍କ ସ୍ଥିତି ଉପରେ ନଜର ରହିବ ବୋଲି ମଙ୍ଗଳବାର ପିସିସିଏଫ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନନ୍ଦ ଏହି ସୂଚନା ଦେଇଛନ୍ତି। ସେପଟେ ସାତକୋଶିଆରେ ଗୋଟିଏ ବି ମହାବଳ ବାଘ ନାହାନ୍ତି। ଅଭୟାରଣ୍ୟ ଭିତରେ ଥିବା ଜନବସତିକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛଡ଼ାଯିବା ନେଇ ଯୋଜନା କରାଯିବ। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିବା ପରେ ମହାବଳ ନୂଆ ଟେରିଟରି ସନ୍ଧାନରେ ଅଛନ୍ତି। ତେଣୁ କେନ୍ଦୁଝର, ହଦଗଡ଼ ଓ କୁଲଡ଼ିହାକୁ ମିଶାଇ ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ ବିକାଶ କରାଯାଉଛି ବୋଲି ପିସିସିଏଫ୍ କହିଛନ୍ତି।

# ମିଶନ ଶକ୍ତି ବଜାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୭।୨(ଅନିଲ ଦାସ)**

■ ମହିଳା ଉଦ୍ୟୋଗୀ ଉତ୍ପାଦ ସାମଗ୍ରୀ ପାଇଁ ସୃଷ୍ଟି କରିବ ବଜାର ସୁବିଧା
■ କେଏମ୍ଏଫ୍‌ପି ଦ୍ୱାରା ପରିଚାଳିତ ହେବ
■ ଦୀର୍ଘମିଆଦୀ ମହିଳା ଜୀବିକା ସହାୟତା ପାଇଁ ହେବ ବଡ଼ ପ୍ଲାଟ୍‌ଫର୍ମ: ମୁଖ୍ୟମନ୍ତ୍ରୀ
■ ଫେବୃୟାରୀ ୧୯ରେ ମିଶନ ଶକ୍ତି ବଜାରର ଚୂଡ଼ାନ୍ତ ସମୀକ୍ଷା କରିଥିଲେ ପାଣ୍ଡିଆନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱରରେ ମିଶନ ଶକ୍ତି ବଜାରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟର ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ପାଇଁ ଦୀର୍ଘମିଆଦୀ ଜୀବିକାର୍ଜନ ଲାଗି ମିଶନ ଶକ୍ତି ବଜାର ବଡ଼ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ। ମହିଳା ଉଦ୍ୟୋଗୀ ସୃଷ୍ଟି ଦିଗରେ ୫-ଟି କ୍ରମରେ ଏହାର ବିକାଶ କରାଯାଇଛି। ମିଶନ ଶକ୍ତି ବଜାର ଉଦ୍‌ଘାଟନ ହେବା ପୂର୍ବରୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଫେବୃୟାରୀ ୧୯ ତାରିଖରେ ପରିଦର୍ଶନ କରି ଏହାର ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହାଦ୍ୱାରା ଏଣିକି ଘରେ ଘରେ ପହଞ୍ଚିବ ମିଶନ ଶକ୍ତି ମହିଳାଙ୍କ ଉତ୍ପାଦ। ଗ୍ରାହକଙ୍କୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ କିଣିବା ସୁବିଧା ମିଳିପାରିବ। ଏଥିରେ ସମଗ୍ର ରାଜ୍ୟର ମିଶନ ଶକ୍ତି ଗ୍ରୁପ୍‌ର ଉତ୍ପାଦଗୁଡ଼ିକ ବିକ୍ରି ପାଇଁ ପ୍ରଦର୍ଶନ କରାଯିବ। ଏହା ଖୋର୍ଦ୍ଧା ମାତୃଶକ୍ତି ଫାର୍ମର୍ସ ପ୍ରଡ୍ୟୁସର (କେଏମ୍ଏଫ୍‌ପି) କମ୍ପାନୀ ଦ୍ୱାରା ପରିଚାଳିତ ହେବ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍ଏଚ୍‌ଜି ଅଂଶୀଦାର ଭାବେ ରହିଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ମହିଳା ଏଥିରେ ସାମିଲ ହୋଇ ସେମାନଙ୍କ ଉତ୍ପାଦ ବିକ୍ରି କରିପାରିବେ। ରାଜ୍ୟରେ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ପ୍ରୋତ୍ସାହିତ ଓ ବିକ୍ରି କରିବା ପାଇଁ କେଏମ୍ଏଫ୍‌ପି ଓ ମିଶନ ଶକ୍ତି ବିଭାଗର ମୂଳ ଲକ୍ଷ୍ୟ। ପ୍ରଡ୍ୟୁସର କମ୍ପାନୀଗୁଡ଼ିକ ବୈଷୟିକ ସେବା ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହି ବଜାରରେ ଲୋକେ ଝାଡୁଠାରୁ ପାଟଶାଢ଼ି, ବେତ ସୋଫା, ଘରକରଣା ଜିନିଷ, ମିଲେଟ୍ସ ଉତ୍ପାଦ, ପଟ୍ଟଚିତ୍ର, ପେଣ୍ଟିଂ, କନ୍ଧମାଳ ହଳଦୀ ସମେତ ପ୍ରାୟ ୧ ହଜାର ପ୍ରକାର ଉତ୍ପାଦ କିଣିବାର ସୁବିଧା ପାଇବେ।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ | Bhubaneswar, Wednesday, February 28/2024 | ପୃଷ୍ଠା-୧







# କ୍ରିକେଟ ପାଇଁ ବୃହତ୍ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ହେବ ବାରବାଟୀ ଷ୍ଟାଡିୟମ
- ସମ୍ବଲପୁର ଭିଏସ୍ଏସ୍ କ୍ରିକେଟ ଷ୍ଟାଡିୟମର ହେବ ପୁନର୍ବିନ୍ୟାସ
- ପୁରୀ, ବ୍ରହ୍ମପୁର, ଯାଜପୁର, ଝାରସୁଗୁଡ଼ାର ୪୧ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ
- ଦେଶର ସର୍ବବୃହତ୍ ଭାରୋତ୍ତୋଳନ ଏକାଡେମୀ ଲୋକାର୍ପିତ



ଭୁବନେଶ୍ୱର,୨୭।୨(ଅନିଲ ଦାସ)

ଓଡ଼ିଶା କ୍ରିକେଟ ଖେଳ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃନିର୍ମାଣ ଘୋଷଣା କରିବା ସହ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ କ୍ରିକେଟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୪୧ କ୍ରିକେଟ ଏକାଡେମୀ ଉଦ୍‌ଘାଟନ କରିବା ସହ ଅନେକ କ୍ରୀଡ଼ା ପ୍ରକଳ୍ପର ଭିତ୍ତି ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିସିଆଇ, ଓସିଏ ଏବଂ କର୍ପୋରେଟ ସଂସ୍ଥାଗୁଡ଼ିକର ମିଳିତ ସହଯୋଗରେ ଅତ୍ୟାଧୁନିକ ସୁବିଧା ସହ ବାରବାଟୀ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଭାବେ ପୁନର୍ବିକାଶ କରାଯିବ। ତେବେ ଆଇକନିକ କ୍ଲକ୍ ଟାୱାରକୁ ଐତିହ୍ୟ ସ୍ମାରକୀ ଭାବେ ସଂରକ୍ଷଣ କରାଯିବ। ସମ୍ବଲପୁରରେ ଥିବା ଭିଏସ୍ଏସ୍ ☞ପୃଷ୍ଠା-୯

# ୨୦୪୦ ସୁଦ୍ଧା ଚନ୍ଦ୍ରକୁ ମାନବ ପ୍ରେରଣ ଲକ୍ଷ୍ୟ

## ୪ ଗଗନଯାନ ମହାକାଶଚାରୀଙ୍କ ନାଁ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ



ବାମରୁ ପ୍ରଶାନ୍ତ ବାଲାକ୍ରିଷ୍ଣନ ନାୟାର, ଅଙ୍ଗଦ ପ୍ରତାପ, ଅଜିତ କ୍ରିଷ୍ଣନ ଓ ଶୁଭାଂଶୁ ଶୁକ୍ଲା।

ନୂଆଦିଲ୍ଲୀ,୨୭।୨

ମହାକାଶକୁ ଭାରତର ପ୍ରଥମ ମାନବ ମିଶନ ଗଗନୟାନରେ ଭାଗନେବାକୁ ଥିବା ୪ ମହାକାଶଚାରୀଙ୍କ ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପ୍ରକାଶ କରିଛନ୍ତି। ଥିରୁଭାନନ୍ତପୁରମ୍‌ସ୍ଥିତ ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଗନୟାନରେ ଯିବା ପାଇଁ ଚୟନ ହୋଇଥିବା ୪ ଜଣଙ୍କୁ ମହାକାଶଚାରୀର ପରିଚୟ ଦେଇଛନ୍ତି। ସେମାନେ ହେଲେ ଗ୍ରୁପ୍ କ୍ୟାପ୍ଟେନ ପ୍ରଶାନ୍ତ ବାଲାକ୍ରିଷ୍ଣନ ନାୟାର, ଗ୍ରୁପ୍ କ୍ୟାପ୍ଟେନ୍ ଅଜିତ କ୍ରିଷ୍ଣନ, ଗ୍ରୁପ୍ କ୍ୟାପ୍ଟେନ ଅଙ୍ଗଦ ପ୍ରତାପ ଏବଂ ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଲା।

ଏହି ମାନବ ମିଶନରେ କ୍ରିଉ ସଦସ୍ୟମାନଙ୍କୁ ୪୦୦ କିଲୋମିଟର ଦୂରରେ ଥିବା ପୃଥିବୀର ନିମ୍ନ କକ୍ଷକୁ ନେବା ସହ ୩ ଦିନ ପରେ ସେମାନଙ୍କୁ ଫେରାଇ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ନିରାପତ୍ତା ପାଇଁ ଗଗନୟାନକୁ ଭାରତୀୟ ସମୁଦ୍ରରେ ଅବତରଣ କରାଯିବ। ଚୟନ ହୋଇଥିବା ମହାକାଶଚାରୀମାନେ ମିଶନ ସମୟରେ ଯେପରି ସୁସ୍ଥ ରହିବେ ସେଥିପାଇଁ ସେମାନଙ୍କୁ ବୈଷୟିକ ଜ୍ଞାନ ଏବଂ ଶାରୀରିକ ଫିଟ୍‌ନେସ୍ ତାଲିମ ଦିଆଯାଇଛି। ଗଗନୟାନର ୪ ଯାତ୍ରୀ କେବଳ ୪ଟି ନାଁ କିମ୍ବା ୪ ଜଣ ନୁହନ୍ତି, ସେମାନେ ୧୪୦ କୋଟି ଭାରତୀୟଙ୍କ ଆଶା ଆକାଂକ୍ଷାକୁ ମହାକାଶକୁ ନେଇଯିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘ ୪୦ ବର୍ଷ ପରେ ଭାରତୀୟମାନେ ମହାକାଶରେ ପହଞ୍ଚିବାକୁ ଯାଉଛନ୍ତି। ତେବେ ଏଥରର ସମୟ, ଅବଗଣନା, ରକେଟ ସବୁକିଛି ଆମର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ୧୯୮୪ରେ ସୋଭିଏଟ୍ ରୁଷ୍ ମିଶନରେ ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶ ଯାଇଥିଲେ।

ପ୍ରଧାନମନ୍ତ୍ରୀ ମହାକାଶଚାରୀମାନଙ୍କ ନାଁ ଘୋଷଣା କଲାବେଳେ ଉକ୍ତ କାର୍ଯ୍ୟକ୍ରମରେ କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ, ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ଏବଂ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ପ୍ରମୁଖ ଉପସ୍ଥିତ ଥିଲେ। ଗଗନୟାନ ମିଶନର ☞ପୃଷ୍ଠା-୯




# ଫାଇଟର ପରେ ଆର୍ଟିକଲ ୩୭୦

ଫେବୃଆରୀ ୨୩ରେ ଆଦିତ୍ୟ ସୁହାସ ଜମ୍ଭାଲେଙ୍କ ନିର୍ଦ୍ଦେଶିତ ତଥା ୟାମୀ ଗୌତମଙ୍କ ଅଭିନୀତ ଆର୍ଟିକଲ ୩୭୦ ସିନେମା ରିଲିଜ ହୋଇଯାଇଛି। ଭାରତରେ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ସିନେମାରେ ରାଜନୈତିକ ଉଦ୍ଦେଶ୍ୟ ଥିବା କୁହାଯାଉଛି। ଏହି ଚଳଚ୍ଚିତ୍ର ଭାରତରେ ଭଲ ବ୍ୟବସାୟ କରୁଥିବାବେଳେ କେତେକ ମଧ୍ୟପ୍ରାଚ୍ୟ ଦେଶ ଏହାକୁ ରିଲିଜ କରିବାକୁ ନ ଦେଇ ସାର୍ଟିଫିକେଶନ ଅପେକ୍ଷାରେ ରହିଛନ୍ତି। ଆଶ୍ଚର୍ଯ୍ୟକର ବିଷୟ ହେଉଛି, ଗତ ସପ୍ତାହରେ ହ୍ରିତିକ ରୋଶନ ଓ ଦୀପିକା ପାଦୁକୋନଙ୍କ ଅଭିନୀତ ଫାଇଟର ସିନେମାକୁ ୟୁଏଇକୁ ଛାଡ଼ି ଅନ୍ୟ ସବୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ନିଷେଧ କରାଯିବା ପରେ ଏବେ ଆର୍ଟିକଲ ୩୭୦ ଉପରେ ପ୍ରଶ୍ନ ଉଠିଛି। ଭାରତ-ପାକିସ୍ତାନ ସୀମା ସଂଘର୍ଷ, ବିଶେଷକରି ୨୦୧୯ର ପୁଲୱାମା ଉଗ୍ରବାଦୀ ଆକ୍ରମଣ ଓ ବାଲାକୋଟ ଏୟାର୍‌ଷ୍ଟ୍ରାଇକ ଫାଇଟର ସିନେମାର ମୂଳ କାହାଣୀ। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବା ସହ ସେହି ରାଜ୍ୟକୁ ବିଭାଜନ କରି ଜମ୍ମୁକଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି କରି ଗତବର୍ଷ କୋର୍ଟ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବୈଧ ଘୋଷଣା କରିବା ସହ ଜମ୍ମୁକଶ୍ମୀର ରାଜ୍ୟ ମାନ୍ୟତା ପୁନଃ ସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆର୍ଟିକଲ ୩୭୦ ଚଳଚ୍ଚିତ୍ରର କାହାଣୀ ସପକ୍ଷରେ ଶାସକ ନେତାମାନେ ଯୁକ୍ତି କରୁଥିବାବେଳେ ଆଉ ଏକ ଗୋଷ୍ଠୀ ଏହାକୁ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଦେଖିବାକୁ ଗଲେ ବିଦେଶରେ ଏଭଳି ଭାରତୀୟ ସିନେମାକୁ ବିରୋଧ କରାଯିବା ଘଟଣା ନୂଆ ନୁହେଁ। ନବେ ଦଶକର କଶ୍ମୀର ପଣ୍ଡିତଙ୍କ ନିର୍ଯାତନା ଓ ସେମାନଙ୍କ ସଂଘର୍ଷକୁ ନେଇ ୩ ଦଶନ୍ଧି ପରେ ଏହା ଉପରେ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଦି କଶ୍ମୀର ଫାଇଲ୍ସ ଚଳଚ୍ଚିତ୍ରକୁ ବିରୋଧ କରାଯାଇଥିଲା ଓ ସଂଖ୍ୟାଲଘୁଙ୍କ ପ୍ରତି ବିଦ୍ୱେଷ ଭାବ ସୃଷ୍ଟି କରାଯାଇଛି ବୋଲି ଅଭିଯୋଗ ଉଠିଥିଲା। ସିଙ୍ଗାପୁରରେ ଏହାକୁ ନିଷେଧ କରାଯାଇଥିଲା । ଏପରି କି ୨୦୨୨ରେ ଆୟୋଜିତ ଗୋଆ ଅନ୍ତଃରାଷ୍ଟ୍ରୀୟ ଚଳଚ୍ଚିତ୍ର ମହୋତ୍ସବର ଜୁରି ଚେୟାରମ୍ୟାନ ତଥା ଇସ୍ରାଏଲୀ ଚଳଚ୍ଚିତ୍ର ନିର୍ମାତା ନାଦାଭ ଲାପିଡ ଏହାକୁ ଅଶ୍ଳୀଳ ଓ ପ୍ରଚାରଧର୍ମୀ ଚଳଚ୍ଚିତ୍ର ବୋଲି କହିଥିଲେ। ଏଥିରେ ଅନ୍ୟ ଜୁରି ସଦସ୍ୟମାନେ ଏକମତ ହୋଇଥିବାବେଳେ କେବଳ ଜୁରିରେ ଏକ ମାତ୍ର ଭାରତୀୟ ସଦସ୍ୟ ଚଳଚ୍ଚିତ୍ର ନିର୍ମାତା ସୁଦୀପ୍ତୋ ସେନ ତାହା ନାଭାଦଙ୍କ ବ୍ୟକ୍ତିଗତ ମତ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପରବର୍ତ୍ତୀ ସମୟରେ ସୁଦୀପ୍ତୋ ସେନ୍‌ଙ୍କ ନିର୍ଦ୍ଦେଶନାରେ ଓ ବିପୁଲ ଅମୃତଲାଲ ଶାହାଙ୍କ ଦ୍ୱାରା ଦି କେରଲା ଷ୍ଟୋରି ସିନେମା ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର ଟ୍ରେଲର ରିଲିଜ ପୂର୍ବରୁ ଦେଶରେ ଝଡ଼ ଉଠିଥିଲା। କଂଗ୍ରେସ, ସିପିଏମ୍ ଓ ଅନ୍ୟ କେତେକ ଆଞ୍ଚଳିକ ଦଳ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହା ଉପରେ ନିଷେଧାଦେଶ ଜାରି କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା ଏବଂ କୋର୍ଟ ଏହାର ବିଚାର କରି ପ୍ରତିବନ୍ଧକ ଲଗାଇବାକୁ ମନା କରିଦେଇଥିଲେ। ଏହି ସିନେମାରେ କେରଳରୁ ୩୨,୦୦୦ ଝିଅ ନିଖୋଜ ହୋଇଯିବା ଏବଂ ସେମାନେ ପରେ ଆଇଏସ୍‌ଆଇଏସ୍‌ରେ ଯୋଗଦେବା ବିଷୟ ଦର୍ଶାଯାଇଥିଲା। କିନ୍ତୁ ସେହି ତଥ୍ୟ ପରବର୍ତ୍ତୀ ସମୟରେ ଅସତ୍ୟ ବୋଲି ପ୍ରମାଣିତ ହୋଇଥିଲା।

ଦି କଶ୍ମୀର ଫାଇଲ୍ସ, ଦି କେରଲା ଷ୍ଟୋରି ସିନେମାଗୁଡ଼ିକରେ ସଂଖ୍ୟାଲଘୁଙ୍କ ପ୍ରତି କିଛି ବିରୋଧାତ୍ମକ ବିଷୟ ରହିଥିବାର ଅଭିଯୋଗ ଉଠିଥିଲା। ଏବେ ଫାଇଟର ଓ ଆର୍ଟିକଲ ୩୭୦ ସିନେମାରେ ସମାନ ପ୍ରକାର ଅଭିଯୋଗ କରାଯାଇଛି। ବିଗତ ବର୍ଷଗୁଡ଼ିକରେ ରିଲିଜ ହୋଇଥିବା ଏହିସବୁ ଚଳଚ୍ଚିତ୍ର ପ୍ରଚାରଧର୍ମୀ ବୋଲି ଅଭିଯୋଗ ହୋଇ ଆସିଛି। ହିନ୍ଦୀ ସିନେମା କେବଳ ମଧ୍ୟପ୍ରାଚ୍ୟ ନୁହେଁ ଉତ୍ତର ଆଫ୍ରିକା, ଇଣ୍ଡୋନେସିଆ, ମାଲେସିଆ ଏବଂ କେନ୍ଦ୍ରୀୟ ଏସିଆରେ ବହୁଳ ଭାବେ ଲୋକପ୍ରିୟତା ହାସଲ କରିପାରିଛି। ଦେଖିବାକୁ ଗଲେ ହିନ୍ଦୀ ସିନେମା ହେଉଛି ଭାରତୀୟ କାଳ୍ପନିକ ସମାଜର ବାର୍ତ୍ତାବାହକ ବା ଦୂତ ବା ଆମ୍ବାସାଡର। ସେଭଳି ଏକ ଉଚ୍ଚସ୍ଥାନରୁ ବମ୍ବେ ସିନେମାକୁ ଦେଶ ଭିତରେ ନ୍ୟୂନ କରି ଦେଖାଇଲେ ତାହା ଏହି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅଙ୍ଗକୁ କ୍ଷତି ପହଞ୍ଚାଉଛି।

> **ଦେଖିବାକୁ ଗଲେ ହିନ୍ଦୀ ସିନେମା ହେଉଛି ଭାରତୀୟ କାଳ୍ପନିକ ସମାଜର ବାର୍ତ୍ତାବାହକ ବା ଦୂତ ବା ଆମ୍ବାସାଡର। ସେଭଳି ଏକ ଉଚ୍ଚସ୍ଥାନରୁ ବମ୍ବେ ସିନେମାକୁ ଦେଶ ଭିତରେ ନ୍ୟୂନ କରି ଦେଖାଇଲେ ତାହା ଏହି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅଙ୍ଗକୁ କ୍ଷତି ପହଞ୍ଚାଉଛି।**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 2 | | 7 |
| 2 | | | | | 3 | | | |
| 7 | 8 | | 9 | | | | | 3 |
| | | | | | 4 | 6 | | |
| | | | | 3 | 9 | | 4 | 2 |
| 1 | | 7 | | | | | | |
| | 5 | | | | | 7 | | 8 |
| 9 | | | | | | | | |
| | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 7 | 8 | 2 | 1 | 5 | 4 | 6 |
| 8 | 5 | 2 | 9 | 4 | 6 | 1 | 3 | 7 |
| 1 | 4 | 6 | 7 | 5 | 3 | 9 | 8 | 2 |
| 7 | 6 | 5 | 4 | 3 | 8 | 2 | 9 | 1 |
| 4 | 1 | 3 | 2 | 6 | 9 | 7 | 5 | 8 |
| 2 | 8 | 9 | 5 | 1 | 7 | 4 | 6 | 3 |
| 5 | 9 | 8 | 3 | 7 | 2 | 6 | 1 | 4 |
| 3 | 2 | 1 | 6 | 9 | 4 | 8 | 7 | 5 |
| 6 | 7 | 4 | 1 | 8 | 5 | 3 | 2 | 9 |

ଗତକାଲିର ଉତ୍ତର

# ଅମୃତରେ ଅପମିଶ୍ରଣ



ଶୁଭନାରାୟଣ ଶତପଥୀ

କଥାରେ ଅଛି-ଦୁଗ୍ଧ ଖାଇବାକୁ ମନ କରିଥିଲେ ଘରେ ରଖିଥିବ ଗାଈ, କଳି କରିବାକୁ ବାହାରକୁ ଗଲେ ସାଙ୍ଗରେ ଥିବଟି ଭାଇ। ଏ ଲୋକକଥାର ଯଥାର୍ଥତା ଆଜିବି ମନେହୁଏ। ଗାଈର ଦୁଗ୍ଧ ବା କ୍ଷୀର ଅମୃତତୁଲ୍ୟ। ପିଲାଠାରୁ ବୟସ୍କ ଯାଏଁ ସଭିଙ୍କ ଖାଦ୍ୟର ଆବଶ୍ୟକତା ଏହି କ୍ଷୀର। ଡାକ୍ତରଙ୍କ ପରାମର୍ଶର ପ୍ରମୁଖ ଅଂଶ କ୍ଷୀର। ଆଦିମ କାଳରୁ ଯୋଗୀ ଋଷିଙ୍କଠାରୁ ବୈଜ୍ଞାନିକମାନଙ୍କ ଖାଦ୍ୟ ତଥା ଦକ୍ଷତା, ଶାରୀରିକ ଅଭିବୃଦ୍ଧିର ବିଶେଷ ଆବଶ୍ୟକତା ଭାବରେ କ୍ଷୀରର ସ୍ଥାନ ସ୍ୱତନ୍ତ୍ର। ତେବେ ଏହାକୁ କିଛି ଲୋକ ବ୍ୟବସାୟ କରି ଚଳୁଥିବା ବେଳେ ବର୍ତ୍ତମାନ ଅନେକ ସଂସ୍ଥା କ୍ଷୀର ବିକ୍ରିବଟା କରୁଛନ୍ତି। ତେବେ କ୍ଷୀରରେ ପାଣି ମିଶାଇ ବିକ୍ରି କରିବା ବା ପିଇବା ଅଭ୍ୟାସଟା ଏବର ନୁହେଁ ବରଂ ପ୍ରାଚୀନ କହିଲେ ଅତ୍ୟୁକ୍ତି ହେବନାହିଁ। ଯଦିଓ ପାଣି ମିଶିବା ପରେ କ୍ଷୀରର ନିଜସ୍ୱ ମାନଦଣ୍ଡ ଦୁର୍ବଳ ହୁଏ ତଥାପି ଏହା ଶରୀର ପାଇଁ ଆବଶ୍ୟକ ପୁଷ୍ଟିଠାରୁ କମ୍ ହେଲେ ମଧ୍ୟ ଶରୀରକୁ କ୍ଷତି ପହଞ୍ଚାଇ ନ ଥାଏ। କୌଣସି ପ୍ରକାର ଅପମିଶ୍ରିତ କ୍ଷୀର ସେବନ ସ୍ୱାସ୍ଥ୍ୟ ଅହିତକାରୀ। ସଂପ୍ରତି କ୍ଷୀରରେ ଅପମିଶ୍ରଣ କରି ରୋଜଗାର କରିବା ଧୀରେ ଧୀରେ ବଢ଼ିବାକୁ ଲାଗିଲାଣି। ତେବେ ଏହି ଅମୃତତୁଲ୍ୟ ଖାଦ୍ୟରେ ଅପମିଶ୍ରଣ ଶୁଣିଲେ ମନ ଆନ୍ଦୋଳିତ ହୋଇଯାଏ। ପ୍ରାକୃତିକ ଉପାୟରେ ମିଳୁଥିବା ଏହି କ୍ଷୀରରେ ରାସାୟନିକ ଦ୍ରବ୍ୟର ବ୍ୟବହାର ବର୍ତ୍ତମାନ ଜନଜୀବନ ପାଇଁ ଆହ୍ୱାନ ପାଲଟିଲାଣି।

ଏଇ କିଛିଦିନ ତଳର ଘଟଣା। ଏକ ଗାଁରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥାଏ। ବୁଝିଲାବେଳକୁ ଜଣାପଡ଼ିଲା ଜଣେ କ୍ଷୀର ବିକ୍ରେତା ଓ ଆଉ ଜଣକ ଗ୍ରାହକ। କ୍ଷୀର ବିକୁଥିବା ବ୍ୟକ୍ତିଟିର ଘରେ ଗାଈ ନାହାନ୍ତି। ସେ ବଜାରରୁ କିଛି କ୍ଷୀର ପ୍ୟାକେଟ୍ ଆଣି ଆଉ କିଛି ଶସ୍ତା କ୍ଷୀରଗୁଣ୍ଡ ବା ରାସାୟନିକ ପାଉଡରକୁ ବ୍ୟବହାର କରି ଅଧିକ ଓ ବହଳିଆ କ୍ଷୀର ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଏପରି କରୁଥିବା ଜାଣିବା ପରେ ଗ୍ରାହକ ଜଣକ ଖପ୍ପା। ଅଭିଯୋଗ ପରେ ଉକ୍ତ ବ୍ୟକ୍ତି କ୍ଷୀର ବେପାର ବନ୍ଦ କରିଥିବା ଜଣାପଡ଼ିଛି। ଶସ୍ତା ଓ ହାନିକାରକ ଜିନିଷର ବ୍ୟବହାର କରି କ୍ଷୀର ପ୍ରସ୍ତୁତ କରିବା, ବିକ୍ରି କରିବା ଓ ତାକୁ ଖାଦ୍ୟରୂପେ ଗ୍ରହଣ କରିବା ଦ୍ୱାରା ମଣିଷ ସ୍ୱାସ୍ଥ୍ୟଗତ ବିପତ୍ତି ଆଡ଼କୁ ଟାଣି ହୋଇଯାଏ। ଏପଟେ ଅର୍ଥଦେଇ ଅପମିଶ୍ରିତ କ୍ଷୀର ଓ ସେପଟେ ରୋଗକୁ ବରଣ କରିବା ସାର। ଦୁଇ ପାଖରୁ କ୍ଷତି। ତେବେ ବର୍ତ୍ତମାନ



ଗାଁର ଚିତ୍ରକୁ ବିଶ୍ଳେଷଣ କଲେ ଦେଖାଯାଏ ଗାଁର ଗାଈଗୋଠ, ଗୋ-ପାଳନ ଏକ ଇତିହାସ ହେବାକୁ ବସିଲାଣି। ଯେତେବେଳେ ପ୍ରତି ଘରେ ଗାଈ ଥିଲେ ଓ ଗୋଠ ଥିଲା ସେତେବେଳେ ବି କ୍ଷୀରର ନିଅଣ୍ଟ ପରିଲକ୍ଷିତ ହେଉଥିଲା। ଆଉ ଏବେ ଯଦିଓ ଗାଈ ସମସ୍ତଙ୍କ ଘରେ ନାହାନ୍ତି ତଥାପି ବ୍ୟବସାୟଭିତ୍ତିରେ ଗୋପାଳନ ପ୍ରତି ସେତେ ଆଗ୍ରହ ଦେଖାଯାଉନାହିଁ। ଆଶ୍ଚର୍ଯ୍ୟ ହେଉଛି କ୍ଷୀର, ପନିର, ଛେନା, ଦହି, ଘିଅର ଅଭାବ ନାହିଁ। ଏହା ବୈଚିତ୍ର୍ୟମୟ ନୁହେଁ କି?

କେବଳ ସ୍ଥାନୀୟ ନୁହେଁ, ପ୍ୟାକେଟ୍ ହୋଇ ବିକ୍ରି ହେଉଥିବା ଅମୃତତୁଲ୍ୟ କ୍ଷୀର ମଧ୍ୟ କେତେକ ସ୍ଥାନରେ ଅପମିଶ୍ରିତ ହେଉଥିବାର ଉଦାହରଣ ରହିଛି। ୪ ମାର୍ଚ୍ଚ, ୨୦୨୦ ମସିହାରେ ପ୍ରକାଶିତ ଗ୍ରାହକ ପରାମର୍ଶ ସମାଜ ରିପୋର୍ଟ ଅନୁସାରେ, ବଜାରରେ ମିଳୁଥିବା ୭୯ ଶତକଡା ବ୍ରାଣ୍ଡେଡ୍, ଖୋଲା କ୍ଷୀର ଅପମିଶ୍ରିତ। ଗତ ଜାନୁଆରୀ ମାସରେ ଥିରୁଭାନନ୍ତପୁରମ୍‌ରେ ଜବତ ହୋଇଥିବା ୧୫,୩୦୦ ଲିଟର କ୍ଷୀରରେ ହାଇଡ୍ରୋଜେନ୍ ପେରକ୍ସାଇଡ୍‌ର ଉପସ୍ଥିତିକୁ ସେଠାକାର ଗୋପାଳନ ବିଭାଗ ନିଶ୍ଚିତ କରିଛି। ଗାଈ ରଖି ନ ଥିବା ଜଣେ ବ୍ୟକ୍ତି ଚେନ୍ନାଇର ଏକ ସମବାୟ ସମିତିକୁ ଲହୁଣି ଓ କ୍ଷୀରଗୁଣ୍ଡ ମିଶାଇ ବିକ୍ରି କରୁଥିବା ଖବର ନଜରକୁ ଆସିଛି। ଉକ୍ତ ବ୍ୟକ୍ତି ମନ୍ଥା ହୋଇଥିବା ଗୁଣ୍ଡ କ୍ଷୀର ଓ ଲହୁଣିକୁ ଚୋରିକରି ସେଥିରେ ପାଣି ମିଶାଇ ବିକ୍ରି କରୁଥିବା ବେଳେ ଧରାପଡ଼ିଥିଲା। ସେଠାରୁ ପାଖାପାଖି ୧୪୦ କେଜି ଲହୁଣି, ୧୭୫ କେଜି କ୍ଷୀରଗୁଣ୍ଡ, ଗୋଟିଏ କ୍ରିମ୍ ପୃଥକୀକରଣ, ମିଶ୍ରଣ ଯନ୍ତ୍ରପାତି ମିଳିଥିଲା। ଅନ୍ୟ ଏକ ରିପୋର୍ଟରୁ ଜଣାଯାଏ ଯେ, ଛତ୍ରପତି ଶିବାଜୀ ନଗରରେ ଖାଦ୍ୟ ଓ ଔଷଧ ପ୍ରଶାସନ ୨୫ ହଜାର ଲିଟର ବିକ୍ରି କ୍ଷୀରରୁ ୧୩ରୁ ୧୪ ହଜାର ଲିଟର ଅପମିଶ୍ରିତ ବୋଲି ଧରିଥିଲା ଓ ତିନିଜଣଙ୍କୁ ଗିରଫ କରିଥିଲା, ଯେଉଁଥିରେ ୧୩୨ ବ୍ୟାଗ୍ ମନ୍ଥାଯାଇଥିବା କ୍ଷୀରଗୁଣ୍ଡ, ୨୨୦ ପ୍ୟାକେଟ୍ ପାମ୍‌ତେଲ, ଲୁଗାଧୁଆ କଷ୍ଟିକ୍ ସୋଡ଼ା ମିଳିଥିଲା। ତେବେ ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡ ସଦସ୍ୟ ମୋହନ ସିଂ ଆହଲୁୱାଲିଆ କହିଛନ୍ତି ଯେ ପ୍ରାୟ ୬୮.୭ ଶତକଡା ଦୁଗ୍ଧ ଓ ଦୁଗ୍ଧଜାତୀୟ ଦ୍ରବ୍ୟ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ ମାନକଯୋଗ୍ୟ ନୁହେଁ। ଅପମିଶ୍ରଣ କାରକଗୁଡ଼ିକ ମଧ୍ୟରେ ସାଧାରଣତଃ କଷ୍ଟିକ୍ ସୋଡ଼ା, ଗ୍ଲୁକୋଜ୍, ଧଳାରଙ୍ଗ, ରିଫାଇନ୍ ତେଲ ଇତ୍ୟାଦି ରହିଛି। ସେ କହିଛନ୍ତି, ୩୧ ମାର୍ଚ୍ଚ ୨୦୧୮ ସୁଦ୍ଧା ଦେଶର ପ୍ରତିଦିନ ଦୁଗ୍ଧ ଉତ୍ପାଦନ ୧୪.୬୮ କୋଟି ଲିଟର ଥିବାବେଳେ ମୁଣ୍ଡପିଛା ପ୍ରାୟ ୪୮୦ ଗ୍ରାମ୍ ଖର୍ଚ୍ଚ ହୋଇଛି।

ପ୍ରତି ଘରର ଆହାର ହେଉଛି କ୍ଷୀର। କିନ୍ତୁ କ୍ଷୀର ଅପମିଶ୍ରଣ କୋମଳମତି ଶିଶୁ ଓ ଅସହାୟ ବୟୋଜ୍ୟେଷ୍ଠଙ୍କ ଜୀବନ ପ୍ରତି ଆହ୍ୱାନ। ଏପରି ଅପମିଶ୍ରଣକୁ ଘରେ ପରୀକ୍ଷା କରିବାକୁ ଚାହିଁଲେ ମଣ୍ଡ କ୍ଷୀରରେ ଆୟୋଡିନ୍ ମିଶାଇଲେ ତାହା ନୀଳ ହୋଇଯିବ। ପାଣିମିଶ୍ରିତ କ୍ଷୀର ଚଟାଣରେ ପଡ଼ିଲେ ତାହା ବୋହିଯିବ। ଯଦି କ୍ଷୀରରେ ୟୁରିଆ ମିଶିଥିବ ତେବେ ସୋୟାବିନ୍ ପାଉଡର ମିଶାଇ ଫେଣ୍ଟିଲାପରେ ଲିଟିମସ୍ ପେପର ବୁଡ଼ାଇଲେ ତାହା ନୀଳ ପଡ଼ିଯିବ। ୧୦ ମିଲି କ୍ଷୀରରେ ୧୦ ମିଲି ପାଣି ମିଶାଇ ଫେଣ୍ଟିଲେ ଯଦି ଫେଣ ହୁଏ ତେବେ ସେଥିରେ ଡିଟରଜେଣ୍ଟ ମିଶିଥିବାର ସମ୍ଭାବନା ରହିଛି। ସିନ୍ଥେଟିକ୍ କ୍ଷୀରକୁ ପିଇବା ପରେ ତାହା ପାଟିକୁ ଖରାପ ଲାଗେ। ଏହି ଅପମିଶ୍ରିତ କ୍ଷୀର ପାନ କଲେ କିଡ୍‌ନୀ, ପାଚନତନ୍ତ୍ର, ଆଖି, ହାର୍ଟ ଆଦି ଶରୀରର ପ୍ରମୁଖ ଅଙ୍ଗ ଗୁଡ଼ିକୁ ପ୍ରଭାବିତ କରି ରୋଗ ସୃଷ୍ଟି କରାଏ। ତେବେ ସରକାରଙ୍କ ତରଫରୁ ଦୁଗ୍ଧ ଓ ଦୁଗ୍ଧଜାତୀୟ ସାମଗ୍ରୀ, ଯାହା ସ୍ଥାନୀୟ ଓ ବଜାରରେ ବିକ୍ରି ହେଉଛି ସେଗୁଡ଼ିକ ନିୟମିତ ବ୍ୟବଧାନରେ ପରୀକ୍ଷା ହେବା ଜରୁରୀ। ଏହି କ୍ଷୀର ଅପମିଶ୍ରଣର କାରକଗୁଡ଼ିକର ଲୁଚାଛପା ବିକ୍ରିରେ ରୋକ୍ ଲଗାଯାଇପାରେ। ଭାରତୀୟମାନେ ନିଜର ସାମଗ୍ରିକ ଅଭିବୃଦ୍ଧି ପାଇଁ ବେଶ୍ ଆଶା ଓ ଭରସା ରଖି ଗାଈକ୍ଷୀର ପାନ କରିଥାନ୍ତି ଓ ଈଶ୍ୱରଙ୍କୁ ମଧ୍ୟ ସମର୍ପଣ କରିଥାନ୍ତି। ଏଥିରେ ଅପମିଶ୍ରଣ ସେହି ଆଶାକୁ ବିପରୀତାଭିମୁଖୀ କରାଏ। ଗୋଟିଏ ବଡ଼ ବିପର୍ଯ୍ୟୟକୁ ଅପେକ୍ଷା ନ କରି ସବୁସ୍ତରରେ ବେଳହୁଁ ସାବଧାନ ହେଲେ ଏ ସମସ୍ୟାର ସମାଧାନ ସହଜ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

# ମୁଁ ବୁଢ଼ାବଳଙ୍ଗ



ଅଧ୍ୟାପକ ଗୋପବନ୍ଧୁ

ମୁଁ ବୁଢ଼ାବଳଙ୍ଗ କହୁଛି। ମୁଁ ମୟୂରଭଞ୍ଜ ଜିଲାର ସବୁଠାରୁ ବଡ଼ ନଦୀ। ମୟୂରଭଞ୍ଜବାସୀଙ୍କ ନଜରରେ ମୁଁ ହିଁ ଜିଲାର ଗଙ୍ଗା ଓ ଯମୁନା ଏବଂ ମହାନଦୀ। ଦେଶର ଅନ୍ୟ ନଦୀକୁ ଲୋକମାନେ ମାଁ ବୋଲି ସମ୍ବୋଧନ କରନ୍ତି। କିନ୍ତୁ ମୋ ନାମ ପୂର୍ବରୁ ବୁଢ଼ା ଶବ୍ଦ ଲଗାଇ ଜିଲାବାସୀମାନେ ମୋତେ ମୁରବିର ଆସନରେ ବସାନ୍ତି। କାହିଁ କୋଉ କାଳରୁ ମୁଁ ଜିଲାବାସୀଙ୍କ ସୁଖଦୁଃଖର ସାଥୀ ହୋଇ ଆସିଛି। କେତେବେଳେ ମୋ ତଟରେ ସାଥୀ ଲଳନାମାନଙ୍କ ହାସ୍ୟରୋଳ ଯୋଗୁଁ ମୋ ମନ ଆନନ୍ଦରେ ଭରି ଉଠିଛି ତ କେତେବେଳେ ପରିଜନଙ୍କ ଶବସତ୍କାର ସମୟର କରୁଣ କ୍ରନ୍ଦନ ମୋତେ ଶୋକାଭିଭୂତ କରିଛି। ମୋ ନଦୀଘାଟରେ ଶଙ୍ଖା ସିନ୍ଦୂରରେ ସଜ୍ଜିତ ନବବଧୂର ଲାଜୁଆ ହସ ଦେଖିଛି ତ ପୁଣି ସେହି ଘାଟରେ ଶଙ୍ଖା ସିନ୍ଦୂର ଉତାରିବାର ହୃଦୟ ବିଦାରକ ଦୃଶ୍ୟ ମଧ ଦେଖିଛି। ମୋ ଦେହରେ ଟୁସୁ ଭସାଣି ହୁଏ, ଅସ୍ଥି ବିସର୍ଜନ ବି ହୁଏ। ମୋ ତଟର ବିଭିନ୍ନ ସ୍ଥାନରେ ମେଳା ମହୋତ୍ସବ ହୁଏ। ମୋ ନାମକୁ ନେଇ ବଳାଙ୍ଗି ମହୋତ୍ସବ ବି ହୁଏ।

ମୋ ଉଭୟ ପାର୍ଶ୍ୱରେ ଅନେକ ଜନବସତି ଗଢ଼ି ଉଠିଛି। ପୂର୍ବେ ଏଗୁଡ଼ିକର ସଂଖ୍ୟାଧିକ ଲୋକ ମୋ ଉପରେ ନିର୍ଭର କରୁଥିଲେ। ଏବେବି ଅନେକ ଲୋକ ଗାଧୁଆପାଧୁଆ ପାଇଁ ମୋ ଉପରେ ନିର୍ଭର କରନ୍ତି। ବାରିପଦା ସହର ସମେତ ଅନେକ ଅଞ୍ଚଳ ନିର୍ମାଣ କାର୍ଯ୍ୟ ପାଇଁ ମୋ ଶଯ୍ୟାର ବାଲି ଉପରେ ନିର୍ଭର କରନ୍ତି। ବଦଳରେ ସହରର ନାଳ ନର୍ଦ୍ଦମାକୁ ମୋ ଜଳକୁ ଛାଡ଼ି ଦିଅନ୍ତି। ସେବା ଦେବାରେ ମୁଁ ହେଳା କରିନାହିଁ। ମୋର ସମସ୍ତ ସ୍ନେହ ମମତା ଅଞ୍ଚଳବାସୀଙ୍କୁ ଦେଇଆସିଛି। ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ବଢ଼ି ଯୋଗୁ ହଇରାଣ ହରକତ କରିନାହିଁ। ବେଳେବେଳେ ବାରିପଦା ସହରର ତଳି ଅଞ୍ଚଳର ଲୋକମାନେ ବଢ଼ି ଯୋଗୁ ହଇରାଣ ହୁଅନ୍ତି ତାଙ୍କ ନିଜ ଭୁଲ୍ ପାଇଁ। ମୋ ଶଯ୍ୟାକୁ ଦଖଲ କରି ତା' ଉପରେ ଘର କରି ପକାଇଛନ୍ତି। ଜଳ ନିଷ୍କାସନର ମାର୍ଗଗୁଡ଼ିକୁ ସଙ୍କୁଚିତ କରି ଦେଇଛନ୍ତି। ମୋ ଦେହରେ ପଡୁଥିବା ବିଭିନ୍ନ ଶାଖା ନଦୀର ଜଳ ବାହାରି ନ ପାରିବା ଯୋଗୁ ଏପରି ହୁଏ। ଏଥିରେ ମୋର ଦୋଷ ନାହିଁ। ସେମାନେ ନିଜ କୁକର୍ମର କୁଫଳ ନିଜେ ଭୋଗ କରନ୍ତି।

ସେବା ହିଁ ମୋର ପରମ ଧର୍ମ। ଜିଲାର ସମୃଦ୍ଧିରେ ମୋର ଯୋଗଦାନ ଯେତେ ଅଧିକ ହେବ, ମୋର ଆତ୍ମସନ୍ତୋଷ ସେତେ ଅଧିକ ହେବ। ମୋ ତଟବର୍ତ୍ତୀ ଅଞ୍ଚଳ ପ୍ରଚୁର ଉର୍ବର। କେତେକ କୃଷକ ମୋ ଦେହରୁ ପାଣି ନେଇ ବିଭିନ୍ନ ପ୍ରକାର ଚାଷ କରନ୍ତି ଓ କିଛି ରୋଜଗାର କରି ପରିବାର ପୋଷଣ କରନ୍ତି। ଯେଉଁ ପାଣି ଚାଷ ପାଇଁ ବ୍ୟବହାର ହୁଏ ତାହା ଖୁବ୍ କମ। ସବୁତକ ଜଳ ଜିଲାବାସୀଙ୍କ ସେବାରେ ବ୍ୟବହାର ନ ହୋଇ ବହିଯାଇ ବଙ୍ଗୋପସାଗରରେ ମିଶେ। ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ମୋତେ ଭାରି ଈର୍ଷା ହୁଏ ଯେତେବେଳେ ମୁଁ ଶୁଣେ ବିଭିନ୍ନ ନଦୀ ଉପରେ ବନ୍ଧ ହେଉଛି, ବ୍ୟାରେଜ ହେଉଛି ଓ ବିଭିନ୍ନ ପ୍ରକାର ପ୍ରକଳ୍ପ ହେଉଛି। ଅଥଚ ମୁଁ ଜିଲାର ସବୁଠାରୁ ବଡ଼ନଦୀ ହୋଇଥିଲେ ହେଁ ମୋ ଉପରେ କିଛି ନାହିଁ। ମୋ ଜଳ ତୁଚ୍ଛାରେ ବହିଯାଉଛି। ଆଜିର ଦିନରେ ମୋ ପାଇଁ ଏହା ଲଜ୍ଜାର ବିଷୟ। ନିଃସନ୍ତାନ ମାଁ ପରି ମୋ ଅବସ୍ଥା। ବେଳେବେଳେ ରାଗ ଲାଗେ ଜିଲାର ଅଯୋଗ୍ୟ ପିଲାମାନଙ୍କୁ ଦେଖି। ଶୁଣୁଛି,



ନେତାମାନେ ସବୁ କରିପାରିବେ। କାହିଁ କୋଉ ନେତା ମୋ ପାଇଁ ମୁହଁ ଖୋଲୁନାହାନ୍ତି। ପିଲେ ଏମିତି ନେତା ବାଛୁଛ କାହିଁକି ଯିଏ କୌଣସି କାମକୁ ନୁହନ୍ତି!

ମୋ ଉପରେ କୌଣସି ନଦୀବନ୍ଧ କିମ୍ବା ବ୍ୟାରେଜ୍ ଯୋଜନାର ଚୂଡ଼ାନ୍ତ ରୂପରେଖ ନାହିଁ। ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ବେଳେବେଳେ ଏ ସମ୍ବନ୍ଧରେ କିଛି ଉଡ଼ା ଖବର ମୋ କାନରେ ବାଜେ ଓ ମନରେ ଆଶା ସଂଚାର କରେ। ହେଲେ ସବୁକିଛି ଆଶାରେ ରହିଯାଏ। ଏପରି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ବହୁ ଚାଷଜମି ଜଳସେଚିତ ହୋଇପାରନ୍ତା। କୃଷିର ବିକାଶ ହୁଅନ୍ତା। ବିଭିନ୍ନ ପ୍ରକାର ଚାଷକରି ମୋ ଲୋକମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସନ୍ତା। ତାଙ୍କ ଅଭାବ ଅସୁବିଧା ଦୂର ହୁଅନ୍ତା। କେବଳ ମୟୂରଭଞ୍ଜ ନୁହେଁ, ପଡ଼ୋଶୀ ବାଲେଶ୍ୱର ଜିଲାରେ ମଧ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ଉପଲବ୍ଧ ହୋଇପାରନ୍ତା। ମୟୂରଭଞ୍ଜରେ ମୋ ଉପରେ ଏକ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେବା ଜରୁରୀ। ଏହା ସହିତ ବାଙ୍ଗିରିପୋଷି, କୁଲିଅଣା, ବାରିପଦା, ମାଣତ୍ରୀ ପ୍ରଭୃତି ଜାଗାରେ ବ୍ୟାରେଜ୍ ତିଆରି କରାଯାଇ ପାରିବ। ବାଲେଶ୍ୱର ଜିଲାରେ ବି ହୋଇପାରିବ। ଏଗୁଡ଼ିକ ଜଳସେଚନ ସହିତ ମତ୍ସ୍ୟଚାଷ, ପାନୀୟଜଳ ଯୋଗାଣ, ନୌକାବିହାର ଜନିତ ପର୍ଯ୍ୟଟନ ପାଇଁ ଖୋରାକ ଯୋଗାଇବ।

ବଣଭୋଜି ପାଇଁ ଅନେକ ଲୋକ ମୋ ପାଖକୁ ଧାଇଁ ଆସନ୍ତି। ଅନେକ ଚଳଚ୍ଚିତ୍ର ଓ ଆଲ୍‌ବମ୍ ମୋ ପାଖରେ ମୋ ସୌନ୍ଦର୍ଯ୍ୟ ସହିତ ସୁଟିଂ ହୋଇଛି। ଶୁଣୁଛି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ମନ୍ଦିର, ଐତିହ୍ୟ ସ୍ଥଳ ପ୍ରଭୃତିର ରୂପାନ୍ତର ହେଉଛି। ମୋର ଉଭୟ ପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରୂପାନ୍ତର ହୋଇପାରିଲେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସନ୍ତେ। ମୋ ପିତା ଶିମିଳିପାଳ ତ ଅସରନ୍ତି ସୌନ୍ଦର୍ଯ୍ୟର ଗନ୍ତାଘର। ମୁଁ ଶିମିଳିପାଳର ଉତ୍ତରଘାଟରୁ ଜନ୍ମ ନେଇଛି। ଜନ୍ମ ହେବାମାତ୍ରେ ମୁଁ ଲମ୍ଫ ଦେଇଛି ୨୧୭ ମିଟର ତଳକୁ। ମୋର ଏ ଲମ୍ଫ ବରେହିପାଣି ଜଳପ୍ରପାତ ଭାବେ ଖ୍ୟାତ। ଏହା ଭାରତର ଦ୍ୱିତୀୟ ଉଚ୍ଚତମ ଜଳପ୍ରପାତ। ନିକଟରେ ଯୋରନ୍ଦା ଜଳପ୍ରପାତ ମଧ ରହିଛି। ଏହା ସହିତ ଅନେକ ଆକର୍ଷଣୀୟ କୁଣ୍ଡ ରହିଛି।

ମୁଁ ଯେଉଁବାଟ ଦେଇ ଯାଇଛି ଓ ଜନବସତି ନିକଟରେ ପହଞ୍ଚିଛି, ସେ ସମସ୍ତ ଅଞ୍ଚଳର ସୌନ୍ଦର୍ଯ୍ୟରେ ପଟାନ୍ତର ନାହିଁ। ମୋତେ ଓ ମୋ ବାପାଙ୍କୁ ନେଇ ପର୍ଯ୍ୟଟନର ଭିତ୍ତିଭୂମିକୁ ବିକଶିତ କଲେ ଜିଲାର ଅର୍ଥନୀତି ସୁଦୃଢ଼ ହେବ। ବାରିପଦା ନିକଟରେ ମୋତେ ଲାଗି ଏକ ସୁରମ୍ୟ ଉଦ୍ୟାନ ନିର୍ମାଣ କଲେ ସହରର ଶୋଭା ବହୁଗୁଣିତ ହୁଅନ୍ତା। ସହର ତଳେ ଏହାକୁ ଲାଗି ବ୍ୟାରେଜ ନିର୍ମାଣ କଲେ ଜଳସେଚନ ସହିତ ସହରକୁ ଜଳଯୋଗାଣ ଓ ନୌବିହାର ପାଇଁ ସୁବିଧା ସୃଷ୍ଟି କରନ୍ତା। ପର୍ଯ୍ୟଟନର ବିକାଶ ଦ୍ୱାରା ବେକାରି ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିବ। ଯୁବତୀ ଯୁବକମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବେ ନାହିଁ। ସହରର ଯେଉଁ ନାଳ ନର୍ଦ୍ଦମା ଜଳ ମୋ ଦେହକୁ ଛାଡ଼ି ଦିଆଯାଉଛି ତାହା ମୋ ପାଇଁ ବିରକ୍ତିକର। ଏହା ଦ୍ୱାରା ମୋର ପବିତ୍ରତା ନଷ୍ଟ ହେଉଛି। ମୋ ଶଯ୍ୟାର ତଳ ଲୋକମାନେ ଏ ଜଳକୁ ବ୍ୟବହାର କରି ପାରୁନାହାନ୍ତି। ଏହି ଦୂଷିତ ଜଳକୁ ବିଶୋଧନ ପ୍ଲାଣ୍ଟ ଜରିଆରେ ଶୋଧନ କରି ଛଡ଼ାଗଲେ ଭଲହୁଅନ୍ତା।

ରୋଜଗାର କରି ସମ୍ମାନର ସହିତ ବଞ୍ଚିବାର ସମସ୍ତ ବ୍ୟବସ୍ଥା ମୋ ନିକଟରେ ଅଛି। ମୋର ଦୀର୍ଘ ୧୭୫ କିଲୋମିଟର ଲମ୍ବା ଜଳାଧାର ମୋ ପିଲାମାନଙ୍କ କାମରେ ଲାଗୁନାହିଁ। ମୋ ପିଲାମାନେ ଅଯୋଗ୍ୟ। ଏହାର ସଦୁପଯୋଗ କିପରି କରାଯିବ, ତାହା ଜାଣିନାହାନ୍ତି। ଏହା ହିଁ ମୋ ପାଇଁ ଦୁଃଖର ବିଷୟ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## ଏଇ ଭାରତରେ

ରୋଗଗ୍ରସ୍ତ,ବିକଳାଙ୍ଗ ଓ ପରିତ୍ୟକ୍ତ ଅବସ୍ଥାରେ ଥିବା କୁକୁରଙ୍କ ସାହାରା ପାଲଟିଛନ୍ତି ଚେନ୍ନାଇର ଶାରା ଆୟର। ସେ ରାସ୍ତାକଡ଼ରେ ପଡ଼ିରହୁଥିବା ଏଭଳି କୁକୁରଗୁଡ଼ିକୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିବା ସହ ଆଶ୍ରୟ ଦେଉଛନ୍ତି। ଏହି କାର୍ଯ୍ୟ ପାଇଁ ସେ ତାଙ୍କ ସ୍ୱାମୀଙ୍କ ସହଯୋଗରେ ଗଠନ କରିଛନ୍ତି ମାଡ୍ରାସ ଆନିମଲ ରେସ୍‌କ୍ୟୁ ସୋସାଇଟି(ଏମ୍‌ଏଆର୍‌ଏସ୍)। ଏହା ୨୦୧୯ରୁ କାମ କରୁଛି ଓ ତାମିଲନାଡୁ ଆନିମଲ ୱେଲ୍‌ଫେୟାର ବୋର୍ଡ ସହ ଅନୁବନ୍ଧିତ ହୋଇଛି। ମହାବଳୀପୁରମ ନିକଟରେ ଥିବା କ୍ରିଷ୍ଣନ କରନାଇରେ କୁକୁରମାନଙ୍କ ପାଇଁ 'ଡାମନ' ନାମକ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ସେଠାରେ ଏବେ ୩୮୦ରୁ ଊର୍ଦ୍ଧ୍ୱ କୁକୁର ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୨ ବିକଳାଙ୍ଗ କୁକୁର ଛୁଆ, ୫୦ରୁ ଅଧିକ ଆଂଶିକ ଦୃଷ୍ଟିହୀନ ଓ ସ୍ନାୟୁଗତ ସମସ୍ୟାରେ ପୀଡ଼ିତ। ଏହାବ୍ୟତୀତ ୧୦୦ରୁ ଅଧିକ ବୟସ୍କ ବିକଳାଙ୍ଗ କୁକୁର ମଧ୍ୟ ରହିଛନ୍ତି। ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ପଡ଼ିରହିଥିବା କୁକୁରଙ୍କୁ ଉଦ୍ଧାର କରିବା ଲାଗି ଶାରା ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଛନ୍ତି ଓ ସେଥିରେ ୧୮୦ ଲୋକଙ୍କୁ ଯୋଡ଼ିଛନ୍ତି, ଯେଉଁମାନେ ସହରର ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ପରିଚାଳନା କରିବା ସହ ବନ୍ଧ୍ୟାକରଣ କାର୍ଯ୍ୟ କରୁଛନ୍ତି। ପ୍ରତି ମାସରେ କୁକୁରଙ୍କ ଖାଦ୍ୟ ଲାଗି ୩୦୦ କେଜି ଚିକେନ୍, ୧୭୦୦ କେଜି ରାଇସ୍, ୫୦୦ ଲିଟର କ୍ଷୀର, ୮୦୦ ଅଣ୍ଡା ଏବଂ କିଛି ପନିପରିବା ଆବଶ୍ୟକ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ଫେବୃଆରୀ ୧୯୭୫**

- କଙ୍କଣିକୁ ଭାରତର ଏକ ସ୍ୱାଧୀନ ଭାଷା ରୂପେ ସ୍ୱୀକୃତି ଦେବା ନେଇ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦରେ ନିଷ୍ପତ୍ତି ଗ୍ରହଣ।
- ପୁରୀ ସହରର ଚକ୍ରତୀର୍ଥ ଅଞ୍ଚଳ ନୋଳିଆ ବସ୍ତିଠାରେ ରାଜ୍ୟ ଗୃହ ନିର୍ମାଣ କର୍ପୋରେଶନ ପକ୍ଷରୁ ବାସଗୃହ ନିର୍ମାଣ ଯୋଜନା।
- ନାଗା ନେତା ଫିଜୋଙ୍କ ସହିତ ଆଲୋଚନା କରିବା ନିମନ୍ତେ ଏକ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅଗ୍ରାହ୍ୟ।
- ଶେଖ୍ ଅବ୍‌ଦୁଲ୍ଲା ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା କଶ୍ମୀର ରାଜିନାମା ବିରୁଦ୍ଧରେ ପାକିସ୍ତାନ ନିରାପତ୍ତା ପରିଷଦର ଦ୍ୱାରସ୍ଥ।

## ଚିରନ୍ତନୀ

ଆପଣା ବରାଦ ଆପେ
କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ
କରିବାକୁ ହାଁ ଜୀ ହାଁ ଜୀ !
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନୂଆ ଲେଖକ ଦୃଷ୍ଟି ଦିଅନ୍ତୁ

ମହାଶୟ,

ଓଡ଼ିଶାରେ ଆଜିକାଲି ଅଧିକରୁ ଅଧିକ ସଂଖ୍ୟକ ଶିରୋନାମାରେ ପୁସ୍ତକ ପ୍ରକାଶ ପାଉଛି ଓ ଏହା ଆନନ୍ଦର ବିଷୟ। ପ୍ରକାଶକମାନଙ୍କ ଦ୍ୱାରା କେତେଜଣ ବିଶିଷ୍ଟ ଲେଖକଙ୍କ ପୁସ୍ତକ ବି ପ୍ରକାଶ କରାଯାଉଛି। ସାଧାରଣ ଲେଖକ ତଥା ନୂତନ ଲେଖକମାନେ ନିଜ ନିଜର ପାଣ୍ଡୁଲିପିଗୁଡ଼ିକ ଅଳ୍ପସଂଖ୍ୟାରେ ମୁଦ୍ରଣ କରାଉଛନ୍ତି। ଏଗୁଡ଼ିକର ଉନ୍ମୋଚନ କରାଯାଇ କୌଣସିମତେ ଆତ୍ମତୃପ୍ତି ଲାଭ କରାଯାଉଛି। ଏ ସବୁ ପୁସ୍ତକର ବିକ୍ରି ହେବାର ପ୍ରଶ୍ନ ଉଠୁନାହିଁ। ପୁସ୍ତକ ପ୍ରକାଶ ପାଇଲେ ନିର୍ଦ୍ଦିଷ୍ଟ କେତେକ ପାଠାଗାରକୁ ଖଣ୍ଡିଏ ଲେଖାଏଁ ପଠାଯିବା ସକାଶେ ଭାରତ ସରକାର ନୀତି ନିର୍ଦ୍ଧାରଣ କରିଛନ୍ତି। ଏଥିପ୍ରତି ନବାଗତମାନେ ଦୃଷ୍ଟି ଦେବାକୁ ବିଶେଷ ଅନୁରୋଧ।

**-ମନୋରଞ୍ଜନ ମହାରଣା, ରେମୁଣା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

Ministry of Ports, Shipping & Waterways
Government of India

SAGARMALA

PM Gati Shakti



# ବିକଶିତ ସାମୁଦ୍ରିକ କ୍ଷେତ୍ର
# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

## ଭିଓସି ବନ୍ଦରର ଆଉଟର ହାର୍ବର କଣ୍ଟେନର ଟର୍ମିନାଲର

**ଶିଳାନ୍ୟାସ ଉତ୍ସବ**

ଏବଂ

## ବିଭିନ୍ନ ଅନ୍ୟାନ୍ୟ ବିକାଶ ପ୍ରକଳ୍ପଗୁଡ଼ିକର

**ଲୋକାର୍ପଣ, ଉଦ୍‌ଘାଟନ ଏବଂ ଶିଳାନ୍ୟାସ**

**₹୧୭,୦୦୦ କୋଟିରୁ ଅଧିକ ମୂଲ୍ୟର**

ମାନ୍ୟବର ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

ବୁଧବାର, ୨୮ ଫେବୃଆରୀ, ୨୦୨୪, ପୂର୍ବାହ୍ନ ୯.୩୦ ଘଟିକା ପରଠାରୁ, ଭି.ଓ. ଚିଦାମ୍ବରନାର ବନ୍ଦର ପ୍ରାଧିକରଣ, ଟୁଟିକୋରିନ୍, ତାମିଲନାଡୁ





## ୩୬ ପ୍ରକଳ୍ପ

| ୧୮ | ୧୫ | ୩ |
|---|---|---|
| ଉଦ୍‌ଘାଟନ | ଶିଳାନ୍ୟାସ | ଲୋକାର୍ପଣ |
| ₹୫୩୫୦ କୋଟି | ₹୧୦୫୦୦ କୋଟି | ₹୧୫୫୦ କୋଟି |

**ଶୁଭାରମ୍ଭ**

ଭାରତର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ବନ୍ଦର ଭାବେ ଭିଓସି ବନ୍ଦର

ଭାରତର ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଜାହାଜ







### ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଲୋକାର୍ପଣ ହେବାକୁ ଥିବା ପ୍ରକଳ୍ପମାନ

ଭିଓସିପିଏଠାରେ ବର୍ଥର ଯାନ୍ତ୍ରିକୀକରଣ ଏବଂ ୫ ଏମ୍ଏଲ୍‌ଡି ଡିସାଲିନେସନ୍ ପ୍ଲାଣ୍ଟ । ସବୁଜ ହାଇଡ୍ରୋଜେନ୍ କିମ୍ବା ସେଥିରୁ ଉତ୍ପନ୍ନ ଇନ୍ଧନରେ ଚାଲିବା ପାଇଁ ବିଦ୍ୟାମନ ଏସ୍‌ସିଆଇ ଜାହାଜଗୁଡ଼ିକର ରେଟ୍ରୋଫିଟିଂ । ସାରା ଭାରତରେ ୭୫ ଗୋଟି ବତିଘରଠାରେ ପର୍ଯ୍ୟଟନ ସୁବିଧାର ବିକାଶ । ଏନ୍ଏମ୍‌ପିଏ ଏବଂ ଜେଏନ୍‌ପିଏଠାରେ ସଡ଼କ । ଭିପିଏଠାରେ ବର୍ଥର ନିର୍ମାଣ ଏବଂ ଜେଟୀର ଜୀର୍ଣ୍ଣୋଦ୍ଧାର । ଏନ୍‌ଏଚ୍-୮୪୪ର ଜିତ୍ତନଦାହାଲି - ଧର୍ମପୁରୀ ସେକ୍ସନର ଚାରି ଲେନିଂ । ଏନ୍‌ଏଚ୍-୮୧ର ମୀନସୁରୁଟ୍ଟି-ଚିଦାମ୍ବରମ୍ ସେକ୍ସନର ଦୁଇ ଲେନିଂ । ଏନ୍‌ଏଚ୍-୮୩ର ଓଡ୍ଡାନଚତ୍ରମ୍-ମଦଥୁକୁଲାମ ସେକ୍ସନର ଚାରି-ଲେନିଂ । ଏନ୍‌ଏଚ୍-୮୩ର ନାଗାପଟ୍ଟିନମ୍-ଥାଞ୍ଜାଭୁର ସେକ୍ସନର ଦୁଇ ଲେନିଂ । ଭାଞ୍ଚି ମଣିୟାଚ୍ଛି-ତିରୁନେଲଭେଲି ଏବଂ ମୋଲାପାଲୟମ୍‌ର ୮୬ କିମିର ଦୋହରୀକରଣ । ଆରାଲଭୟମୋଲି ରେଳ ସେକ୍ସନ । ଏମ୍‌ବିପିଏ ଏବଂ ଜେଏନ୍‌ପିଏଠାରେ ବର୍ଥଗୁଡ଼ିକର ଓ ଏବଂ ଏମ୍ । ଭିପିଏଠାରେ ପୂର୍ବ କ୍ୱେ'ର ଯାନ୍ତ୍ରିକୀକରଣ ଏବଂ ହସ୍ପିଟାଲକୁ ସୁପର୍ ସ୍ପେଶାଲିଟିରେ ଉନ୍ନତୀକରଣ । ଏନ୍ଏମ୍‌ପିଏଠାରେ ୧୫୦ ଶଯ୍ୟାବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ଏବଂ ଆବୃତ ଷ୍ଟୋରେଜ୍ । ଏମ୍‌ପିଏଠାରେ ଡ୍ରାଏ ଡକ୍ ଓ ଜାହାଜ ମରାମତି କାରଖାନାର ବିକାଶ ଏବଂ ୨ଟି ବର୍ଥର ଓ ଏବଂ ଏମ୍ । ଏସ୍ଏମ୍‌ପିଏଠାରେ ବର୍ଥଗୁଡ଼ିକର ପୁନଃ ନିର୍ମାଣ ଏବଂ ଯାନ୍ତ୍ରିକୀକରଣ । କୁଲସେକରପଟ୍ଟିନମ୍‌ଠାରେ ଇସ୍ରୋର ନୂଆ ଲଞ୍ଚ୍ କମ୍ପ୍ଲେକ୍ସ

### ରାଷ୍ଟ୍ର ପାଇଁ ଲାଭ

• କଣ୍ଟେନର ଟ୍ରାନ୍ସଶିପମେଣ୍ଟ ଖର୍ଚ୍ଚ ତଥା ଟର୍ନ ଆରାଉଣ୍ଡ ଟାଇମ୍ ହ୍ରାସ • ଭାରତର ପ୍ରଥମ ସବୁଜ ଏଚ୍‌୨ ହବ୍ ବନ୍ଦର ଓ ଜୈବପରିତନ୍ତ୍ର • ଜଳମାର୍ଗ ପାଇଁ ନିର୍ଗମନ ଓ କୋଳାହଳଶୂନ୍ୟ ଜାହାଜ • ଅଧିକ ଦକ୍ଷ, ସୁରକ୍ଷିତ ଓ ଦ୍ରୁତ କାର୍ଗୋ ଖଲାସି ଏବଂ ଲଜିଷ୍ଟିକ୍ସ • ଉତ୍ତମ ସଂଯୋଗୀକରଣ ପାଇଁ ଉନ୍ନତ ରେଳ ଓ ସଡ଼କ ଭିତ୍ତିଭୂମି • ଅଧିକ ବେଗ, ସହଜତା ଓ ଆରାମଦାୟକ ଯାତ୍ରା • ପର୍ଯ୍ୟଟନ ସମ୍ବନ୍ଧୀୟ ଅର୍ଥନୈତିକ ଗତିବିଧି ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି

### ଗରିମାମୟ ଉପସ୍ଥିତି

| ଆର୍.ଏନ୍. ରବି | ସର୍ବାନନ୍ଦ ସୋନୋୱାଲ | ଶ୍ରୀପଦ ୟେସ୍ସୋ ନାଏକ | ଶାନ୍ତନୁ ଠାକୁର | ଇ.ଭି. ଭେଲୁ | ପି. ଗୀତା ଜୀବନ | କାନିମୋଝି କରୁଣାନିଧି |
|---|---|---|---|---|---|---|
| ମାନ୍ୟବର ରାଜ୍ୟପାଳ, ତାମିଲନାଡୁ | ମାନ୍ୟବର ବନ୍ଦର, ଜାହାଜ ଚଳାଚଳ, ଜଳମାର୍ଗ ଏବଂ ଆୟୁଷ କେନ୍ଦ୍ରମନ୍ତ୍ରୀ ଭାରତ ସରକାର | ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ, ଜଳମାର୍ଗ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ | ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ | ମାନ୍ୟବର ପୂର୍ତ୍ତ, ରାଜମାର୍ଗ ଏବଂ ମାଇନର ବନ୍ଦର ମନ୍ତ୍ରୀ, ତାମିଲନାଡୁ | ମାନ୍ୟବର ସାମାଜିକ କଲ୍ୟାଣ ଏବଂ ମହିଳା ସଶକ୍ତୀକରଣ ମନ୍ତ୍ରୀ | ମାନ୍ୟବର ସାଂସଦ ଥୁଥୁକୁଡ଼ି |

ShipminIndia | Shipmin_India | Shipmin_India | Sagarmala Project | Sagarmala.gov.in / shipmin.gov.in

LIVE STREAM ଡିଡି ନ୍ୟୁଜରେ ସିଧା ପ୍ରସାରଣ ଦେଖନ୍ତୁ

cbc 37201/13/0023/2324




# ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବ ନୂଆ-ଓ ଛାତ୍ରବୃତ୍ତି

ଖୋର୍ଦ୍ଧା/ବେଗୁନିଆ,୨୭ା୨ (ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)

**ଖୋର୍ଦ୍ଧାରେ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ**

- **୧୬,୬୧୩ ଛାତ୍ରୀଛାତ୍ରଙ୍କୁ ମିଳିଲା ୧୬.୧୩ କୋଟି ବୃତ୍ତିରାଶି**
- **ଛାତ୍ରୀଛାତ୍ରଙ୍କୁ ମିଳିବ ମ୍ୟାଜିକ୍ କାର୍ଡ**

ଖୋର୍ଦ୍ଧା ଜିଲାରେ ମଙ୍ଗଳବାର ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧା ଓ ବେଗୁନିଆରେ ଅନୁଷ୍ଠିତ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅନୁଦାନପତ୍ର ବଣ୍ଟନ କରିଛନ୍ତି। ଜିଲାର ୩୦ଟି କଲେଜର ୧୬,୬୧୩ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ୧୬.୧୩ କୋଟି ଟଙ୍କା ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଇଛି। ଖୋର୍ଦ୍ଧାର ହାବେଳି ପଡ଼ିଆ ଓ ବେଗୁନିଆର ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫-ଟି ଅଧକ୍ଷ ପାଣ୍ଡିଆନ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ କରିବା ସହ ୫-ଟି ବ୍ୟବସ୍ଥାରେ ଆରମ୍ଭ କରାଯାଇଥିବା ଏହି ଯୋଜନା ଉଚ୍ଚଶିକ୍ଷାର ବିକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ଦିଗରେ ସହାୟତା କରିବ ବୋଲି ସୂଚନା ଦେଇଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଜଣାଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପଦକ୍ଷେପ ନୂଆ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ। ସଶକ୍ତ ଯୁବସମାଜ ଗଠନ ଦିଗରେ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ସମସ୍ତ ସହାୟତା ପ୍ରଦାନ କରିବେ। ଏହି ଛାତ୍ରବୃତ୍ତି ସାଧାରଣ ବର୍ଗ ଏବଂ ଓବିସି ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୦ ହଜାର ଓ ୯ ହଜାର ଟଙ୍କା ମିଳିବାକୁ ଥିବାବେଳେ ଏସ୍‌ସି/ଏସ୍‌ଟି ଏବଂ ନିର୍ମାଣ ଶ୍ରମିକଙ୍କ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୧ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏହି ବୃତ୍ତିରାଶି ପାଇବେ। ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ଆସନ୍ତା ମାର୍ଚ୍ଚ ୫ରେ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ ହେବ ଓ ଅଗଷ୍ଟ ୧୫ରେ ବଣ୍ଟନ କରାଯିବ। ଏହି କାର୍ଡ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନେ ୱାଇଫାଇ ଆକ୍ସେସ୍, ପୁସ୍ତକ କ୍ରୟରେ ରିହାତି, ବସ୍ ଓ ଟ୍ରେନ୍ ଯାତ୍ରାରେ ରିହାତି, ଅନ୍‌ଲାଇନ କ୍ଲାସ୍, ଅନ୍‌ଲାଇନ କ୍ୟାରିୟର କାଉନ୍‌ସେଲିଂ, ଫୋନ୍ ରିଚାର୍ଜ କରିବା ଭଳି ସୁବିଧା ପାଇବେ। ଏହି ମ୍ୟାଜିକ୍ କାର୍ଡ ଆଧାରକାର୍ଡ ସଦୃଶ। ଯଦି କୌଣସି ଛାତ୍ରୀ ବା ଛାତ୍ର ଭଲ ପ୍ରଦର୍ଶନ କରିବେ ତା'ହେଲେ ସେମାନଙ୍କ କାର୍ଡକୁ ସିଲ୍‌ଭର କାର୍ଡରେ ଅପ୍‌ଗ୍ରେଡ୍ କରାଯିବ ଓ ପର୍ଯ୍ୟାୟକ୍ରମେ ଏହାକୁ ଗୋଲ୍ଡେନ୍ ଓ ପ୍ଲାଟିନମ୍ କାର୍ଡକୁ ଅପ୍‌ଗ୍ରେଡ୍ କରାଯିବ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଅଧ୍ୟୟନ ଖର୍ଚ୍ଚକୁ ପରିଚାଳନା କରିପାରିବେ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଜନପ୍ରତିନିଧି, ପୋଲିସ ଫୋର୍ସ ସହଯୋଗ କରିଥିଲେ।


ଖୋର୍ଦ୍ଧା ହାବେଳି ପଡ଼ିଆରେ ମଙ୍ଗଳବାର ଆୟୋଜିତ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଗହଣରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ।

# ୫-ଟି ଅଧକ୍ଷଙ୍କୁ ଭେଟିଲେ ୧୪ ଅନୁଷ୍ଠାନର କର୍ମକର୍ତ୍ତା

ଭୁବନେଶ୍ୱର,୨୭ା୨(ଅନିଲ ଦାସ)

- **ସମସ୍ତଙ୍କ ପ୍ରସ୍ତାବ ଓ ଅନୁରୋଧକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଇଛି**
- **ମୁଖ୍ୟମନ୍ତ୍ରୀ,୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ କର୍ମକର୍ତ୍ତା**
- **ସମସ୍ତେ ମିଶି ମୁଖ୍ୟମନ୍ତ୍ରୀଙ୍କ ଆକାଂକ୍ଷିତ ନୂଆ ଓଡ଼ିଶା ଗଠନ ପାଇଁ କାମ କରିବାକୁ ପାଣ୍ଡିଆନଙ୍କ ପରାମର୍ଶ**

ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ନବୀନ ନିବାସଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି।

ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ ପାଣ୍ଡିଆନଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ପ୍ରତିକାର କରିଥିଲେ। ଏଥିପାଇଁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଦେଇଛନ୍ତି।

କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଉଦ୍ୟମ କରୁଛନ୍ତି। ଆପଣମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଆକାଂକ୍ଷିତ ଓଡ଼ିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ଅନୁରୋଧ ମୁତାବକ ଭୁବନେଶ୍ୱର ପୋଲିସ ଲାଇନ ମସ୍‌ଜିଦର ଲିଜ୍ ପ୍ରିମିୟମ ଛାଡ଼, କ୍ୟାପିଟାଲ ମସ୍କ କମିଟିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଜମିର ପ୍ରିମିୟମ ଛାଡ଼, ଭୁବନେଶ୍ୱର ଚନ୍ଦ୍ରଶେଖର ମୌଜାର ସ୍ୱଭାବ କବି ଗଙ୍ଗାଧର ମେହେର ଭବନର ଲିଜ୍ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଓଡ଼ିଶା ଅଗ୍ରଗାମୀ ଅଘରିଆ ସମାଜ ଜମି ଉପରେ ଲିଜ୍ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ଲିଜ୍ ପ୍ରିମିୟମ ଛାଡ଼, ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସନ୍ଥ ଭୀମ ଭୋଇ ମହିମା ଅଲେଖ ଟ୍ରଷ୍ଟର ଲିଜ୍ ପ୍ରିମିୟମ ଛାଡ଼, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘକୁ ଆର୍ଥିକ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ବିଡ଼ା ମୂଲ୍ୟ ବୃଦ୍ଧି, ୫୦ ପ୍ରତିଶତ ବୋନସ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବୟସ ସୀମା ୨ ବର୍ଷ ବୃଦ୍ଧି, ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘକୁ ୫ ବର୍ଷ ପରେ ଚାକିରି ନିୟମିତ କରାଯାଇଛି। ସେହିପରି ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ନିଯୁକ୍ତିରେ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ଓଡ଼ିଶା ଶିଳ୍ପୀ ମହାସଂଘକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟକ ଯୋଜନାରେ ସହାୟତା ପ୍ରଦାନ, ଖଣ୍ଡଗିରିଠାରେ ରାଜ୍ୟ ହସ୍ତଗୃହ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ରାଜ୍ୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ପ୍ରଦାନ, କୁଲତା ସମାଜକୁ ପୁରୀ ତାଳବଣିଆଠାରେ ଜମି ପ୍ରଦାନ, ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ମନ୍ଦିରର ରୂପାନ୍ତର ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ସହ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ମୁସ୍‌ଲିମ କମ୍ୟୁନିଟି ପାଇଁ ୩ଟି କଲ୍ୟାଣ ମଣ୍ଡପ ନିର୍ମାଣ ସକାଶେ ସହାୟତା ପ୍ରଦାନ କରାଯାଇଛି। ଖୁବ୍ କମ୍ ସମୟ ମଧ୍ୟରେ ୫-ଟି ଉପକ୍ରମରେ ଏସବୁ ସମସ୍ୟାର ସମାଧାନ କରାଯାଇଛି। ଏହା ଦ୍ୱାରା ସମ୍ପୃକ୍ତ ସଦସ୍ୟା ସଦସ୍ୟମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ସୀମାନ୍ତରେ ପୋଲିସ ଗୁଳିରେ ୪ ମାଓବାଦୀ ନିହତ

ମାଲକାନଗିରି,୨୭ା୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ମାଓବାଦୀଙ୍କ ଆକ୍ରମଣ ଯୋଜନାକୁ ସୁରକ୍ଷା କର୍ମୀ ଭଣ୍ଡୁର କରିଛନ୍ତି। ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ଜବତ କରାଯାଇଛି। ବିଜାପୁର ଜିଲା ଜଙ୍ଗଲା ଥାନା ଅନ୍ତର୍ଗତ ଛୋଟେ ତୁଙ୍ଗଲି ଜଙ୍ଗଲରେ ମାଓବାଦୀମାନେ ଏକାଠି ହୋଇ ଆକ୍ରମଣ ଯୋଜନା କରୁଥିବା ଗୋଇନ୍ଦା ସୂଚନା ପାଇଥିଲା ବିଜାପୁର ପୋଲିସ। ପରେ ଡିଆର୍‌ଜି ବାହିନୀ ସହ ବସ୍ତର ଫାଇଟର ଏବଂ ସିଆର୍‌ପିଏଫ୍ ବାହିନୀର ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନରେ ଯାଇଥିଲେ। ଯବାନଙ୍କ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିବାରୁ ଯବାନମାନେ ପାଲଟା ଆକ୍ରମଣ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିବା ବେଳେ ୪ ମାଓବାଦୀ ଏଥିରେ ନିହତ ହୋଇଛନ୍ତି। ବହୁ ମାଓବାଦୀ ସାମଗ୍ରୀ ଯବାନମାନେ ଜବତ କରିବା ସହ ସେହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଜଣାପଡ଼ିଛି।

# ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୭ା୨(ଅସମାପିକା ସାହୁ)


ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଓଡ଼ିଶା ଆସୁଛନ୍ତି। ସେ ୪ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ବୁଧବାର ରାଷ୍ଟ୍ରପତି ରାଇରଙ୍ଗପୁରଠାରେ କେନ୍ଦ୍ର ସରକାରଙ୍କ ଅବକାଶ ନିବାସ ପାଇଁ ଶିଳାନ୍ୟାସ କରିବେ। ଏହି ଅବସରରେ ସେ ରାଇରଙ୍ଗପୁରଠାରେ ବିଭିନ୍ନ ସଡ଼କ ପ୍ରକଳ୍ପ ଓ କ୍ରୀଡ଼ା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବଡ଼ସାହିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ୨୯ ତାରିଖରେ ରାଷ୍ଟ୍ରପତି କେନ୍ଦୁଝର ଜିଲା ଗୋନାସିକାସ୍ଥିତ କଦଳୀବାଡ଼ି ଗ୍ରାମର ପିଭିଟିଜି ସଦସ୍ୟଙ୍କ ସହ ଆଲୋଚନା କରିବେ। ଏହାପରେ ସେ 'କେନ୍ଦୁଝରର ଜନଜାତି: ଲୋକ, ସଂସ୍କୃତି ଓ ଐତିହ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦଘାଟନ କରିବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସ, ଗମ୍ଭରିଆ, କେନ୍ଦୁଝରଠାରେ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବେ। ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଆସନ୍ତା ୧ ତାରିଖରେ ରାଷ୍ଟ୍ରପତି ଭଞ୍ଜବିହାରସ୍ଥିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ପରେ ସେ କଟକରେ ବ୍ରହ୍ମକୁମାରୀ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ। ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ରାଜଭବନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ଉପସ୍ଥାପନା ଦେଖିବେ। ଆସନ୍ତା ୨ ତାରିଖରେ ରାଷ୍ଟ୍ରପତି ସମ୍ବଲପୁର ଜିଲାରେ ସନ୍ଥକବି ଭୀମ ଭୋଇଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ। ଏଥିସହ ସମ୍ବଲପୁର ମିନି ଷ୍ଟାଡିୟମରେ ସେ ମହିମା ସମ୍ପ୍ରଦାୟର ଅନୁଗାମୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ଗହଣା ବ୍ୟବସାୟୀଙ୍କୁ ଗୁଳି, ଲୁଟ୍

ରାସୋଳ (ସରୋଜ ମିଶ୍ର)/ ଢେଙ୍କାନାଳ,୨୭ା୨(ରତନ ନାୟାର)

**ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର**

କଟକ-ସମ୍ବଲପୁର ପୁରୁଣା ରାସ୍ତାର ଢେଙ୍କାନାଳ ଜିଲା ରାସୋଳ ଥାନା ଇସରାପାଳ ଓ କଦଳୀପାଳ ମଧ୍ୟରେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ବାଇକ୍‌ରେ ଯାଉଥିବା ଗହଣା ବ୍ୟବସାୟୀ ପ୍ରକାଶଚନ୍ଦ୍ର ସାହୁ(୪୦)ଙ୍କୁ ଗୁଳିମାଡ଼ କରାଯାଇ ଲୁଟ୍‌ପାଟ କରାଯାଇଛି। ପଛରୁ ବାଇକ୍‌ରେ ଆସିଥିବା ୨ଜଣ ଦୁର୍ବୃତ୍ତ ଗହଣା ବ୍ୟବସାୟୀ ପ୍ରକାଶଚନ୍ଦ୍ରଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିବା ସୂଚନା ମିଳିଛି। ଗୁଳିଟି ପ୍ରକାଶଚନ୍ଦ୍ରଙ୍କ ଡାହାଣପଟ ଅଣ୍ଟାତଳେ ପଶିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଖଲାରୀ ଅଞ୍ଚଳର ପ୍ରକାଶ କଟକରୁ ମାର୍କେଟିଂ ସାରି ବାଇକ୍ ଯୋଗେ ଅନୁଗୋଳ ଫେରୁଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ପୁରୁଣା କଟକ-ସମ୍ବଲପୁର ରାସ୍ତାର ଇସରାପାଳ ଓ କଦଳୀପାଳ ମଧ୍ୟରେ ସମ୍ପୃକ୍ତ ଦୁର୍ବୃତମାନେ ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ତାଙ୍କ ଠାରୁ ସାଢ଼େ ୩ ଲକ୍ଷ ଟଙ୍କାର ସୁନାଗହଣା ସହିତ ସେ ପିନ୍ଧିଥିବା ଲକେଟ୍ ଓ ଏକ ସୁନାଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଖବରପାଇ ସଦର ଥାନା, ଭାପୁର ଫାଣ୍ଡି ପୋଲିସ ଓ ରାସୋଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଓଟିପି ପାଇଁ ୩୦ କି.ମି.

ଉଦଳା,୨୭ା୨ (ସନ୍ତୋଷ କୁମାର ବାଛିନୀ)

ଦେଶରେ ୫-ଜି ଟେଲି ସେବା ଉପଲବ୍ଧ ହୋଇଥିବା ବେଳେ ନେଟ୍‌ୱର୍କ ନ ଥିବାରୁ ଝିଅର ଭବିଷ୍ୟତ ପାଇଁ ଜଣେ ବ୍ୟକ୍ତି ୩୦ କି.ମି. ଦୂରକୁ ଯାଇ ଓଟିପି ନମ୍ବର ଦେବା ଭାରତ ସଞ୍ଚାର ନିଗମ ଲିମିଟେଡ଼(ବିଏସ୍‌ଏନ୍‌ଏଲ୍)ର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ। ସୂଚନା ଅନୁଯାୟୀ, ଉଦଳା ଏନ୍‌ଏସି ୧୦ନଂ. ୱାର୍ଡର ଦୀପକ କୁମାର ପରିଡ଼ାଙ୍କ ଝିଅ ତାସା ବାଲେଶ୍ୱରରେ ରହି ପାଠ ପଢ଼ନ୍ତି। ମଙ୍ଗଳବାର ସେ ବାଲେଶ୍ୱରରେ ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୪ ନିମନ୍ତେ ଆବେଦନ କରୁଥିଲେ। ତାଙ୍କ ଆଧାର କାର୍ଡରେ ବାପା ଦୀପକ ପରିଡାଙ୍କ ମୋବାଇଲ୍ ନମ୍ବର ଲିଙ୍କ୍ ଥିବାରୁ ଓଟିପି ଦୀପକଙ୍କ ନିକଟକୁ ଆସିଥିଲା। ଉଦଳା ଅଞ୍ଚଳରେ ୨ ଦିନ ହେବ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ନ ରହିବା ସହିତ କୌଣସି କଲ୍ ଯାଇ ଆସିପାରୁନାହିଁ। ଦୀପକ ବ୍ୟବହାର କରୁଥିବା ମୋବାଇଲ୍ ନମ୍ବର ବିଏସ୍‌ଏନ୍‌ଏଲ୍‌ର ହୋଇଥିବାରୁ କୌଣସି ଓଟିପି ତାଙ୍କ ନିକଟରେ ପହଞ୍ଚୁ ନ ଥିଲା। ସେପଟେ ପରିବାରର ଅନ୍ୟ ସଦସ୍ୟଙ୍କୁ ଝିଅ ତାସା ଫୋନ କରିବା ପରେ ଦୀପକ ଓଟିପି ବାବଦରେ ଜାଣିବାକୁ ପାଇଥିଲେ। ଏହା ପରେ ଝିଅର ଭବିଷ୍ୟତ ପାଇଁ ଓଟିପି ନମ୍ବର ଦେବାକୁ ଦୀପକ ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ନମ୍ବରକୁ ଧରି ଚାଲିଥିଲେ ନେଟ୍‌ୱର୍କ ଅନୁସନ୍ଧାନରେ। ଉଦଳାରୁ ବାହାରି ୩୦ କି.ମି. ଯାଇ ନୀଳଗିରି ପାଖ ସଜନାଗଡ଼ ଛକ ନିକଟରେ ପହଞ୍ଚିବା ପରେ ନେଟ୍‌ୱର୍କ ପାଇଥିଲେ। ସେଠାରେ ଝିଅକୁ ଫୋନ କରି କଥା ହେବା ସହିତ ଓଟିପି ନମ୍ବର ପ୍ରଦାନ କରିଥିଲେ। ଏହାପରେ ପରେ ତାଙ୍କ ଝିଅ ଆବେଦନ କରିଥିଲେ। ଏହି ବିଭ୍ରାଟ ବାବଦରେ ଉଦଳା ସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସରେ କାର୍ଯ୍ୟରତ ଜେଟିଓ ଜଗନ୍ନାଥ ମାଝିଙ୍କୁ ପଚାରିବାରୁ ପାଣି ପାଇପ୍ ଲାଇନ ପାଇଁ କେବୁଲ ତାଡ଼ି ଦିଆଯାଉଛି। ଫଳରେ ତାର କଟିଯାଇ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କରେ ବିଭ୍ରାଟ ଘଟୁଛି। ଏନେଇ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି।

# ଢେଙ୍କାନାଳ ଜିଲାରେ ବଢୁଛି କଲରାପତରିଆଙ୍କ ସଂଖ୍ୟା

ଢେଙ୍କାନାଳ,୨୭ା୨(ରତନ ନାୟାର)



**କନ୍ଧରା ଜଙ୍ଗଲ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱର୍ଗ ସଦୃଶ**

ଢେଙ୍କାନାଳ ଜିଲାରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ପ୍ରାୟ ୧୦ଟି କଲରାପତରିଆ ବାଘ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଶେଷ ହୋଇଥିବା ବାଘ ଗଣନାରୁ ଜଣାପଡିଛି। ହିନ୍ଦୋଳ ରେଞ୍ଜ୍ କନ୍ଧରା ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ଏବଂ ମହାବୀର ରୋଡ୍ ରେଞ୍ଜ୍ ମଧ୍ୟରେ ଥିବା ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଅଧିକ ସଂଖ୍ୟାରେ କଲରାପତରିଆ ବାଘ ଥିବା ଟ୍ରାପ୍ କ୍ୟାମେରାରୁ ଜଣାପଡିଛି।

ପ୍ରକାଶ ଯେ, ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜର କନ୍ଧରା ସଂରକ୍ଷିତ ଜଙ୍ଗଲର ପରିସୀମା ହେଉଛି ୧୧୪୧୧.୧୫ ହେକ୍ଟର। ଏହା ସବୁଠାରୁ ଘଞ୍ଚ ହୋଇଥିବାବେଳେ ଅନୁଗୋଳ ଜିଲାର ସାତକୋଶିଆ ଅଭୟାରଣ୍ୟ ଓ କଟକ ଜିଲାର ବଡମ୍ବା ଏବଂ ନରସିଂହପୁର ସଂରକ୍ଷିତ ଜଙ୍ଗଲକୁ ଏହାର ସୀମା ଲାଗିରହିଛି। ତେଣୁ ବନ୍ୟପ୍ରାଣୀଙ୍କ ବିଚରଣ ପାଇଁ ଏହା ଏକ ଉତ୍ତମ ଅଞ୍ଚଳ ହୋଇପାରିଛି। ଏହି କାରଣରୁ କନ୍ଧରା ଜଙ୍ଗଲକୁ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱର୍ଗ ସଦୃଶ ବୋଲି କୁହାଯାଉଛି। କଲରାପତରିଆ ବାଘ ଗୋଟିଏ ଜାଗାରେ ରହନ୍ତି ନାହିଁ। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଜଙ୍ଗଲ ମଧ୍ୟରେ ପ୍ରବେଶ କରିଥାନ୍ତି। ତେଣୁ କନ୍ଧରା ଜଙ୍ଗଲରେ ଥିବା କଲରାପତରିଆ ବାଘ ଅଧିକାଂଶ ସମୟରେ ସାତକୋଶିଆ ଅଭୟାରଣ୍ୟ ଏବଂ ବଡମ୍ବା ଓ ନରସିଂହପୁର ଜଙ୍ଗଲ ଆଡକୁ ଯିବାଆସିବା କରିଥାନ୍ତି। ସାତକୋଶିଆ ଏବଂ ବଡମ୍ବା ନରସିଂହପୁର ଜଙ୍ଗଲକୁ କନ୍ଧରା ଜଙ୍ଗଲ ଲାଗିଥିବା ଯୋଗୁ ଭବିଷ୍ୟତରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଏହା ଏକ ପ୍ରମୁଖ ଅଞ୍ଚଳ ହେବ ବୋଲି ବନ ବିଭାଗ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ଢେଙ୍କାନାଳ ଜିଲାରେ ପୂର୍ବ ଅପେକ୍ଷା କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିବା ବନବିଭାଗ ପାଇଁ ଏକ ଖୁସି ଖବର ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ଚଳିତ ବାଘ ଗଣନାରେ ଢେଙ୍କାନାଳ ଜିଲାରେ ମହାବଳ ବାଘ ନ ଥିବା ଜଣାପଡିଛି। କିନ୍ତୁ ଯେ ପର୍ଯ୍ୟନ୍ତ ପୂରା ସଂଖ୍ୟା ମିଳିନାହିଁ ସେଯାଏ ପ୍ରାୟ ୧୦ଟି କଲରାପତରିଆ ବାଘ ଥିବା କ୍ୟାମେରା ଟ୍ରାପ୍ ଓ ଅନ୍ୟାନ୍ୟ ପ୍ରମାଣରୁ ଜଣାପଡିଛି। କଲରାପତରିଆ ବାଘ ଅଧିକା ରହିବା ନିଶ୍ଚିତ ଖୁସି ଖବର।

# ମାର୍ଚ୍ଚ ପ୍ରଥମ ସପ୍ତାହରେ ଓଡ଼ିଶା ଆସିବେ ମୋଦି: ମନମୋହନ

ଭୁବନେଶ୍ୱର,୨୭ା୨ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ। ଚଣ୍ଡିଖୋଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସେ ଓଡ଼ିଶା ଆସୁଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ତେବେ ଚଣ୍ଡିଖୋଲଠାରେ ତାଙ୍କର ସରକାରୀ ନା ଦଳୀୟ କାର୍ଯ୍ୟକ୍ରମ ରହିଛି ସେନେଇ ମନମୋହନ କିଛି ସ୍ପଷ୍ଟ କରିନାହାନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ରାଜ୍ୟ ସରକାରଙ୍କ ପାଖକୁ ମଧ୍ୟ ସେମିତି କିଛି ବିଧିବଦ୍ଧ ସୂଚନା ଆସିନାହିଁ। ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଅଧିକ ଖବର ସଂଗ୍ରହ ଲାଗି ଅନ୍ୟ ଭାଜପା ନେତାମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେମାନଙ୍କ ନିକଟରେ ସେପରି କିଛି ସ୍ପଷ୍ଟ ସୂଚନା ନ ଥିବା କହିଛନ୍ତି।





ମେଧାବୀ ଆକାଂକ୍ଷୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତମ ସଫଳତା ହାସଲ ଲାଗି ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଦେବାକୁ ପ୍ରୟାସ କରିବେ। ନୂଆ-ଓ ଛାତ୍ରବୃତ୍ତି ଯୋଜନା ଉଚ୍ଚଶିକ୍ଷାର ବିକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ଦିଗରେ ବେଶ ସହାୟକ ହେବ।

**– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କଠାରୁ ଏହି ମ୍ୟାଜିକ୍ କାର୍ଡ ସମ୍ପର୍କରେ ମତାମତ ଦିଆଯାଇ ପଏଣ୍ଟ ବ୍ୟବସ୍ଥାରେ ଅଧିକ କାର୍ଯ୍ୟଧାରାକୁ ସାମିଲ କରାଯାଇପାରିବ । ଏହି କାର୍ଡ ସମ୍ପୂର୍ଣ୍ଣ ଭାବରେ ବୈଷୟିକ ଜ୍ଞାନକୌଶଳ ଯୁକ୍ତ ହେବ ଏବଂ ଯୁବ ସଶକ୍ତୀକରଣ ତଥା ନିୟୋଜନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ।

**– କାର୍ତ୍ତିକ ପାଣ୍ଡିଆନ୍, ୫–ଟି ଅଧ୍ୟକ୍ଷ**





# ୨୦୨୪-୩୪ ଯୁବ ଦଶନ୍ଧିର ବର୍ଷ

ନୂଆ ଓଡ଼ିଶା ସ୍ୱପ୍ନ ସାକାର କରିବା ଦିଗରେ ରାଜ୍ୟ ସରକାର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବେ। ମହିଳା ସଶକ୍ତୀକରଣ ପାଇଁ ଯେଭଳି ଭାବେ ମିଶନ ଶକ୍ତି କାର୍ଯ୍ୟ କରିଛି ଆଗାମୀ ୧୦ ବର୍ଷ ମଧ୍ୟରେ ସେହିପରି ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ, ସଶକ୍ତୀକରଣ ଏବଂ ବିକାଶକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟରେ କଲେଜ ରୂପାନ୍ତରୀକରଣ କାର୍ଯ୍ୟ ଚାଲୁ ରହିଛି। ଗତ ବର୍ଷ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ବେଶ୍ ଫଳପ୍ରଦ ହୋଇଛି । ଏହା ପରବର୍ତ୍ତୀ ପଦକ୍ଷେପ ଭାବେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକାରୀ କରାଯାଇଛି। ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାର ସବୁଠାରୁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଯେଉଁଥିରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗତ, ବ୍ୟକ୍ତିତ୍ୱ, ଦକ୍ଷତା ଓ ନିଯୁକ୍ତି କ୍ଷେତ୍ରର ବିକାଶ ଆଦି ବ୍ୟବସ୍ଥା ରହିଛି। ଏହା ଯୁବତୀଯୁବକଙ୍କୁ ନିଜର ସ୍ୱପ୍ନ ସାକାର କରିବା ଦିଗରେ ସହାୟକ ହେବ। ଏଥିରେ ସେମାନଙ୍କର କ୍ୟାରିୟର ଏବଂ ବ୍ୟକ୍ତିତ୍ୱ ବୃଦ୍ଧି କରିବା ପାଇଁ ବ୍ୟବସ୍ଥା ରହିବ।

## ମ୍ୟାଜିକ୍ କାର୍ଡ

- ମାର୍ଚ୍ଚ ୫ରୁ ପଞ୍ଜୀକରଣ ଆରମ୍ଭ
- ଅଗଷ୍ଟ ୧୫ ସୁଦ୍ଧା ମ୍ୟାଜିକ୍ କାର୍ଡ ପାଇବେ ଛାତ୍ରୀଛାତ୍ର
- ଶିକ୍ଷା କ୍ଷେତ୍ରରେ ଉନ୍ନତି ଓ ଦକ୍ଷତା ବିକାଶ କରିବ ମ୍ୟାଜିକ୍ କାର୍ଡ
- ଯୁବପିଢ଼ିଙ୍କ ସ୍ୱପ୍ନ ସାକାର କରିବ ମ୍ୟାଜିକ୍ କାର୍ଡ
- ଛାତ୍ରୀଛାତ୍ରଙ୍କୁ ୱାଇଫାଇ, ବହିକିଣା ଓ ଯାତ୍ରାରେ ରିହାତି ଦେବ
- କ୍ୟାରିୟର କାଉନ୍‌ସେଲିଂ ଓ ନିଯୁକ୍ତିରେ ସହାୟକ ହେବ

- ସଶକ୍ତ ଲାଗି ଯୁବପିଢି ସ୍ୱପ୍ନ ପୂରଣ କରିପାରିବେ
- ଅର୍ଥ ଅଭାବରୁ କୌଣସି ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେନି
- ଛାତ୍ରୀଙ୍କୁ ୧୦ ହଜାର, ଛାତ୍ରଙ୍କୁ ୯ ହଜାର ଟଙ୍କା
- ଏସିଏସ୍‌ଟି ଓ ନିର୍ମାଣ ଶ୍ରମିକ ଛାତ୍ରଙ୍କୁ ୧୦, ଛାତ୍ରୀଙ୍କୁ ୧୧ ହଜାର
- ମା'ବାପାଙ୍କ ଉପରୁ କିଛି ମାତ୍ରାରେ ବୋଝ କମ୍ ହେବ
- ନୂଆ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ
- ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ

## ୩ ଜିଲାର ୫୭ କଲେଜକୁ ୨୮ କୋଟି

- ସମ୍ବଲପୁର: ୨୧ କଲେଜର ୧୩,୪୩୨ ଛାତ୍ରୀଛାତ୍ର
- ଅନୁଗୋଳ: ୨୫ କଲେଜର ୧୧,୨୬୫ ଛାତ୍ରୀଛାତ୍ର
- ଦେବଗଡ଼: ୧୧ କଲେଜର ୩,୪୨୪ ଛାତ୍ରୀଛାତ୍ର

## ପାସ୍‌ପୋର୍ଟ ଟୁ ପ୍ରସ୍‌ପରିଟି

ମ୍ୟାଜିକ କାର୍ଡ ଯୁବବର୍ଗଙ୍କ ପାଇଁ ବେଶ୍ ସହାୟକ ହେବ। ଯେଉଁଥିରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗତ, ବ୍ୟକ୍ତିତ୍ୱ, ଦକ୍ଷତା ଓ ନିଯୁକ୍ତି କ୍ଷେତ୍ରର ବିକାଶ ଆଦି ବ୍ୟବସ୍ଥା ରହିଛି। ଏହା ଯୁବତୀଯୁବକଙ୍କୁ ନିଜର ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହେବ। ଏଥିରେ ସେମାନଙ୍କ କ୍ୟାରିୟର ଏବଂ ବ୍ୟକ୍ତିତ୍ୱ ବୃଦ୍ଧି କରିବା ପାଇଁ ବ୍ୟବସ୍ଥା ରହିବ। ଏହି କାର୍ଡ 'ପାର୍ସପୋର୍ଟ ପ୍ରସ୍‌ପରିଟି' ଆଧାରିତ ହେବ। କାର୍ଯ୍ୟକ୍ରମର ପଏଣ୍ଟ ଏବଂ ପାରାମିଟର ଆଧାରରେ ଏହି କାର୍ଡ ରୌପ୍ୟ, ସ୍ୱର୍ଣ୍ଣ ଏବଂ ପ୍ଲାଟିନମ ସ୍ତରକୁ ଯିବ। ଉପସ୍ଥାନ, ସମୟାନୁବର୍ତ୍ତୀ, ଶୃଙ୍ଖଳା, ଶିକ୍ଷାଗ୍ରହଣ କ୍ଷେତ୍ରରେ ପାରଦର୍ଶିତା, କ୍ରୀଡ଼ା, ଅନ୍‌ଲାଇନ କୋର୍ଡ, ବ୍ୟକ୍ତିତ୍ୱ ବିକାଶ ଆଦି କ୍ଷେତ୍ର ଆଧାରରେ ସ୍ମାର୍ଟକାର୍ଡ ବଣ୍ଟନ ଓ ଅପଗ୍ରେଡ କରାଯିବ। ଛାତ୍ରୀଛାତ୍ରମାନଙ୍କ ପ୍ରତ୍ୟେକ ଅଂଶ ଗ୍ରହଣକୁ ମାନ ଦଣ୍ଡ ଆକାରରେ ଗ୍ରହଣ କରାଯିବ। ଏହି ସ୍ମାର୍ଟକାର୍ଡ ଜରିଆରେ ଛାତ୍ରୀଛାତ୍ରମାନେ ବସ୍, ଟ୍ରେନ, ବିମାନ ଯାତ୍ରାରେ ରିହାତି ପାଇପାରିବେ। ଏହାକୁ ଫୋନ ସହ ସଂଯୋଗ କରାଯାଇ ପାରିବ। ଏହି କାର୍ଡ ମାଧ୍ୟମରେ ଅନ୍‌ଲାଇନ କୋର୍ସ, ନିଯୁକ୍ତି ସୃଷ୍ଟିର ବ୍ୟବସ୍ଥା ରହିଛି। ଏହି କାର୍ଡ ଜରିଆରେ ଛାତ୍ରୀଛାତ୍ରମାନେ କମ୍ପାନୀଗୁଡ଼ିକ ସହ ସମ୍ପର୍କରେ ଆସିପାରିବେ। ଏଥିସହିତ ଏହାକୁ ଷ୍ଟାର୍ଟ ଅପ୍ ଇକୋ ସିଷ୍ଟମ ସହିତ ସଂଯୋଗ କରିବା ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଯୁବ ଉଦ୍ୟୋଗୀ ପାଇଁ ପ୍ରୋତ୍ସାହିତ କରାଯିବ। ଉଦ୍ୟୋଗୀ ହେବାକୁ ଚାହିଁଲେ ଏହି କାର୍ଡ ବ୍ୟାଙ୍କର ଋଣ ପାଇଁ ଅଗ୍ରାଧିକାର ମିଳିବ।



### ବୃତ୍ତି ରାଶିରେ ଅନ୍‌ଲାଇନ୍ କୋର୍ସ କରିବି

ନୂଆ-ଓ ଛାତ୍ରବୃତ୍ତି ଉଚ୍ଚଶିକ୍ଷାରେ ବିଶେଷ ସହାୟକ ହୋଇପାରିବ। ଏହି ଅର୍ଥରେ ମୁ ଆବଶ୍ୟକ ଅନୁସାରେ ପାଠ୍ୟ ପୁସ୍ତକଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ କ୍ରୟ କରିପାରିବି। ଏହି ବୃତ୍ତି ରାଶିରେ କୋଚିଂ ବା ଅନ୍‌ଲାଇନ୍ କୋର୍ସ କରିବି ବୋଲି ମନସ୍ଥ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଉଛି।

**- ବିଶ୍ୱଜିତ ମିତ୍ର, ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ଛାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର**





### ମ୍ୟାଜିକ କାର୍ଡ ଏକ ଯୁଗାନ୍ତକାରୀ ପଦକ୍ଷେପ

ଆସନ୍ତା ମାର୍ଚ୍ଚ ୫ରେ ମୁଖ୍ୟମନ୍ତ୍ରୀ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ୫-ଟି ଅଧକ୍ଷଙ୍କ ବକ୍ତବ୍ୟ ଅନୁସାରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ସାବ୍ୟସ୍ତ ହେବ। ବିଶେଷ କରି ଅନ୍‌ଲାଇନ କୋଚିଂ, ବସ୍ ଓ ଟ୍ରେନ୍‌ରେ ରିହାତି, ପାଠ୍ୟପୁସ୍ତକ କ୍ରୟରେ ଥିବା ରିହାତିରୁ ଛାତ୍ରୀଛାତ୍ର ଲାଭବାନ ହେବେ। ଏହାଛଡା ଖେଳକୁଦ ତଥା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ଅନୁସାରେ ଛାତ୍ରୀଛାତ୍ରୀଙ୍କ ମ୍ୟାଜିକ କାର୍ଡର ଅପଗ୍ରେଡେଶନ ଏକ ଉତ୍ତମ ପଦକ୍ଷେପ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଜଣାଉଛି।

**- ରାକେଶ ସ୍ୱର୍ଣ୍ଣକାର, ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ଛାତ୍ର, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମ୍ବଲପୁର**

### ମିଳିଥିବା ଅର୍ଥରେ ପାଠ୍ୟ ଉପକରଣ କିଣିବି

ପୂର୍ବରୁ ଏତେ ମାତ୍ରାରେ ବୃତ୍ତି ପ୍ରଦାନ କରାଯାଉ ନ ଥିଲା। ଫଳରେ ଅନେକ ମେଧାବୀ ଅର୍ଥାଭାବରୁ ଅଧାରୁ ପାଠପଢ଼ା ବନ୍ଦ କରିଦେଉଥିଲେ। ଏ ଦିଗରେ ରାଜ୍ୟ ସରକାରଙ୍କ ନୂଆ ପଦକ୍ଷେପ ଛାତ୍ରୀଛାତ୍ରଙ୍କୁ ଆଗକୁ ପଢ଼ିବାକୁ ଉତ୍ସାହିତ କରିବ। ମିଳିଥିବା ଅର୍ଥରେ ପାଠ୍ୟ ଉପକରଣ କିଣିବି। ବୃତ୍ତି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଧନ୍ୟବାନ ଜଣାଉଛି।

**- ଋତୁପୂର୍ଣ୍ଣା ବଳିଆରସିଂହ, ଯୁକ୍ତ ୩ କଳା ଶେଷବର୍ଷ ଛାତ୍ରୀ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



### ଭାଙ୍ଗିପଡୁଥିବା ମନୋବଳକୁ ସୁଦୃଢ଼ କରିବ

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ବୃତ୍ତି ଗରିବ ଛାତ୍ରୀଛାତ୍ରଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବ। ନାମଲେଖା ଠାରୁ ଆରମ୍ଭ କରି ପାଠ୍ୟ ଉପକରଣ କିଣାଯାଏ ଏହି ଅର୍ଥ ସେମାନଙ୍କୁ ବୋଝକୁ ନିଶ୍ଚିତ ହାଲୁକା କରିଦେବ। ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ମନୋବଳକୁ ସୁଦୃଢ଼ କରିବ। ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛି।

**- ମୀନକେତନ ପରିଡ଼ା, ଯୁକ୍ତ ୩ ଶେଷ ବର୍ଷ ଛାତ୍ର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



### ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ

ଓଡ଼ିଶା ସରକାରଙ୍କ ଯୁକ୍ତ ୩ର ସବୁ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ନୂଆ-ଓ ଛାତ୍ରବୃତ୍ତି ଏକ ଅଭିନବ ପ୍ରୟାସ । ମୋ ପାସ୍‌ବୁକ୍‌ରେ ଛାତ୍ରବୃତ୍ତି ୧୦ ହଜାର ଟଙ୍କା ଜମା ହୋଇଥିବା ମେସେଜ୍ ପାଇ ମୁଁ ପ୍ରଥମେ ବିଶ୍ୱାସ କରିପାରି ନ ଥିଲି। ଏହି ଟଙ୍କାର ଶତପ୍ରତିଶତ ମୁଁ ପାଠପଢାରେ ବିନିଯୋଗ କରିବି। ଏହା ଦ୍ୱାରା ମୋ ଭଳି ରାଜ୍ୟର ଗରିବ ବିଦ୍ୟାର୍ଥୀ ନିଶ୍ଚିତ ଭାବରେ ଉପକୃତ ହେବେ ଏବଂ ଭବିଷ୍ୟତ ଗଢିବାରେ ସଫଳ ହେବେ । ଏହିଭଳି ଛାତ୍ର ବୃତ୍ତି ପ୍ରଦାନରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ପ୍ରଥମ ବୋଲି କୁହାଯାଉଛି। ଏଭଳି ପ୍ରୟାସ ପାଇଁ ରାଜ୍ୟ ସରକାର ଧନ୍ୟବାଦର ପାତ୍ର।

**- ଉତ୍କଳିନୀ ପ୍ରଧାନ, ଯୁକ୍ତ ୩, ମଡ଼େଲ କଲେଜ, ଦେବଗଡ଼**



### ପାଠପଢ଼ାରେ ଅର୍ଥ ବାଧକ ସାଜିବ ନାହିଁ

ମୋ ପାସ୍‌ବୁକ୍‌ରେ ନୂଆ-ଓ ଯୋଜନାର ଛାତ୍ରବୃତ୍ତି ବାବଦ ୧୦ହଜାର ଟଙ୍କା ଜମା ହେବା ଦେଖି ଖୁବ୍ ଖୁସି ହେଲି। ଏହି ଟଙ୍କାରେ ଗାଇଡ଼ବୁକ୍ ଓ ଅନ୍ୟାନ ପାଠ୍ୟ ସାମଗ୍ରୀ କିଣିବି। ମୋ ପରିବାର ଉପରେ ପଡୁଥିବା ଆର୍ଥିକ ଖର୍ଚ୍ଚ କମିଯିବ। ଖାଲି ମୁଁ ନୁହେଁ, ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଅର୍ଥ ଆଉ ବାଧକ ସାଜିବ ନାହିଁ। ମୁଁ ରାଜ୍ୟ ସରକାରଙ୍କ ଏହିଭଳି ଯୋଜନାକୁ ପ୍ରଶଂସା କରୁଛି।

**- ସୋନାଲି ସାହୁ, ଯୁକ୍ତ ୩ ସ୍ନାତକ, ମହିଳା ମହାବିଦ୍ୟାଳୟ, ଦେବଗଡ଼**



## ସଂକ୍ଷେପରେ

### ୧୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ଯାଜପୁରରୋଡ୍,୨୮।୨(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ଯାଜପୁରରୋଡ୍ ଥାନା ଅଧୀନ ଗୋଶଳା ଛକରେ ଚଢ଼ାଉ କରାଯାଇଛି। ଏହି ସମୟରେ ଏକ ବାଇକ୍ ସହିତ ୧୮ କେଜି ଗଞ୍ଜେଇ ଜବତ କରାଯାଇଛି। ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଦୋକାନୀ କୋପଣ୍ଡ ଗାଁର ନିତ୍ୟାନନ୍ଦ ମଳିକ ଓ ନିରଞ୍ଜନ ମଳିକ। ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ବିଜୟଲକ୍ଷ୍ମୀ ଦାସ ଗୋଶଳା ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ଦୁଇ ବ୍ୟକ୍ତି ଦୋକାନରେ ଗଞ୍ଜେଇ ରଖି ବିକୁଥିବା ଦେଖି ସେମାନଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ନଂ.୨୪୫।୨୪ ରୁଜୁ ହୋଇଛି। ଚଢ଼ାଉରେ ଏସ୍ଆଇ ବିଷ୍ଣୁପ୍ରସାଦ ସାହୁ, ଶ୍ରୀକାନ୍ତ ପଣ୍ଡା, କ୍ଷୀରୋଦ ସାହୁ, କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ ଓ ଲିପ୍ସା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ରାଧାକୃଷ୍ଣଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ରସୁଲପୁର,୨୭।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଞ୍ଚ ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଇଷ୍ଟଦେବ ପ୍ରଭୁ ରାଧାକୃଷ୍ଣଙ୍କ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପି ଏହି ଯଜ୍ଞ କରାଯାଇଥିବାବେଳେ ଶେଷ ଦିବସରରେ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସକାଳ ୮ଟାରେ କଳସ ଶୋଭାଯାତ୍ରା ହୋଇଥିଲା। କଳସଧାରୀ ନିକଟ ମୂଳ ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ଅବସ୍ଥାନ କରିଥିଲେ। ଶୋଭାଯାତ୍ରାକାରୀ ଦଳ ସଂକୀର୍ତ୍ତନ ମଣ୍ଡଳି, ଘଣ୍ଟୁଆ, ଶଙ୍ଖୁଆ, ମହିଳାଙ୍କ ହୁଳହୁଳି ଓ ବାଦ୍ୟଯନ୍ତ୍ରର ତାଳେତାଳେ ଏକ ବିରାଟ ପଟୁଆରରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଅଧିବାସ ଦିବସରେ କୁଣ୍ଡମଣ୍ଡଳ ସ୍ଥାପନ, ମଣ୍ଡଳ ଶୁଦ୍ଧିକରଣ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ସୂର୍ଯ୍ୟପୂଜା, ଗୋ-ପୂଜା, ଶାଳା ପୂଜା, ଯଜ୍ଞ ମଣ୍ଡପରେ ବେଦପାଠ, ଗାୟତ୍ରୀମନ୍ତ୍ର, ବିଷ୍ଣୁଙ୍କ ସହସ୍ର ନାମ ମନ୍ତ୍ର ପାଠ କରାଯାଇ ଥିଲା। ଦିଅଁଙ୍କୁ ବିଭିନ୍ନ ବେଶଭୂଷାରେ ଭୂଷିତ କରିବା ସହ ପ୍ରଭୁଙ୍କ ବଡ ସିଂହାର ବେଷ ଅତ୍ୟନ୍ତ ମନୋରମ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପୂର୍ଣ୍ଣାହୁତିରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଅଷ୍ଟପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ ମଣ୍ଡଳିମାନେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା।

### ୧୮୨୩ ଏସ୍ଏଚ୍‌ଜି ସଦସ୍ୟାଙ୍କ ଋଣ ସୁଧ ଫେରସ୍ତ

ଧର୍ମଶାଳା,୨୭।୨(ବଟକୃଷ୍ଣ ପରିଡ଼ା):

ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ସଦସ୍ୟାଙ୍କ ଋଣ ଟଙ୍କାର ସୁଦ୍ଧ ଫେରସ୍ତ କରିଛନ୍ତି। ଏଥିରେ ଧର୍ମଶାଳା ବ୍ଲକରେ ପ୍ରଥମ ଦଫାରେ ୧୮୨୩ ଏସ୍ଏଚଜି ସଦସ୍ୟାଙ୍କ ୯ କୋଟି ୯୪ ଲକ୍ଷ ୨୮ ହଜାର ଟଙ୍କା ଫେରସ୍ତ କରାଯାଇଛି ବୋଲି ବ୍ଲକ୍ ମିଶନଶକ୍ତି ମୁଖ୍ୟ ନିର୍ମଳ ଦାସ ସୂଚନା ଦେଇଛନ୍ତି। ସେମାନଙ୍କ ବ୍ୟାଙ୍କ ଖାତାରେ ଏହି ସୁଧଟଙ୍କା ଜମା କରାଯାଇଛି। ବ୍ଲକରେ ୩୪୩୫ ଏସଏଚ୍‌ଜି ପଞ୍ଜୀକୃତ ହୋଇ ଋଣ ନେଇଛନ୍ତି। ଯେଉଁମାନେ ୫ ଲକ୍ଷ ଟଙ୍କାରୁ ଅଧିକ ଋଣ ନେଇ ସୁଧ ପଇଠ କରିଥିଲେ ସେମାନଙ୍କ ମଧ୍ୟରୁ ପ୍ରଥମ ଦଫାରେ ୧୮୨୩ ଗୋଷ୍ଠୀକୁ ଏହି ଋଣ ସୁଧ ଫେରସ୍ତ କରାଯାଇଛି। ବ୍ଲକରେ ମିଶନଶକ୍ତି ଗ୍ରୁପରେ ନ ଥାଇ ବହୁ ଗୋଷ୍ଠୀ ପଞ୍ଜୀକୃତ ହୋଇ ଋଣ ନେଇଥିଲେ ମଧ୍ୟ ସେମାନଙ୍କ ସୁଧ ଫେରସ୍ତ ହୋଇ ନ ଥିବାରୁ ଅସୋନ୍ତଷ ଦେଖାଦେଇଛି। ଏନେଇ ବ୍ଲକ ମିଶନଶକ୍ତି ମୁଖ୍ୟ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ମିଶନଶକ୍ତିରେ ପଞ୍ଜୀକୃତ ଅବଶିଷ୍ଟ ୧୬୧୨ ଗୋଷ୍ଠୀ ଓ ମିଶନଶକ୍ତିରେ ପଞ୍ଜୀକୃତ ହୋଇ ନ ଥିବା ଗ୍ରୁପ ଆବେଦନ କଲେ ସେମାନଙ୍କ ଋଣ ଟଙ୍କାର ସୁଧ ଫେରସ୍ତ ହୋଇପାରେ।

# ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ

**ପୂର୍ତ୍ତ, ବିଦ୍ୟୁତ୍ ବିଭାଗର ଅବହେଳା**

■ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କ ନିକଟରେ ଅଭିଯୋଗ

ଚଣ୍ଡିଖୋଲ,୨୭।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ବଡ଼ଚଣା ଉପଖଣ୍ଡରେ ରହିଛି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତା। ଏହି ରାସ୍ତାର ବିରୂପା ନଦୀର ରକୁଟି ପାଟଠାରେ ସେତୁ ନିର୍ମାଣ ହେଉଛି। ସେତୁ ନିର୍ମାଣ ଓ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନସଫର୍ମର ହଟିବା କାର୍ଯ୍ୟ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ ହେବାକୁ ୩ ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇ ପାରୁନାହିଁ। ଯେଉଁଥି ପାଇଁ ବଡ଼ଚଣା ବ୍ଲକ ଅନ୍ତର୍ଗତ ରୁକୁଟୀ ପାଟ ଓ ମାଣ୍ଡୁକା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୨ ବିଭାଗ ପକ୍ଷରୁ ଏକ ମିଳିତ ଯାଞ୍ଚ କରାଯାଇଥିଲା। ତତ୍‌ପରେ ମଧ ସମସ୍ୟା ସମାଧାନ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ରୁକୁଟି ପାଟଠାରେ ବିରୂପା ନଦୀଉପରେ ସେତୁ ନିର୍ମାଣ ଓ ବରୁହୁଁ- ବାଲିଚନ୍ଦ୍ରପୁର ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ବିଦ୍ୟୁତ୍ ଖୁଣ୍ଟ ଉଠାଇବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଚିଠି କରାଯାଇଥିଲା।



ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

୨୦୨୦ ଜାନୁଆରୀ ୯ ତାରିଖରେ କଟକ ସେଣ୍ଟୁ ଏଜିଏମ୍ ପୂର୍ତ୍ତ ବିଭାଗକୁ ପତ୍ର ସଂଖ୍ୟା ୧୫୪ରେ ଟଙ୍କା ଜମା କଲେ ଏହାର ବିଦ୍ୟୁତ୍ ବିଭାଗ ପକ୍ଷରୁ ଆକଳନ କରାଯାଇ ଜଣେଇ ଦିଆଯିବ। ସେହି ଅନୁସାରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୧ ମେ' ୧୦ ତାରିଖରେ ୧ ଲକ୍ଷ ୯୭ ହଜାର ୫୦୪ ଟଙ୍କା ବିଦ୍ୟୁତ୍ ବିଭାଗ ନିକଟରେ ଜମା କରାଯାଇଥିଲା। ଉଭୟ ବିଭାଗ ପକ୍ଷରୁ ମିଳିତ ତଦାରଖ କରାଯାଇ ଯାଜପୁରର ପତି ପାୱାର କନଷ୍ଟ୍ରକଶନକୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ କାମ ୯୦ ଭାଗ ସାରି ଦେଇ ଠିକାକମ୍ପାନୀ ପତି ପାୱାର କନଷ୍ଟ୍ରକଶନକୁ ପୂର୍ତ୍ତ ବିଭାଗ ପକ୍ଷରୁ ଟଙ୍କା ଦିଆ ଗଲାନାହିଁ। ଯେଉଁଥି ପାଇଁ ଠିକା ସଂସ୍ଥା କାମ ବନ୍ଦ କରି ବାରମ୍ବାର ପୂର୍ତ୍ତ ବିଭାଗ ନିକଟକୁ ଦୌଡ଼ିଥିଲେ ମଧ ପଇସା ନ ମିଳିବାରୁ ବିଦ୍ୟୁତ୍ ସଂଯୋଗ କରାଗଲାନାହିଁ। ଏନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଓ ୫- ଟି ଅଧକ୍ଷଙ୍କୁ ଅଭିଯୋଗ କରିବା ପରେ ପୁନର୍ବାର ୨୦୨୩ ନଭେମ୍ବର ୧୧ରେ ବିଦ୍ୟୁତ୍ ବିଭାଗ ଓ ପୂର୍ତ୍ତ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇଥିଲା। ଏଥିରେ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ ଆଚାର୍ଯ୍ୟ ୯୦ ଭାଗ କାମ ସରିଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟ ସରୁନାହିଁ କିମ୍ବା ଲୋକଙ୍କ ସମସ୍ୟା ସମାଧାନ ହେଉନାହିଁ। ଏହାକୁ ନେଇ ଆଗମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଗ୍ରୀଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଗତିକା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ପୂର୍ତ୍ତ ବିଭାଗର ଭୁଲ, ଆମ ନିକଟରେ କିଛି କାଗଜ ପତ୍ରନାହିଁ। କାମ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ବର୍ଷ ତଳର କଥା। ଆମ ନିକଟରେ କାଗଜ ପତ୍ର କିଛିନାହିଁ। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ମାତ୍ର ୬ ମାସ ହେଲା ଏଠଶକୁ ଆସିଛନ୍ତି। ଠିକା ସଂସ୍ଥା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ କଥା ହୋଇ ବିଲ କରିଦେବାକଥା। ବିଲ ହୋଇଗଲେ ସମସ୍ୟାର ସମାଧାନ ହୋଇଯିବ। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ରାୟଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ବେଆଇନ ପଥର ବୋଝେଇ ଟ୍ରକ୍ ଜବତ

ବରୀ,୨୭।୨ (ମହେନ୍ଦ୍ର ସ୍ୱାଇଁ):




ଜବତ ପଥରବୋଝେଇ ଟ୍ରକ୍।

ବରୀ ବ୍ଲକ୍ ଅଞ୍ଚଳକୁ ବେଆଇନ ଭାବେ ପଥର ବୋଝେଇ କରି ଆସିଥିବା ଏକ ଟ୍ରକ୍‌କୁ ଜବତ କରାଯାଇଛି। ୩ ଟ୍ରକରେ ପଥର ଆସୁଥିବାର ଖବର ପାଇ ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ ସ୍ଥାନୀୟ ଅରଙ୍ଗାବାଦ ଶିବ ମନ୍ଦିରଠାରେ ଜଗି ରହିଥିଲେ। ମାତ୍ର ସେ ଗୋଟିଏ ଗାଡ଼ିକୁ ଜବତ କରିଥିବାବେଳେ ଅନ୍ୟ ୨ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ବେଆଇନ ପଥର ଆଣୁଥିବା ବ୍ୟକ୍ତି ଜଣକ ତହସିଲଦାରଙ୍କୁ ଦୁର୍ବ୍ୟବହାର କରିଥିବା ତହସିଲଦାର ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବେଆଇନ ପଥର ପରିବହନ କରୁଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ତହସିଲଦାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ କରୁଥିବା ଗାଡ଼ିଗୁଡ଼ିକୁ ଜବତ କରାଯାଉଛି। ଆଗକୁ ଏହି ଅଭିଯାନ ଜାରି ରହିବ।

## ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା

କଳିଙ୍ଗନଗର,୨୭।୨(ଶୁଭାଶିଷ ରାଉତ):

ଦାନଗଦି ବ୍ଲକ୍‌ର ମଙ୍ଗଳପୁର, ତ୍ରିଜଙ୍ଗା ଓ ରାଣୀପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତି ଓ ପଞ୍ଚାୟତରେ ସଫଳତା ହାସଲ କରିଥିବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ବୃଦ୍ଧାବୃଦ୍ଧଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଗତ ପାଞ୍ଚବର୍ଷ ଭିତରେ ସରକାର ଘୋଷଣା କରିଥିବା ଯୋଜନା କିପରି ସଫଳତା ପାଇଛି ସେ ସମ୍ପର୍କରେ ମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ପୁଣି ନବୀନ ସରକାରଙ୍କୁ ସହଯୋଗ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଦାନଗଦି ପଞ୍ଚାୟତ ସମିତି ଅଧକ୍ଷା ଅର୍ଚ୍ଚନା ଦାସ, ରାଣୀପଡା ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତି ସଭ୍ୟା ବିରୂପା ରାଣୀ ଦେଓ, ବିଭୂତି ଭୂଷଣ ଧୀର, ସରପଞ୍ଚ କାଗେଜି ପାତ୍ର ଓ ସୁରେଶ ଦାସଙ୍କ ସମେତ ପଞ୍ଚାୟତର ଅନେକ ଜନସାଧାରଣ ଏବଂ କର୍ମୀ ଉପସ୍ଥିତ ଥିଲେ।

## ଆଚରଣ ବିଧି ଲାଗୁ ପୂର୍ବରୁ ମଞ୍ଜୁରୀ ପ୍ରଦାନ ଦାବି




ବୈଠକରେ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର କର୍ମକର୍ତ୍ତା।

ଯାଜପୁରଟାଉନ,୨୭।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

**ଯାଜପୁର ରୋଡ-ଧାମରା ରେଳପଥ**

ଯାଜପୁର ଶାନ୍ତି ମଣ୍ଡପଠାରେ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଏକ ବୈଠକ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ଓ ଆଦର୍ଶ ଆଚରଣ ବିଧି ଲାଗୁ ପୂର୍ବରୁ ଯାଜପୁର ରୋଡ-ଧାମରା ନୂତନ ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ଏଥିସହିତ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପାଖକୁ ସ୍ମାରକପତ୍ର ପ୍ରେରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କୁ ସମିତିର ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ପାଇଁ ସ୍ଥିର ହୋଇଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ପୂର୍ବତଟ ରେଳଥର ମହାପ୍ରବନ୍ଧକଙ୍କୁ ମଧ ଭେଟିବାର ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନରେ ଯେଉଁ ପ୍ରାର୍ଥୀ ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କୋରେଇ, ବିଞ୍ଝାରପୁର, ଚାନ୍ଦବାଲି ଓ ରାଜନଗର ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ସେମାନେ ତାଙ୍କ ଇସ୍ତାହାରରେ ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଘୋଷଣା କରିବାକୁ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଲୋକସଭା ନିର୍ବାଚନରେ ନୂଆ ସରକାର ଗଠନ ଓ ପୂର୍ଣ୍ଣାଙ୍ଗ ବଜେଟ ପାଇଁ ଅଧିବେଶନ ଆହୁତର ମଧବର୍ତ୍ତୀ ସମୟରେ ଦିଲ୍ଲୀରେ ଧାରଣା ସଂଗଠିତ କରାଯିବାକୁ ସ୍ଥିର ହୋଇଛି। ରେଲଥପ ଗତି କରୁଥିବା ସମସ୍ତ ଅଞ୍ଚଳରୁ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପୋଷ୍ଟ କାର୍ଡ ଚିଠି ପ୍ରେରଣ ପାଇଁ ମଧ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମିତି ଆବାହକ ସନ୍ତୋଷ ଦାସ ପ୍ରସ୍ତାବ ଆଗତ କରିଥିଲେ। ସର୍ବଶ୍ରୀ ମଳୟ ପଣ୍ଡା, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ନାୟକ, ସୁରେନ୍ଦ୍ର ରାୟ, ସତ୍ୟ ପ୍ରକାଶ ବେହୁରିଆ, ଦିଲୀପ ଦଳେଇ, ବିଜୟ ପରିଡ଼ା, ଦିବ୍ୟସିଂହ ନାୟକ, ସନ୍ଦୀପ ରାୟ, ଧନଞ୍ଜୟ ରାଉତରାୟ, ରାକେଶ ସାହୁ, ବିଜୟ ନାୟକ, ନିର୍ମଳ ରଥ, ଗଣେଶ ସାହୁ, ଦେବବ୍ରତ ମହାନ୍ତି, ଦେବେନ୍ଦ୍ର ନାୟକ, ଅମୂଲ୍ୟ ସାମଲ ଓ ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

## ଶାଳପଡ଼ାରେ ସଚେତନତା ଶିବିର

ଚଣ୍ଡିଖୋଲ,୨୭।୨ (ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାଳପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ମିନତି ସେନାପତି ଅଧକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ମିଶନ ଶକ୍ତି ସଭାନେତ୍ରୀ ପୁଷ୍ପଲତା ନାଥ, ନିରଞ୍ଜନ ସେନାପତି, ସଞ୍ଜୟ ସ୍ୱାଇଁ ଓ ବିବେକ ରଞ୍ଜନ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଶନକାର୍ଡ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଓ ଦୁଇଟି ବ୍ୟାଗ୍ ପ୍ରଦାନ କରଯାଇଥିଲା। ବିଧାୟକ ଉନ୍ନୟନ ପାଣ୍ଠିରୁ ନିର୍ମିତ ଏକ ବସ୍‌ଷ୍ଟାଣ୍ଡ ପ୍ରତିକ୍ଷାଳୟକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଛାତ୍ରୀଛାତ୍ର ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିଶୋର ସାମଲ, ରମେଶ ଚନ୍ଦ୍ର ଶତପଥୀ, ପ୍ରଶାନ୍ତ ବଳ, ପ୍ରକାଶ ପ୍ରଧାନ, ଆଶିଷ ରଞ୍ଜନ ସୁବୁଦ୍ଧି, ଅମର ନାୟକ, ପ୍ରଦୀପ୍ତ ନାୟକ, ପଞ୍ଚାନନ ବାରିକ ଓ ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପିଇଓ ଶିବପ୍ରାସାଦ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜଗନ୍ନାଥ ମୁଦୁଲି ଧନ୍ୟବାଦ ଦେଇଥିଲେ।

## ପୁରସ୍କାର ବିତରଣ ଉତ୍ସବ



ଜାରକା ପ୍ରାଥମିକ ବିଦ୍ୟାଳୟରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଧର୍ମଶାଳା,୨୭।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଜାରକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ନିକୁଞ୍ଜ ବିହାରୀ ମହାନ୍ତି, ସମ୍ମାନିତ ଅତିଥି ଏବିଇଓ ମମିତା ମହାନ୍ତି ଓ ସିଆର୍‌ସିସି ସୁଶାନ୍ତ ଦଳେଇ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ର ସାଇଶୁଭଶଙ୍କର ପଣ୍ଡା, ଆନନ୍ଦ ସାଇରାମ, ସୁଶାନ୍ତ କୁମାର, ହିତେଶ୍ ନାୟକ, ସତ୍ୟଜିତ୍ ରାଉତ, ଜୟପ୍ରକାଶ ଜେନା, ଶୁଭମ୍ ଦୋରା, ପ୍ରଭୁରଞ୍ଜନ ଓଝା, ସର୍ବେଶ୍ୱର ସାହୁ, ଛାତ୍ରୀ ସ୍ୱାତିସଂଗୀତା ବାରିକ, ପ୍ରଜ୍ଞାଶ୍ରୀ ମିଶ୍ର, ଦିବ୍ୟାଂଶୀ ବିଶ୍ୱାଳ, ଚିନ୍ମୟୀ ଭୂୟାଁ, ଆନି ସାହୁ, ଜସ୍ମିନ୍ ଦାସ, ଶୁଭଶ୍ରୀ ବାରିକ, ଶୁଭଲକ୍ଷ୍ମୀ ସେଠୀ, ସୋନମପ୍ରଦା ବାରିକ, ଶତାବ୍ଦୀ ବେହେରା, ପଦ୍ମାକ୍ଷୀ ଦାସ ପ୍ରମୁଖ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁଷମା ପତି ଅତିଥି ପରିଚୟ, ଶାନ୍ତିଲତା ସାହୁ ସ୍ୱାଗତ ଭାଷଣ ଓ କୁମୁଦିନୀ ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏସ୍ଏମ୍‌ସି ସଭାପତି ପ୍ରଦୀପ ସେଠୀ, ସଭ୍ୟ ଦିଲୀପ ବିଶ୍ୱାଳ, ସଭ୍ୟା ଉର୍ମିଳା ଦୋରା, ଗୀତାଞ୍ଜଳି ବାରିକ, କନକଲତା ବାରିକ, ଅଙ୍ଗନୱାଡି କର୍ମୀ କନକଲତା ମହାନ୍ତି, ପୁରାତନ ଛାତ୍ର ସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ ଓ ସୟଦ୍ ଗୁଲାମ୍ ମୁସ୍ତାଫା ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ରାଉତ ଧନ୍ୟବାଦ ଦେଇଥିଲେ।

## ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସୁଧ ଛାଡ଼

ବରୀ,୨୭।୨(ମହେନ୍ଦ୍ର ସ୍ୱାଇଁ):

ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସୁଧ ରାଶି ମଙ୍ଗଳବାର ଫେରସ୍ତ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ବିଭିନ୍ନ ବ୍ୟାଙ୍କ୍‌ରୁ ଦିଆଯାଇଥିବା ଋଣର ସୁଧ ରାଶିକୁ ରାଜ୍ୟ ସରକାର ଫେରସ୍ତ କରିଛନ୍ତି। ଏଥିରେ ବରୀ ବ୍ଲକର ୧୦୭୫ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୪,୨୬,୦୯୭୬ ଟଙ୍କା ଚେକ ମାଧମରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି, ସମ୍ମାନିତ ଅତିଥି ଭାବେ ଉପାଧକ୍ଷା ଅର୍ଚ୍ଚନା ମଲିକ, ବିଡିଓ ପଞ୍ଚାନନ ମଲ୍ଲିକ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଗୀତା ଏଡ଼ା, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଯୋଛନା ରାଣୀ ନାଥଶର୍ମା, ସରପଞ୍ଚ ଧୀରେନ୍ଦ୍ର ଜେନା, ଜଗଦୀଶ ଜେନା ଓ ମାନସ ଯେନା ଯୋଗ ଦେଇଥିଲେ। ବିଭିନ୍ନ ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟ ସରକାର ମହିଳାଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହାୟତା ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ଧନ୍ୟବାଦର ପାତ୍ର ବୋଲି ମୁଖ୍ୟଅତିଥି ମତ ରଖିଥିଲେ।



ବରୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଦାବିପୂରଣ ନ ହେଲେ ୧ରୁ ସତ୍ୟାଗ୍ରହ

### ୧୮ ଦିନରେ ବିସ୍ଥାପିତଙ୍କ ଧାରଣା

କଳିଙ୍ଗନଗର,୨୭।୨(ଶୁଭାଶିଷ ରାଉତ):

୧୮ ଦିନ ଧରି ବିସ୍ଥାପିତଙ୍କ ପରିବାର ନୀଳାଚଳ କାରଖାନା ଆଗରେ ଧାରଣାରେ ବସିଥିଲେ ବି କେହି ସେମାନଙ୍କ ଗୁହାରି ଶୁଣୁନାହାନ୍ତି। ଦୀର୍ଘ ବର୍ଷ ହେବ ମୃତ ବିସ୍ଥାପିତ କର୍ମଚାରୀଙ୍କ ଜଣେ ଉତ୍ତରାଧିକାରୀଙ୍କୁ ଚାକିରି ଦେବାପାଇଁ ଦାବି କରାଯାଉଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ବିଧାୟକ, ବିସ୍ଥାପିତ ନେତା ଓ କଳିଙ୍ଗନଗରର ସମସ୍ତ କାରଖାନାର ମୁଖ୍ୟଙ୍କ ଉପସ୍ଥିତିରେ ଜଣେ ଉତ୍ତରାଧିକାରୀଙ୍କୁ ସଂପୃକ୍ତ କାରଖାନାରେ ଚାକିରି ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏହାକୁ ଲାଗୁ କରିବାରେ ସରକାର ଅସଫଳ ହେବା ଦ୍ୱାରା ବିସ୍ଥାପିତ ପରିବାର କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ଏନେଇ ସେମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କୁ ପତ୍ର ମାଧମରେ ଜଣାଇଛନ୍ତି। ଯଦି ସେମାନଙ୍କ ଦାବିକୁ ବିଚାର ନ କରା ଯାଏ ତାହେଲେ ଆସନ୍ତା ୧ ତାରିଖରୁ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ସତ୍ୟାଗ୍ରହ କରିବେ ବୋଲି ବାବୁଲୀ ପୂର୍ତ୍ତୀ ଓ ବିଜୟ ମହାନ୍ତ ସୂଚନା ଦେଇଛନ୍ତି।

## ଚିନ୍ମୟ ଚେତନା ଅନୁଷ୍ଠାନର ସାରସ୍ୱତ ସମାବେଶ

ଧର୍ମଶାଳା,୨୭।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ନୀଳକଣ୍ଠପୁରସ୍ଥିତ ଚିନ୍ମୟ ଚେତନା ଅନୁଷ୍ଠାନ ପକ୍ଷରୁ ସାରସ୍ୱତ ସମାବେଶ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କବି ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ସମ୍ପର୍କ ଓ ସ୍ୱାଧୀନତା ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକଭାବେ କାମଦେବ ଶତପଥୀ ଓ ଆଲୋଚକଭାବେ କଥାକାର ପ୍ରକାଶ ମହାପାତ୍ର ଯୋଗଦେଇ କବିତା ସମ୍ପର୍କ ଯୋଡ଼େ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ କବିତା ଭୌତିକ ପ୍ରଗତିର କଥା କହେନାହିଁ, ମାନବିକ ସମ୍ବେଦନର କଥା କହେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ଡ. ଗୌତମ ଜେନାଙ୍କୁ ଚିନ୍ମୟ ଚେତନା ସମ୍ମାନ, କବି ଅମୀୟ ରଞ୍ଜନ ମହାପାତ୍ରଙ୍କୁ ଚିନ୍ମୟ କବିତା ସମ୍ମାନ, ରଙ୍କନିଧି ସାମଲଙ୍କୁ ଚିନ୍ମୟ ସ୍ୱେଚ୍ଛାସେବୀ ସମ୍ମାନ, ଡା. ହିରଣ୍ୟ ସାମଲ ଓ ପ୍ରତ୍ୟୁଷ ମହାରଣାଙ୍କୁ ଚିନ୍ମୟ ସେବା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମହେଶ୍ୱର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବୟିତ୍ରୀ ପଦ୍ମଜା ଶରଣ ସ୍ୱାଗତ ଭାଷଣ ଦେଇଥିଲେ। ଦିବଙ୍ଗତ ଡା. ଚିନ୍ମୟ ଶରଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ଶତପଥୀ, ଇନରହୁଇଲ ପ୍ରାକ୍ତନ ସଭାନେତ୍ରୀ ମିନତି ସାହୁ, ମାଧୁରୀ ଶତପଥୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ. ପ୍ରଶାନ୍ତ ସ୍ୱାଇଁ, କବି ରାମଚନ୍ଦ୍ର ଦାଶ, ପ୍ରଭାତ ମଲିକ ଓ ବିଦ୍ୟୁତଲତା ଦାସ ପ୍ରମୁଖ ଯେଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଗୁପାଳ କଲେଜର ଅବସରପ୍ରାପ୍ତ ଅଧକ୍ଷ ବେଣୁଧର ଶରଣ ଉତ୍ସବ ପରିଚାଳନା କରିଥିଲେ। କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



କବି ଗୌତମ ଜେନା ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ନାଉଗାଁ,୨୭।୨(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟରେ ଜଣେ ନବବଧୂଙ୍କୁ ଶାଶୁଘର ଲୋକ ମାରି ଟାଙ୍ଗି ଦେଇଥିବା ମଙ୍ଗଳବାର ତାଙ୍କ ବାପା ଲିଖିତ ଅଭିଯୋଗ କରିଛନ୍ତି। ଏରସମା ଥାନା ଅନ୍ତର୍ଗତ ଓଲରା ଗାଁର ଭୁଲାମନ କାଣ୍ଡିଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅ ବେବିନା ୭ ମାସ ତଳେ ଅଲଣାହାଟର ଅଭିନା ସାମଲଙ୍କ ପୁଅ ରାଜଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ଶ୍ୱଶୁର ଘର ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ଆଉ ଅଧିକ ଯୌତୁକ ଆଣିବା ପାଇଁ ଶାଶୁ, ଶ୍ୱଶୁର, ସ୍ୱାମୀ, ଦେଢ଼ଶ୍ୱଶୁର, ନଣନ୍ଦ ପ୍ରମୁଖ ବେବିନାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସୋମବାର ପରିବାର ଲୋକ ମିଶି ଝିଅଙ୍କୁ ମାରି ଟାଙ୍ଗି ଦେଇଥିଲେ। ଉକ୍ତ ପଞ୍ଚାୟତର ସରପଞ୍ଚଙ୍କଠାରୁ ଖବରପାଇ ଆମେ ଝିଅ ପାଖକୁ ଆସିଥିଲୁ। ତେଣୁ ଝିଅଙ୍କୁ ମାରିଥିବା ପରିବାର ଲୋକଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣା ସମ୍ପର୍କରେ ତଦନ୍ତ ଚାଲୁ ରହିଥିବା ଆଇଆଇସି ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।

### ଭୁଜାଲି ଦେଖାଇ ଟଙ୍କା ଆଦାୟ, ଯୁବକ ଗିରଫ

ମାର୍ଶାଘାଇ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ଥାନା ପକ୍ଷରୁ ସୋମବାର ରାତିରେ ଜାତୀୟ ରାଜପଥରେ ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଥିବା ବେଳେ ଜଣେ ଯୁବକ ଭୁଜାଲି ଦେଖାଇ ଅଟକି ଥିବା ଟ୍ରକ୍ ଚାଳକମାନଙ୍କଠାରୁ ଟଙ୍କା ଆଦାୟ କରୁଥିବା ବେଳେ ତାଙ୍କୁ ପୋଲିସ କାବୁ କରିଥିଲା। ଅଭିଯୁକ୍ତ ଜଣକ ଥାନା ଅନ୍ତର୍ଗତ ଟିକରପଙ୍ଗା ନାରାୟଣପୁର ଗାଁର ସନ୍ତୋଷ ସେଠୀ (୨୮) ଓରଫ ଭୋଳା। ଭୋଳା ନିକଟରୁ ଗୋଟିଏ ଭୁଜାଲି ଓ ନଗଦ ୧ ହଜାର ଟଙ୍କା ଜବତ କରାଯାଇଛି। ରାତି ପ୍ରାୟ ୧ଟା ବେଳେ ଏଏସ୍‌ଆଇ ଲୋଭାବତୀ ସାହୁ ଅନ୍ୟ ଷ୍ଟାଫମାନଙ୍କ ସହ ରାତ୍ରି ପାଟ୍ରୋଲିଂ କରୁଥିଲେ। ଜାତୀୟ ରାଜପଥର ଟିକରପଙ୍ଗା ଛକରେ ଅଭିଯୁକ୍ତ ଭୋଳା ଟଙ୍କା ଆଦାୟ କରୁଥିବା ବେଳେ ଧରିଥିଲେ। ଥାନାରେ ନଂ. ୪୮/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଭୋଳାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଏସ୍‌ଏଚ୍‌ଜିଙ୍କୁ ସୁଧ ଛାଡ଼ ମେଳା

ରାଜକନିକା,୨୭।୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପରିସରରେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଏସ୍‌ଏଚ୍‌ଜିର ମହିଳାମାନଙ୍କୁ ୟୁନିଫର୍ମ ଓ ବ୍ଲେଜର ପାଇଁ ଅନୁଦାନ ପ୍ରଦାନ କରାଯିବା ସହ ସୁଧଛାଡ ମେଳା ଓ ବିନା ସୁଧରେ କେମିତି ଋଣ ପାଇପାରିବେ ସେ ନେଇ ଅବଗତ କରାଯାଇଛି। ୟୁନିଫର୍ମ ଓ ବ୍ଲେଜର ପାଇଁ ଅନୁଦାନ ରାଶି ୧ ହଜାର ଏବଂ ୨ ହଜାର ଟଙ୍କା ଚେକ୍ ଆକାରରେ ବଣ୍ଟନ କରାଯାଇଛି। ଏହାବାଦ୍ ବ୍ଲକର ୭୭୯ ଏସ୍‌ଏଚ୍‌ଜି ନେଇଥିବା ଋଣ ବାବଦ ସୁଧ ଛାଡ ପାଇଁ ଘୋଷଣା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ମୁଖ୍ୟବକ୍ତା ବିକାଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ବିଡିଓ ପୃଥ୍ୱୀରାଜ ପରିଡ଼ା, ପବିତ୍ର ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ସିଡିପିଓ ମିଲିମା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ଦେଶ ବିଭାଜନ ବେଳେ ଦୁଃଖୀ ଥିଲେ ଗାନ୍ଧୀ

ପାରାଦୀପ, ୨୭।୨(ଶରତ ରାଉତ)

ପାରାଦୀପ କଲେଜ ପରିସରରେ ମଙ୍ଗଳବାର ଇତିହାସ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ବିଭାଜନ ସମୟରେ ସବୁଠାରୁ ଦୁଃଖୀ ମହାତ୍ମା ଗାନ୍ଧୀ ଥିଲେ ବୋଲି ତଥ୍ୟର ସହିତ ଆଲୋଚନା କରିଥିଲେ। ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜ ଇତିହାସ ବିଭାଗର ଅଧ୍ୟାପକ ତପନ କୁମାର ପତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅକ୍ଷୟ ମିଶ୍ର, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ଆଲୋଚନା କରିଥିଲେ। ଆଲୋଚନାର ଶୀର୍ଷକ ଥିଲା ଦେଶ ବିଭାଜନ ଉପରେ। ଭାରତ ଓ ପାକିସ୍ତାନ ବିଭାଜନ ସମୟରେ ଘଟିଥିବା ଘଟଣାବଳୀ, ରାଜନୈତିକ କୁଟନୈତିକ ଦୃଶ୍ୟପଟ ଉପରେ ମୁଖ୍ୟ ଅତିଥି କହିଥିଲେ।

# କାମ ହେଉନି, ଭୟଭୀତ ଅବସ୍ଥାରେ ଅଞ୍ଚଳବାସୀ

ଡେରାବିଶ, ୨୭।୨ (ବେବର୍ତ୍ତା ଅଜୟ ଦାସ)

**ବିରୂପା ନଦୀପଠାର ଶାଗୁଣାଘାଇଠାରେ ପଠା ଦବିବା ଘଟଣା**



ବିରୂପା ନଦୀ ପଠା ଦବି ଯାଇଛି।

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରୀପୁର (ଘଣ୍ଟପଦା) ଦେଇ ବହିଯାଇଥିବା ବିରୂପା ନଦୀପଠାରେ ଶାଗୁଣାଘାଇଠାରେ ୨୦୨୩ ଡିସେମ୍ବର ୨ ସନ୍ଧ୍ୟାରେ ୧୦୦ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ନଦୀପଠା ୧୫ ଫୁଟ ଗଭୀରକୁ ଦବିଯାଇଥିଲା। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ଏହି ନଦୀ ବନ୍ଧଟି କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ପାଇଁ ଏକ ମୁଖ୍ୟ ରାସ୍ତା। ଗୋଟିଏ ପାର୍ଶ୍ୱରେ ବିରୂପା ନଦୀ ବନ୍ଧ ଥିବା ବେଳେ ଅପରପାର୍ଶ୍ୱରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ବହିଯାଇଛି। ତେବେ ନଦୀପଠାରେ ଏଭଳି ମାଟି ଅତଡ଼ା ଧସି ଫାଟ ସୃଷ୍ଟି ହେବା ଯୋଗୁ ଘାଇହେବା ସମ୍ଭାବନା ପାଇଁ ନଦୀ ପାର୍ଶ୍ୱସ୍ଥ ଗ୍ରାମବାସୀ ଭୟଭୀତ ଅବସ୍ଥାକୁ ଚାଲି ଆସିଥିଲେ। ଖବରପାଇ ସେହିଦିନ ବିଳମ୍ବିତ ରାତିରେ ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଘଟଣାସ୍ଥଳକୁ ଆସି ପରିଦର୍ଶନ କରିବା ସହ ନଦୀବନ୍ଧକୁ ସୁରକ୍ଷା ଦେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରଦିନ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ରୋହିତ କୁମାର ସେଠୀ ଘଟଣାସ୍ଥଳକୁ ଆସି ଫେରିବା ପରେ ଶାଗୁଣାଘାଇଠାରେ ତୁରନ୍ତ ପଥର ଡମ୍ପିଂ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଭୟଭୀତ ଅବସ୍ଥାରେ ଲୋକେ ରହିଛନ୍ତି।

ଏ ସମ୍ପର୍କରେ ଘଣ୍ଟପଦା ଗାଁର ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂ କହିଛନ୍ତି, ବିରୂପା ନଦୀ ପଠାରେ ଫାଟ ସୃଷ୍ଟି ପାଇଁ ଏବେ ବି ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଏହି ଫାଟକୁ ବନ୍ଦ କରିବାକୁ ପଦକ୍ଷେପ ନେବାକୁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବିକରି ଆସୁଛନ୍ତି। ଏଥିସହ ନଦୀବନ୍ଧର ଉନ୍ନତୀକରଣ ସମୟରେ ଶାଗୁଣାଘାଇଠାରେ ଚନ୍ଦ୍ରକାର ଆକୃତି ଥିବା ପୁରୁଣା ରାସ୍ତାଟି ଖାଲୁଆ ହୋଇଥିବାରୁ ସେଠାରେ ନଦୀରେ ଝର ସୃଷ୍ଟି ହୋଇ ବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି। ନଦୀବନ୍ଧରେ ବହୁ ପରିମାଣରେ ଭାରିଯାନ ଚଳାଚଳ ଯୋଗୁ କମ୍ପନ ସୃଷ୍ଟି ହୋଇ ବନ୍ଧଟି ଦୁର୍ବଳ ହେବାରେ ଲାଗିଛି। ସେହି ସ୍ଥାନଟିକୁ ମାଟି ଓ ବାଲି ପକାଯାଇ ବନ୍ଧର ଉଚ୍ଚା ସହ ସମାନ କରି ନଦୀ ମଧ୍ୟରେ ଅଧିକ ପରିମାଣର ସ୍ପର ନିର୍ମାଣ କରାଗଲେ ଏହି ବିପଦ ଟଳିପାରନ୍ତା। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସେଠୀଙ୍କୁ ପଚାରିବାରେ ବିରୂପା ନଦୀପଠାରେ ସୃଷ୍ଟି ହୋଇଥିବା ଫାଟକୁ ବନ୍ଦ କରିବାକୁ ନଦୀ ମଧ୍ୟରେ ପଥର ଡମ୍ପିଂ କରାଯିବା ପାଇଁ ୮୩ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର କରାଯାଇଛି। ଏଥିସହ ଶାଗୁଣାଘାଇର ପୁରୁଣା ନଦୀବନ୍ଧ ରାସ୍ତାରେ ଥିବା ଖାଲୁଆ ସ୍ଥାନକୁ ବନ୍ଦ କରିବାକୁ ୧୫.୬୬ ଲକ୍ଷ ଟଙ୍କା ବ୍ୟୟରେ ମଧ୍ୟ ଟେଣ୍ଡର ହୋଇଛି। ସେଠାରେ ନଦୀ ଗଭୀର ଥିବାବେଳେ ବର୍ତ୍ତମାନ ଜଳସ୍ତର କମିବାରେ ଲାଗିଛି। ତେବେ ଏହି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ଜୁନ୍ ମାସ ମଧ୍ୟରେ ଶେଷ କରାଯିବ ବୋଲି ସେ କହିଛନ୍ତି।

# ଏସ୍‌ଏଚ୍‌ଜିକୁ ୯୪ଲକ୍ଷ ୨୭ ହଜାର ଟଙ୍କା ସୁଧ ଛାଡ଼

ରାଜନଗର,୨୭।୨(ଭାସ୍କର ରାଉତରାୟ)

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ମିଶନଶକ୍ତି ବଜାର ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନଶକ୍ତି ବ୍ଲକ ସଂଯୋଜିକା ସାଗରିକା ମଲ୍ଲିକଙ୍କ ସଂଯୋଜନା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜନଗର ବ୍ଲକରେ କାର୍ଯ୍ୟରତ ୧୨୯୫ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସୁଧ ବାବଦ ଅର୍ଥ ୯୪ ଲକ୍ଷ ୨୭ ହଜାର ୭୬୯ ଟଙ୍କା ଛାଡ କରିଛନ୍ତି। ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀରେ ସଦସ୍ୟାଙ୍କ ଋଣ ବାବଦ ଅର୍ଥ ସୁଧ ଛାଡ ସେମାନଙ୍କ ଆର୍ଥିକ ଅବସ୍ଥାକୁ ଅଧିକ ସୁଦୃଢ କରିବ ବୋଲି ବିଧାୟକ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡ଼ିଓ ନିଶାନ ମିଶ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳିକା ସୌଦାମିନୀ ରଣା, ସିଡିପିଓ ସନ୍ତୋଷିନୀ ଭୋଇ, ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ରାଜନଗର ପଞ୍ଚାୟତ ସମିତିସଭ୍ୟା ସୁମିତ୍ରା ସେଠୀ, ବାଘମାରି ପଞ୍ଚାୟତ ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗଦେଇ ଋଣଛାଡ ଅର୍ଥରାଶି ପ୍ରଦାନ କରିଥିଲେ।

# ମିଶନ ଶକ୍ତିର ସୁଧ ଫେରସ୍ତ ମେଳା




ଋଣ ସୁଧ ଫେରସ୍ତ ମେଳାରେ ଯୋଗ ଦେଇଥିବା ଅତିଥିମାନେ।

ଡେରାବିଶ,୨୭।୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମିଶନ ଶକ୍ତିର ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଅଧ୍ୟକ୍ଷତା କରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ଉତ୍ପାଦକ ଦ୍ରବ୍ୟ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଦିଆଯାଉଥିବା ଋଣକୁ ସଦୁପଯୋଗ କଲେ ଏକ ସଶକ୍ତ ଓଡ଼ିଶା ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଦାଶରଥୀ ଜେନା, ସମ୍ମାନିତ ଅତିଥି ଭାବେ ସିଡ଼ିପିଓ ସ୍ନେହଲତା ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ ଯୋଗଦେଇଥିଲେ। ମେଳାରେ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ୨୭୯୬ଟି ଏସଏଚଜି ମଧ୍ୟରୁ ୧୨୬୮ଟି ଗୋଷ୍ଠୀ ସୁଧଛାଡ଼ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସର୍ବଶ୍ରେଷ୍ଠ ୫୦ଟି ଏସଏଚଜିକୁ ମୁଖ୍ୟଅତିଥି ବିଡିଓ ଜେନା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିବା ସହ ସୁଧ ଫେରସ୍ତ ଚେକ୍ ପ୍ରଦାନ କରିଥିଲେ। ଏଥିରେ ବ୍ଲକ ଅଧୀନ ସମସ୍ତ ବ୍ୟାଙ୍କ ପ୍ରତିନିଧି ପଞ୍ଚାତସ୍ତରୀୟ ମହାସଂଘର ସଭାନେତ୍ରୀ, ସମ୍ପାଦିକା, ବ୍ୟାଙ୍କମିତ୍ର, ଏମ୍‌ବିକେ, ସିଆରପିମାନେ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମେଳା ପରିଚାଳନାରେ ବ୍ଲକ ଫେଡ଼େରେଶନ୍ ସମ୍ପାଦିକା ମନୋରମା ରାଉତ, ବିପିସି ବିଜୟ ଲକ୍ଷ୍ମୀ ବେହେରା, ବିପିଏମ୍ ହିମାଂଶୁ ଶେଖର ଭଦ୍ର, ଜୀବିକା ମିଶନର ପ୍ରିୟଦର୍ଶିନୀ ସାହାଣୀ, ସରିତା ସାହୁ, ମିଶନ ଶକ୍ତିର ନିବେଦିତା ଦାଶ, ଲିନୁ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମେଳାରେ ଗୋଲରାହାଟସ୍ଥିତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ, ଚାନ୍ଦୋଳ ସ୍ଥିତ ମା'ରୁଦ୍ରାଣୀ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଷ୍ଟଲ ପ୍ରଦର୍ଶନ କରିଥିଲେ।

# ସ୍ୱୟଂ ସହାୟିକା ଗୋଷ୍ଠୀକୁ ଚେକ୍ ପ୍ରଦାନକଲେ ମନ୍ତ୍ରୀ



ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନ କରୁଛନ୍ତି।

ଆଳି,୨୭।୨(ବନମାଳୀ ସେନାପତି)

ଆଳି ବ୍ଲକ ଚଣ୍ଡିଆଗଡି ଖେଳ ପଡିଆରେ ନୂତନ ଓ ବର୍ଦ୍ଧିତ ଭତ୍ତା, ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ସହିତ ୧ ହଜାର ଟଙ୍କା ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ୟୁନିଫର୍ମ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷ ମିନତି ବାରିକ, ବିଡିଓ ମିନତି ଜଗଦ୍ଦେବ, ଜିଲା ପରିଷଦ ସଦସ୍ୟା ସ୍ୱାଗତିକା ରାଉତ, ଭୀଷ୍ମ ମହାନ୍ତି, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ ଚଣ୍ଡିଆଗଡି, ସିଙ୍ଗିରି, ପତ୍ରପୁର, ନରେନ୍ଦ୍ରପୁର, ସାନମଙ୍ଗ, ବାଟିପଡା, ନୂଆପଡା, ମାଣିକପାଟଣା, ଅରେହିକଣା ପଞ୍ଚାୟତର ହିତାଧିକାରୀମାନଙ୍କୁ ନୂତନ ଓ ବର୍ଦ୍ଧିତ ଭତ୍ତା ବଣ୍ଟନ ସହ ଦୁଇଟି ଝୋଟ ବ୍ୟାଗ ଓ ୧ ହଜାର ଟଙ୍କା ପ୍ରଦାନ କରିଥିଲେ। ଶେଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ୟୁନିଫର୍ମ ବାବଦ ସହାୟତା ରାଶି ପ୍ରଦାନ କରିଥିଲେ। ଏଥିରେ ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ପୁନମ ଜେନା, ସାମାଜିକ ସୁରକ୍ଷା ବିଭାଗର ଅର୍ପିତା ସାମଲ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀଙ୍କ ପ୍ରତିନିଧି ସୁମନ୍ତ ରାଉତ, ଅଶ୍ୱିନୀ ସାହୁ, ନରେନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ବଂଶୀଧର ସ୍ୱାଇଁ,ଅରେହିକଣା ସରପଞ୍ଚ ହିମାଂଶୁ ପଣ୍ଡା, ସାନମଙ୍ଗ ସରପଞ୍ଚ ପ୍ରତିନିଧି ଶ୍ୟାମସୁନ୍ଦର ସେଠୀ, ନୂଆପଡା ସରପଞ୍ଚ ପ୍ରତିନିଧି ରଞ୍ଜିତ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ସାରଙ୍ଗଠାରେ କ୍ରିକେଟ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୭।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ସାରଙ୍ଗସ୍ଥ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ କ୍ରିକେଟ ପ୍ରଶିକ୍ଷଣ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ଅନୁବନ୍ଧିତ ଏହି କେନ୍ଦ୍ରରେ ଯୁବ ପ୍ରତିଭାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କେନ୍ଦ୍ରାପଡ଼ା ଜିଲା ଆସୋସିଏଶନ ସମ୍ପାଦକ ଶୁଭାଶିଷ ସେନାପତି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଦୀର୍ଘଦିନ ଧରି ଏହି ଷ୍ଟାଡିୟମ ପରିତ୍ୟକ୍ତ ହୋଇ ରହିଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଏହି ପ୍ରଶିକ୍ଷଣ କେନ୍ଦ୍ର ଓଡ଼ିଶା କ୍ରିକେଟ ଆସୋସିଏଶନ ଅନୁବନ୍ଧିତ ହୋଇଛି। ଅଦ୍ୟାବଧି ଷ୍ଟାଡିୟମର ଉନ୍ନତିକରଣ ସମେତ କ୍ରିକେଟ ପାଇଁ ସମସ୍ତ ଭିତ୍ତିଭୂମି ସଜଡା ଯାଇଛି। ଏଠାରେ କୋଚ ଓ କ୍ୟୁରେଟରଙ୍କ ନିଯୁକ୍ତି ସରିଛି। ଆଗାମୀଦିନରେ ଏଠାରୁ ବହୁ ଯୁବ ପ୍ରତିଭା ବାହାରିବା ସମ୍ଭାବନା ଉଜ୍ଜଳ ହୋଇଥିବା ଜିଲା ସମ୍ପାଦକ ସେନାପତି ସୂଚନା ଦେଇଛନ୍ତି। ଉଦ୍‌ଘାଟନ ଉତ୍ସବରେ ଏସ୍‌ପି ବି. ସୁରଜ କୁମାର, ଜିଲା ପ୍ରଶାସନିକ ଅଧିକାରୀ ଓ ବହୁ ଖେଳାଳି ସାମିଲ ହୋଇଥିଲେ ।

# ଏସ୍‌ଏଚ୍‌ଜିଙ୍କୁ ସୁଧ ଉପରେ ରିହାତି ପ୍ରଦାନ କାର୍ଯ୍ୟକ୍ରମ

ମାର୍ଶାଘାଇ,୨୭।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମହିଳାମାନେ ଶିକ୍ଷିତ ହେଲେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ସହ ସମାଜରେ ପରିବର୍ତ୍ତନ ଆସିବ ବୋଲି ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ଆୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ସୁଧ ଉପରେ ରିହାତି ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ନାୟକ କହିଥିଲେ, ନବୀନ ପଟ୍ଟନାୟକ ସରକାର ମହିଳାମାନଙ୍କ ସଶକ୍ତୀକରଣ ଉପରେ ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ମହିଳାମାନେ ଆଗେଇଲେ ଦେଶ ଆଗେଇବ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡିଓ ରଶ୍ମିରେଖା ମଲ୍ଲିକ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଦୁର୍ଗାବତୀ ପ୍ରଧାନ, ସିଡିପିଓ ଶୈଳବାଳା, ବ୍ଲକ ମିଶନ ଶକ୍ତି ସଭାପତି ଶର୍ମିଷ୍ଠା ନାୟକ, ସମ୍ପାଦିକା ଭାରତି ଦଳାଇ, ସମିତିସଭ୍ୟା ସୁନିତି ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ବ୍ଲକର ୮୪୪ ଗୋଷ୍ଠୀଙ୍କୁ ୫୫ ଲକ୍ଷ ୯ ହଜାର ଟଙ୍କା ପ୍ରଦାନ କରିବା ସହ ନ ଜଣ ବ୍ୟାଙ୍କ ମିତ୍ରଙ୍କୁ ଲାପଟପ ପ୍ରଦାନ କରିଥିଲେ। ୨୦ଟି ଏସ୍‌ଏଚ୍‌ଜିଙ୍କୁ ୧୦ଲକ୍ଷ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଋଣ ଦିଆଯାଇଥିଲା। ବ୍ଲକ ମିଶନ ଶକ୍ତି ବିପିସି ବିକାଶ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।



ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଲାପଟପ ପ୍ରଦାନ କରୁଛନ୍ତି।

# ଉଦ୍‌ଯାପିତ ହେଲା ମା' ତାରେଣୀ ମେଳା

ଡେରାବିଶ,୨୭।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗାସ୍ଥିତ ମା' ତାରେଣୀଙ୍କ ମନ୍ଦିର ବେଢ଼ାରେ ଚାଲିଥିବା ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ୩ଦିନ ଧରି ଚାଲିଥିବା ମେଳାରେ ମନ୍ଦିର ବେଢ଼ା ନିକଟରେ ଘରକରଣା ସାମଗ୍ରୀ ଓ ଫାଷ୍ଟଫୁଡ଼ ଦୋକାନ ମହିଳାଙ୍କ ଗହଳି ଲାଗି ରହିଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ଏହାକୁ କମିଟିର କର୍ମକର୍ତ୍ତା ବୈଦ୍ୟନାଥ ରାଉତ, ଆଶିଷ ସାମନ୍ତରାୟ, ସମୀର ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ଅଭୟ ଲେଙ୍କା, ଶୁଭଙ୍କର ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ ।

# କୁଜଙ୍ଗକୁ ଏନ୍‌ଏସି ଦାବିରେ ଭାଜପାର ଦାବିପତ୍ର

କୁଜଙ୍ଗ, ୨୭।୨ (ମନୋଜ ପ୍ରଧାନ)

ରାଜ୍ୟ ସରକାର ଗତ ୨୪ ତାରିଖରେ ଓଡ଼ିଶାର ୨୦ଟି ଜିଲାର ୩୪ ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିବାବେଳେ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ହେଉଛି ଏକ ପ୍ରମୁଖ ପ୍ରଶାସନିକ ଓ ବ୍ୟବସାୟିକ କ୍ଷେତ୍ରର ମାନ୍ୟତା ବହନ କରୁଛି। ପାରାଦୀପର ପ୍ରବେଶ ଦ୍ୱାର ରୂପେ ପରିଚିତ ହୋଇଥିଲେ ବି ସରକାର ଏନ୍‌ଏସି ଘୋଷଣାରୁ ବଞ୍ଚିତ କରିଛନ୍ତି। କୁଜଙ୍ଗରେ ୩୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ ଓ ୫ ଟି ଅଦାଲତ, ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କ ରହିଛି। କୁଜଙ୍ଗ ଏନ୍‌ଏସିର ମାନ୍ୟତା ପାଇବା ପାଇଁ ସମସ୍ତ ଯୋଗ୍ୟତା ଥାଇ ବଞ୍ଚିତ ହୋଇଥିବାରୁ ତାର ପ୍ରତିବାଦରେ ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଯୁବମୋର୍ଚ୍ଚା ସଂଯୋଜକ ଅକ୍ଷୟ ଦାସଙ୍କ ନେତୃତ୍ୱରେ ଶତାଧିକ ଯୁବମୋର୍ଚ୍ଚା କର୍ମୀ ଏକ ପଦୁଆରରେ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଯଦି ସରକାର ଦାବିକୁ ଅଣଦେଖା କରନ୍ତି ତେବେ ଆଇନର ଆଶ୍ରୟ ନିଆଯିବ ବୋଲି କହିଥିଲେ। ଏହି ଅବସରରେ ପାରାଦୀପ ବିଧାୟକଙ୍କ ଅପାରଗତା ଓ ସ୍ଥାଣୁତା ପାଇଁ କୁଜଙ୍ଗ ସହରାଞ୍ଚଳ ମାନ୍ୟତାରୁ ବଞ୍ଚିତ ହେଲା ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ସ୍ୱାଇଁ, ବିଶ୍ୱଜିତ ବେହେରା, ଅମିତ ପ୍ରଧାନ, ରାକେଶ ବେଉରା, ପଙ୍କଜ ପଲାଇ, ମୁକେଶ ଚୌଧୁରୀ ପ୍ରମୁଖ ଶତାଧିକ ଯୁବମୋର୍ଚ୍ଚା କର୍ମୀ ସାମିଲ ହୋଇଥିଲେ।

# ଆର୍ଥିକ କ୍ଷେତ୍ରରେ ମହିଳା ହେବେ ସ୍ୱାବଲମ୍ବୀ

ମହାକାଳପଡ଼ା,୨୭।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାର ଗାଁର ମହିଳାଙ୍କୁ ଦେଇଛନ୍ତି ସମାଜରେ ସ୍ୱତନ୍ତ୍ର ପରିଚୟ। ଗାଁର ମହିଳାମାନେ ଦିନେ ହାଣ୍ଡିଶାଳରେ ପଶି ନିଆଁ ଧୂଆଁରେ ପେଶି ହେଉଥିଲା। ସେହି ମହିଳାମାନେ କେବେ ଚିନ୍ତା କରି ନ ଥିଲେ ସମାଜରେ ସ୍ୱତନ୍ତ୍ର ପରିଚୟ ପାଇବେ । ସେହି ମହିଳାମାନଙ୍କୁ ଅଧିକାର ଦେବା ପାଇଁ ରାଜ୍ୟ ସରକାର ମିଶନଶକ୍ତିରେ ସାମିଲ କରିଛନ୍ତି। କିପରି ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ହାର ବଢ଼ିବ ସେଥିପାଇଁ ରାଜ୍ୟସରକାର ଗାଁ ଗାଁରେ ସ୍ୱଂୟ ସହାୟକ ଗୋଷ୍ଠୀ ଗଠନ କରି ବ୍ୟାଙ୍କ ମାଧ୍ୟମରେ ଖାତା ଖୋଲି ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଗାଁର ମହିଳାମାନେ ବିନା ସୁଧରେ ଋଣ ପାଇ ନିଜ ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବୀ ହୋଇଛି। ଗୋପାଳନ, ମାଛ ଚାଷ, ଛତୁ ଚାଷ, ଛେଳି ମେଣ୍ଢା କୁକୁଡ଼ା ଚାଷ , ସିଲେଇ ମେଶିନରେ ପୋଷାକ ପ୍ରସ୍ତୁତ କରିବା , ଧୂପବତୀ ପ୍ରସ୍ତୁତ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି।

ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଏକ ଋଣ ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବ୍ଲକର ୩୧ ପଞ୍ଚାୟତର ୩୪ ସ୍ୱୟଂ ସହାୟକ ଗୋଷ୍ଠୀକୁ ମନ୍ତ୍ରୀ ଚେକ୍ ମାଧ୍ୟମରେ ଅର୍ଥ ପ୍ରଦାନ କରିଥିଲେ। ସେହିପରି ବ୍ଲକର ୧୮୭୪ ସ୍ୱଂୟ ସହାୟକ ଗୋଷ୍ଠୀର ବ୍ୟାଙ୍କ ଜମା ଖାତାକୁ ୯୨ ଲକ୍ଷ ୫୦ହଜାର ଟଙ୍କାର ସୁଧ ଛାଡ଼ ଅର୍ଥ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବିଡ଼ିଓ ସାଗର କୁମାର ନନ୍ଦ, ସିଡ଼ିପିଓ କବିତା ମଲିକ, ବ୍ଲକ ମିଶନ ଶକ୍ତି ମହିଳା ମହାସଂଘ ସଭାନେତ୍ରୀ ନିର୍ମଳା ଦେଓ , ସମ୍ପାଦିକା କବିତା ବିଶାଳ, ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ମନୀଷା ବାରିକଙ୍କ ସମେତ ମିଶନ ଶକ୍ତି ବିଭାଗର କର୍ମଚାରୀ ଓ ବିଭିନ୍ନ ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

# ପାଟକୁରାରେ କନିକା ରାଣୀ ଦୁର୍ଗାଦେବୀ

ପାଟକୁରା,୨୭।୨(ରବୀନ୍ଦ୍ର ନାଥ ବାରିକ )

**ଭାଜପାରୁ ଏମ୍‌ପି ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା**



ମାହଳ ଜଗନ୍ନାଥ ମନ୍ଦିରରେ କୁମାରାଣୀ ଦୁର୍ଗାଦେବୀ ଭାଜପା କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ସାଧାରଣ ନିର୍ବାଚନ ଆଉ ଅଳ୍ପଦିନ ବାକି ଥିବା ବେଳେ ଭାଜପା ରାଜନୀତିରେ ଘଡିକେ ଘୋଡ଼ା ଛୁଟୁଛି। ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଉତ୍ତର ପ୍ରଦେଶର ଭାଜପା ପ୍ରଭାରୀ ଭାବେ ନିଯୁକ୍ତ ପାଇଲା ପରେ ଏଥର ନିର୍ବାଚନ ଲଢ଼ିବେ କି ନ ଲଢିବେ ସେନେଇ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷେ କନିକା ରାଜା ତଥା ପୂର୍ବତନ ଏମ୍‌ପି ସ୍ୱର୍ଗତ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ମଝିଆଣି ବୋହୂ ତଥା ରାଣୀ କୁମାରାଣୀ ଦୁର୍ଗା ଦେବୀ ମଙ୍ଗଳବାର ପାଟକୁରା ଗସ୍ତରେ ଆସିବା ପରେ ସେ ଭାଜପାରୁ ଏମ୍‌ପି ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ରାଣୀ ଦୁର୍ଗାଦେବୀ ମଙ୍ଗଳବାର ପାଟକୁରା ଆସି ବିଭିନ୍ନ ଅଞ୍ଚଳ ବୁଲିବା ସହ ମାହଳଠାରେ ଥିବା ଜଗନ୍ନାଥ ମନ୍ଦିରରେ ନିଜର ଅନୁଗତ, କେତେଜଣ ବରିଷ୍ଠ ଭାଜପା କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା ଭାଜପା ଓବିସି ସେଲ ସଭାପତି ସତ୍ୟପ୍ରକାଶ ସାମଲ, ଜିଲା ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ରାଉତ, ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ବନ୍ଦନାରାଣୀ ରାଉତରାୟ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ, ପୂର୍ବତନ ସରପଞ୍ଚ ପ୍ରଜେଶ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ଶିବପ୍ରସାଦ ସିଂ, କେଦାର ସାମନ୍ତରାୟ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଆଲୋଚନା କରିଥିଲେ। ଏହାପରେ ସେ ବିଭିନ୍ନ ଅଞ୍ଚଳ ବୁଲି ଲୋକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଯେଉଁ ନେତା ବା କର୍ମୀ ଦୁର୍ଗାଦେବୀଙ୍କ ବୈଠକରେ ସାମିଲ ହୋଇଥିଲେ, ସେମାନେ ସମସ୍ତେ ବୈଜୟନ୍ତ ପଣ୍ଡାଙ୍କ ଅନୁଗତ ବୋଲି ସୂଚନା ମିଳିଛି। ଏଥିନେଇ ଅନୁମାନ କରାଯାଉଛି କି ରାଣୀ ଭାଜପା ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି। ଏଥିପୂର୍ବରୁ ଦୁର୍ଗାଦେବୀ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଗସ୍ତ କରିସାରିଛନ୍ତି। ସେ ଭାଜପାରୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ଯଦି ଦଳ ପ୍ରାର୍ଥୀ କରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ଗାଦେବୀଙ୍କ ବାପା ଗୁଜରାଟ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିବାବେଳେ ଭାଜପାର ଜଣେ ଟାଣୁଆ କର୍ମକର୍ତ୍ତା। ଏପଟେ ରାଣୀ ଦୁର୍ଗାଦେବୀ କନିକା ରାଣୀ ହୋଇଥିବାରୁ ଆଳି ଓ କନିକା ଅଞ୍ଚଳରେ ତାଙ୍କର ପ୍ରଭାବ ଓ ସମ୍ପର୍କ ରହିଛି। ଏହାଛଡା ଶ୍ୱଶୁର ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଏମ୍‌ପି ଥିବା ହେତୁ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି।

## ସଂକ୍ଷେପରେ

### ଚାଷଜମିରୁ ବୃଦ୍ଧଙ୍କ ମୃତଦେହ ଜବତ

କବିସୂର୍ଯ୍ୟନଗର,୨୭।୨ (କୃପାସିନ୍ଧୁ ସ୍ୱାଇଁ)

ଘର ପାଖ ଚାଷଜମିରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଦେଓଗାଁ ଗ୍ରାମର ରମାକାନ୍ତ ପ୍ରଧାନ। ବିଲକୁ ଯାଇଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତାଙ୍କ ପୁତୁରା ନିଲୁ ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କବିସୂର୍ଯ୍ୟନଗର ଥାନା ଦେଓଗାଁ ନିକଟରେ ଏକ ଚାଷ ଜମିରେ ମଙ୍ଗଳବାର ସକାଳେ ରମାକାନ୍ତଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ସୋମବାର ରାତିରେ ରମାକାନ୍ତ ଶୌଚ ହେବାକୁ ବିଲକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନଥିଲେ। ବୁଧବାର ସକାଳେ ମୃତଦେହ ପଡ଼ିଥିବା ଖବର ପାଇ ଆଇଆଇସି ସୁଧୀର କୁମାର ସାହୁ ଓ ଟିମ ପହଞ୍ଚି ତଦନ୍ତ ଚଳାଇଛି। ମୃତକଙ୍କ ଭାଇ ସୁରେନ୍ଦ୍ର ତକିଆ ପକାଇ ମାରିଦେଇ ଫୋପାଡ଼ି ଦେଇଥିବା ମୃତକଙ୍କ ପୁତୁରା ନିଲୁ ଅଭିଯୋଗ କରିଛନ୍ତି।

### ଗୋଟିଏ ରାତିରେ ୨ ଚୋରି

ଶେରଗଡ, ୨୭।୨(ସୂର୍ଯ୍ୟନାରାୟଣ ଦାଶ)

ସୋମବାର ମଧ୍ୟରାତିରେ ଶେରଗଡ଼ରେ ଦୁଇଟି ଚୋରି ହୋଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ସାମନା ଭଡାଘରେ ରହୁଥିବା ଲଳିତ ମୋହନ ଦୋରାଙ୍କ ଘରୁ କିଛି ଦୁର୍ବୃତ୍ତ ପଛପଟୁ କବାଟ ଭାଙ୍ଗି ଗୋଟିଏ ସୁନା ଚେନ ନଗଦ ୧୦ ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ଯମୁନା ନଗରରେ ଥିବା କବିନ୍ଦ୍ର ପଣ୍ଡାଙ୍କ ଚାଉଳ ଗୋଦାମରେ ପସି କିଛି ଜିନିଷ ଚୋରି କରିଛନ୍ତି। ଶେରଗଡ ତୋଟାସାହିରେ ଥିବା ଗୌଡସାହି କୋଠଘରେ ଓ ପନ୍ଦର ସମାଜ କୋଠଘରେ ତାଲା ଭାଙ୍ଗି ଯନ୍ତ୍ରାଂଶ, ଆସବାବପତ୍ର ଫିଙ୍ଗାଫିଙ୍ଗି କରିଛନ୍ତି। ଥାନା ଅଧିକାରୀ ବରେନ୍ଦ୍ର ସିଆଳ, ଏସଆଇ ସତ୍ୟଜିତ ବେଣିଆ, ଏଏସଆଇ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ବୃଦ୍ଧ ନିଖୋଜ ଅଭିଯୋଗ

ରମ୍ଭା,୨୭।୨(ବନବାସୀ ସେଠୀ)

ରମ୍ଭା ଏନଏସି ମିଞ୍ଜିନି ପାଟଣା ସ୍ଥିତ ୧୨ ନମ୍ବର ୱାର୍ଡର ସି. ତ୍ରିନାଥ ପାତ୍ର (୮୦) ପାଞ୍ଚ ମାସ ହେଲା କୁଆଡେ ଚାଲିଯାଇଛନ୍ତି। ଏ ନେଇ ତାଙ୍କ ପୁଅ ସି. ଜଗା ପାତ୍ର ଗତ ୧୭.୧୦.୨୦୨୩ ତାରିଖରେ ରମ୍ଭା ଥାନାରେ ଏତଲା ଦେଇଥିଲେ।କିନ୍ତୁ ଆଜି ପର୍ଯ୍ୟନ୍ତ ବୃଦ୍ଧଙ୍କ କୌଣସି ଖୋଜ ଖବର ମିଳିନାହିଁ। ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି କୌଣସି ସହୃଦୟ ବ୍ୟକ୍ତି ପାଇଲେ ତୁରନ୍ତ ରମ୍ଭା ଥାନାକୁ ଜଣାଇବେ।

### ୮୫ କେଜି ଗଞ୍ଜେଇ ଜବତ

ଭଞ୍ଜନଗର,୨୭।୨(ବାବୁଲା ପ୍ରଧାନ)

ବଡଗଡ ପୋଲିସ ମଙ୍ଗଳବାର ଜଣକ ଘରୁ ୭୫ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛନ୍ତି। ଗଞ୍ଜେଇକୁ ପୋଲିସ କୋର୍ଟରେ ଦାଖଲ କରିଛି। ସେହିଭଳି ଭଞ୍ଜନଗର ଅବକାରୀ ବିଭାଗ ସକାଳେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ନିକଟରୁ ଦୁଇଜଣ ବାଇକ ଚାଳକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ କେଜି ଲେଖାଏଁ ସର୍ବମୋଟ ୧୦ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଭଞ୍ଜନଗର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ବିଲୁପଦର ଗ୍ରାମର ପ୍ରଶାନ୍ତ ଦିଗାଲ ଓ ସିଦ୍ଧାର୍ଥ ସାହାଣୀ ।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଛାତ୍ରୀ ମୃତ

ଭଞ୍ଜନଗର,୨୭/୨(ବାବୁଲା ପ୍ରଧାନ)

ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ବେଡିଗୋବା ନିକଟରେ ମଙ୍ଗଳବାର ସକାଳେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି ।ଏଥିରେ ଜଣେ ଏଏନଏମ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଛାତ୍ରୀ ହେଲେ ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ଦଡପଡା ଗ୍ରାମର ସୁନିତା ପ୍ରଧାନ (୨୩)। ଏଥିସହ ସମ୍ପୃକ୍ତ ଅଞ୍ଚଳର ବିକ୍ରମ ବେହେରା ଏବଂ ଅନ୍ୟ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବ୍ରହ୍ମପର ବଡ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ସୁନିତା ବ୍ରହ୍ମପୁରରେ ଏଏନଏମ ପଢନ୍ତି।

# ଅଧ୍ୟକ୍ଷା ଖୋଲିଲେ ରଣପୁର ବ୍ଲକ୍‌ର ଅନିୟମିତତା

ନୟାଗଡ଼/ରଣପୁର,୨୭।୨(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ):

ନୟାଗଡ଼ ଜିଲା ରଣପୁର ବ୍ଲକ୍ ପରିସରରେ ମଙ୍ଗଳବାର ମିଶନଶକ୍ତି ଗୃହ ଉଦ୍‌ଘାଟନ ଉତ୍ସବରେ ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରା ରଣପୁର ବ୍ଲକର ଅନିୟମିତତାର ଗୁମର ଖୋଲିଛନ୍ତି। ସରକାରୀ ଅନୁଦାନ ହଡପ କିପରି ହେଉଛି ତା'ର ଉଦାହରଣ ଦେଇଛନ୍ତି । ଅର୍ପଣ ରଥ କାର୍ଯ୍ୟକ୍ରମ, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଓ ଲୋକକଳା ଉତ୍ସବ ପାଳନରେ ଅନିୟମିତତା ଓ ଡିପାର୍ଟମେଣ୍ଟାଲ କାର୍ଯ୍ୟକୁ ଠିକାଦାରଙ୍କୁ ବିକ୍ରି ନେଇ ଅଭିଯୋଗ ବାଢ଼ିଥିଲେ । ଏପରିକି ବ୍ଲକର ଦୁର୍ନୀତି ନେଇ ବିଡିଓ ସଫେଇ ରଖିବାକୁ କହିଥିବାବେଳେ ବିଡିଓ କି ବିଧାୟକ କେହି ମୁହଁ ଖୋଲି ନ ଥିଲେ । ମିଶନ ଶକ୍ତି ଗୃହ ଉଦ୍‌ଘାଟନ ଉତ୍ସବରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟନାୟକ, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଓ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା, ରଣପୁର ବିଡିଓ ସୁଧିର ନାୟକ ମଞ୍ଚାସୀନ ଥିଲେ ।



ମିଶନଶକ୍ତି ଗୃହ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଉଦ୍‌ବୋଧନ ଦେଉଛନ୍ତି ।

ରଣପୁର ଅଧ୍ୟକ୍ଷା ବେହେରାଙ୍କ ଅଭିଯୋଗ ଅନୁଯାୟୀ, ରଣପୁର ମହୋତ୍ସବ ଅର୍ଜୁନ ମଞ୍ଚରେ ଲୋକକଳା ଉତ୍ସବ ପାଳନ କରି ସରକାରୀ ଅର୍ଥକୁ ହଡପ କରାଯାଇଛି । ଲୋକକଳା ମହୋତ୍ସବ ସ୍ୱତନ୍ତ୍ର ଭାବେ କରାଯିବା ପାଇଁ ରହିଥିବା ବେଳେ କାହା ନିର୍ଦ୍ଦେଶରେ ମହୋତ୍ସବ ମଞ୍ଚରେ ଲୋକକଳା ମହୋତ୍ସବ କରାଗଲା। ଗୋଟିଏ ମଞ୍ଚରେ ମହୋତ୍ସବ ଓ ଲୋକକଳା ଉତ୍ସବ ପାଳନ କରାଯିବା ଦ୍ୱାରା ଗୋଟିଏ ଖର୍ଚ୍ଚରେ ଦୁଇଟି କାମ କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଛି। ଲୋକକଳା ମହୋତ୍ସବ ପାଇଁ କେତେ ଟଙ୍କା ଆସିଛି, କେତେ ଟଙ୍କା ଖର୍ଚ୍ଚ ହୋଇଛି ଏଯାବତ ବିଡିଓ ହିସାବ ଦେଉ ନାହାନ୍ତି । ସରକାରଙ୍କ ବିଭିନ୍ନ ଯୋଜନାର ଗାଇଡ୍ ଲାଇନ ମାଗିଲେ ବିଡିଓ ଦେଉ ନାହାନ୍ତି। ମୋର ଦୁଇ ବର୍ଷ କାର୍ଯ୍ୟକାଳ ଭିତିରେ ହାଇକୋର୍ଟରେ ବିଭିନ୍ନ ମାମଲା ରଣପୁର ବ୍ଲକ ବିଷୟରେ ରୁଜୁ କରି ନ୍ୟାୟ ମାଗିଛି। ସମିତି ସଭ୍ୟ ମାନେ ସରକାରୀ ଅନୁଦାନ ସମ୍ପର୍କରେ ଜାଣି ପାରୁ ନାହାନ୍ତି । ବ୍ଲକର ସମସ୍ତ କର୍ମଚାରୀ ଓ ଅଧିକାରୀ ଶାସକ ଦଳର ହାତବାରିଶି ହୋଇ କାମ କରୁଛନ୍ତି। ସରକାରୀ ଅର୍ଥ ବିଭିନ୍ନ ବିଭାଗକୁ ବଣ୍ଟନ ବେଳେ ଅଧ୍ୟକ୍ଷଙ୍କୁ କୁହାଯାଉନି । ବିଧାୟକଙ୍କ ନିର୍ଦ୍ଦେଶରେ ବ୍ଲକର ସବୁ କାମ କରାଯାଉଛି । ଅର୍ପଣ ରଥ କାର୍ଯ୍ୟକ୍ରମ ପାଇଁ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ଅନୁଦାନ ଆସିଥିବାବେଳେ ରଣପୁରରେ ବିଡିଓ ବ୍ୟତିକ୍ରମ କରି ପ୍ରତି ପଞ୍ଚାୟତକୁ ଦେଢ଼ ଲକ୍ଷ ଟଙ୍କା ଦେଇଛନ୍ତି । ଅବଶିଷ୍ଟ ୫୦ ହଜାର ଟଙ୍କା କ'ଣ ହେଲା ସେ ହିସାବ ଦେଉ ନାହାନ୍ତି । ଗୋଟିଏ ପଞ୍ଚାୟତକୁ ୫୦ ହଜାର ଲେଖାଏଁ ହିସାବରେ ୩୭ ପଞ୍ଚାୟତକୁ ୧୮ ଲକ୍ଷ ୫୦ ହଜାର କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି । ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରମୋଶନ କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତକୁ ୩ ଲକ୍ଷ ଦେବା ପାଇଁ ସରକାରୀ ନିୟମ କହୁଛି । କିନ୍ତୁ ବିଡିଓ ପ୍ରତି ପଞ୍ଚାୟତକୁ ଦେଢ଼ ଲକ୍ଷ ଲେଖାଏଁ ଦେବାକୁ କହିଛନ୍ତି । ଦେଢ଼ ଲକ୍ଷର ଅଧିକ ଖର୍ଚ୍ଚ କଲେ ପଞ୍ଚାୟତ ଭରଣ କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହୁଛନ୍ତି । ଏଭଳିସ୍ଥଳେ ବିଡିଓ ଆମ ଓଡିଶା ନବୀନ ଓଡିଶା ପ୍ରମୋଶନ କାର୍ଯ୍ୟକ୍ରମର ପଞ୍ଚାୟତ ପିଛା ଦେଢ଼ ଲକ୍ଷ ହିସାବରେ ୩୭ ପଞ୍ଚାୟତର ୫୫ ଲକ୍ଷ ୫୦ ହଜାର ଟଙ୍କା କେଉଁ କାର୍ଯ୍ୟରେ ବିନିଯୋଗ ହେବ ବୋଲି କହୁ ନାହାନ୍ତି। ଡିପାର୍ଟମେଣ୍ଟାଲ ନାଁରେ କାର୍ଯ୍ୟକୁ ୩୦ ପ୍ରତିଶତ ପିସି ନେଇ ଠିକାଦାରଙ୍କୁ କାମ ବିକ୍ରି କରୁଛନ୍ତି । ଏନେଇ ରଣପୁର ବିଡିଓ ସୁଧିର ନାୟକ କୁହନ୍ତି, ସରକାରୀ ଗାଇଡ୍ ଲାଇନ ଅନୁସାରେ ଟଙ୍କା ଖର୍ଚ୍ଚ ହୋଇଛି। କୌଣସି ଅନିୟମିତତା ହୋଇନାହିଁ । ସରକାର ଟଙ୍କା ବୋଲି କ'ଣ ପାଣିରେ ପକାଇ ଦେବିକି । ଟଙ୍କା ବଣ୍ଟା ଯିବାକୁ ଆସି ନ ଥିଲା । କିଏ ରାଜନୈତିକ ଭାଷଣ ଦେଲେ ଆମେ କ'ଣ କରିପାରିବୁ ବୋଲି କହିଛନ୍ତି ।

# ୧୫ ହଜାର ଏସ୍‌ଏଚ୍‌ଜିଙ୍କୁ ୮୪୬ ଲକ୍ଷ ସୁଧ ଫେରସ୍ତ

ଛତ୍ରପୁର,୨୭।୨
(ଦିଲୀପ ସାମଲ/ ସନ୍ତୋଷ ପାଢୀ)

ମିଶନ ଶକ୍ତି ମା'ଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଲେ ବଡ଼ ଉପହାର । ଏଣିକି ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏ ଋଣ ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ସୁଧ ଫେରସ୍ତ ବାବଦକୁ ଗଞ୍ଜାମ ଜିଲାର ୧୫ ହଜାର ୭୦୫ ଏସଏଚଜିଙ୍କୁ ୮୪୬.୧୩ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଜିଲାର ୪୨ହଜାର ୯୩୭ ମିଶନ ଶକ୍ତି ଗ୍ରୁପର ୪ ଲକ୍ଷ ୪୬ ହଜାର ୬୦୩ ଜଣ ସଭ୍ୟାଙ୍କୁ ୟୁନିଫର୍ମ ପାଇଁ ଏବଂ ୮ ହଜାର ୨୦୮ ଜଣ ମିଶନ ଶକ୍ତି ଲିଡରମାନଙ୍କୁ ବ୍ଲେଜର ବାବଦରେ ଆର୍ଥିକ ସହାୟତା ଦିଆଯିବ। ଛତ୍ରପୁରସ୍ଥିତ ଜିଲାପାଳଙ୍କ ଓସ୍ୱାନ ହଲଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ନବୀନ ସେନାପତି, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ଶ୍ୱାସତ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରିମନ, ଏଲଡ଼ିଏମ କେ. ସି. ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ସଭ୍ୟାମାନେ ଉପସ୍ଥିତ ଥିଲେ।

**ଭଞ୍ଜନଗର(ବାବୁଲା ପ୍ରଧାନ):** ଭଞ୍ଜନଗର ବ୍ଲକର ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମଙ୍ଗଳବାର ୩୯ ଲକ୍ଷ ୯୭ ହଜାର ୫୩ ସୁଧ ଟଙ୍କା ଫେରସ୍ତ କରାଯାଇଛି। ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଜିଲୁଣ୍ଡୀ ସରପଞ୍ଚ ରଞ୍ଜିତ ଆରୁଖ, ଲାଲସିଂ ସରପଞ୍ଚ ଶିବରାମ ସାହୁ, ମୁଜାଗଡ ସରପଞ୍ଚ ସୁକାନ୍ତି ସେଠୀ, ସାନକୋଦଣ୍ଡ ସମିତିସଭ୍ୟା ନମିତା ନାୟକ ଯୋଗ ଦେଇଥିଲେ। ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ପୁଷ୍ପାଞ୍ଜଳି ନାହାକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶୁଳପାଣି ସତପଥୀ ସଭାକୁ ସଂଯୋଜନା କରିଥିଲେ।

**ଆସିକା(ସୁରେନ୍ଦ୍ରନାଥ ସାହୁ):** ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ମିଶନ ଶକ୍ତି ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଆସିକା ବ୍ଲକର ୨୭ଟି ପଞ୍ଚାୟତରେ ୧,୯୭୬ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମିଶନ ଶକ୍ତି କାର୍ଯ୍ୟ ଚାଲୁ ରହିଛି। ଏହି ବ୍ଲକର ୫୦ଟି ଗୋଷ୍ଠୀକୁ ୧୧,୨୯, ୯୪୬ ଟଙ୍କା ସୁଧ ଚେକ ମାଧ୍ୟମରେ ଫେରସ୍ତ କରାଯାଇଛି । ଏଥିଲାଗି ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଫକୀର ଚରଣ ପରିଡା, ଉପାଧ୍ୟକ୍ଷା ରେଶମା ଦୋରା, ଜିଲା ପରିଷଦ ସଦସ୍ୟା ଅନିମା ପରିଡା, ସିଡିପିଓ ଭାଗ୍ୟଲତା ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

**ଧରାକୋଟ(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**– ଧରାକୋଟ ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟ୍ଟନାୟକ, ସିଡିପିଓ ସୁନୀଲ ପ୍ରଭା ରଥ, ସରପଞ୍ଚ ମାଧୁରୀ ସ୍ୱାଇଁ, ବିପିଏମ ପ୍ରତାପ ସ୍ୱାଇଁ, ବିପିଏ ବିଷ୍ଣୁ ପ୍ରସାଦ ବେହେରା ଉପସ୍ଥିତ ଥିଲେ। ବ୍ଲକରେ ଯେଉଁ ଏସ୍‌ଏଚ୍‌ଜି ଋଣ ନେଇ ସୁଧ ଦେଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୬୦୯ ଏସ୍‌ଏଚ୍‌ଜିକୁ ୩୧ ଲକ୍ଷ ୮୦ ହଜାର ଟଙ୍କାର ସୁଧ ଫେରସ୍ତ ଅର୍ଥ ଚେକ ଆକାରରେ ପ୍ରଦାନ କରାଯାଇଥିଲା।

**ଗଞ୍ଜାମ(ବିଦ୍ୟାଧର ସାହୁ)**–ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡ଼ିଓ ବସନ୍ତ କୁମାର ମଲ୍ଲିକ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଶ୍ୱାସତ କୁମାର ସାହୁ, ସିଡିପିଓ ସଲୀଳା ପ୍ରଧାନ ଉପସ୍ଥିତ ଥିଲେ। ବ୍ଲକର ୮୭୯ ଗ୍ରୁପ ୫୩ ଲକ୍ଷ ୭ ହଜାର ଋଣ ସୁଧ ଛାଡ଼ ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

# ମିଶନ ଶକ୍ତି ମହିଳାମାନଙ୍କୁ ନେଇ କର୍ମଶାଳା

ଭାପୁର,୨୭।୨
(ଭରତ କୁମାର ବେହେରା ):

ଭାପୁର ବ୍ଲକ ସାମ୍ନା ପଡ଼ିଆରେ ମଙ୍ଗଳବାର ଭାପୁର ବ୍ଲକର ସମସ୍ତ ମିଶନ ଶକ୍ତି ମହିଳାମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏହି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏଣିକି ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ। ମିଶନ ଶକ୍ତିର ମହିଳାମାନଙ୍କୁ ୟୁନିଫର୍ମ ପାଇଁ ସମସ୍ତଙ୍କୁ ୧ ହଜାର ଟଙ୍କା ମିଳିବ । ଉକ୍ତ କର୍ମଶାଳାରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ , ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ କୁମାର ମଲିକ, ସିଡିପିଓ ତୃପ୍ତି ମହାପାତ୍ର, ବିପିସି ସସ୍ମିତା ମଲିକ, ରେଣୁବାଳା ସାହୁ, ସବିତା ଶୁକ୍ଳା, ଭାପୁର ମାତୃଶକ୍ତିର ସଭାପତି ନିରୁପମା ପ୍ରଧାନ , ସମ୍ପାଦକ ନିରଞ୍ଜନୀ ବିହାରୀ ଓ ଭାପୁର ବ୍ଲକର ସମସ୍ତ ଏସ୍‌ଏଚ୍‌ଜି ଗ୍ରୁପ ମହିଳା, ବ୍ୟାଙ୍କ ମିତ୍ର, ଏବିକେ ଉପସ୍ଥିତ ରହିଥିଲେ। ମଞ୍ଚ ପରିଚାଳନା କରିଥିଲେ ବାଘୁଆପଲ୍ଲୀ ପଞ୍ଚାୟତର ଏବିକେ ଶୁଭଶ୍ରୀ ଶୁଭସ୍ମିତା। ଏହି କାର୍ଯ୍ୟକ୍ରମରେ ଭାପୁର ବ୍ଲକର ୨୦ ପଞ୍ଚାୟତର ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୬୬ଲକ୍ଷ ୫୦ହଜାର ଟଙ୍କା ସୁଧ ଛାଡ ଚେକ ପ୍ରଦାନ କରାଯାଇଥିବା ବିପିସି ସସ୍ମିତା ମଲ୍ଲିକଙ୍କ ଠାରୁ ସୂଚନା ମିଳିଛି। ମଞ୍ଚରେ କୁନିକୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

# ୩ ଦଫା ଦାବି ନେଇ ବ୍ଲକ୍ ଘେରାଉ

ଜି.ଉଦୟଗିରି,୨୭।୨
(ଶିଶିର ପଟ୍ଟନାୟକ)

ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଏନ୍. ଲୁକ୍, ସଦାନନ୍ଦ ନାୟକ ଓ ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳବାସୀ ତିନୋଟି ପ୍ରମୁଖ ଦାବି ନେଇ ମଙ୍ଗଳବାର ବ୍ଲକ ଘେରାଉ କରିଥିଲେ। ସେମାନଙ୍କର ମୁଖ୍ୟ ଦାବି ୪ଜି ନେଟୱାର୍କ, ପାନୀୟ ଜଳର ବ୍ୟବସ୍ଥା ଓ ମୁଖ୍ୟ ସଡ଼କ ମରାମତି ଦାବି ନେଇ ଜି. ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜି. ଉଦୟଗିରି ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ହେଲା ଏହି ଅଞ୍ଚଳରେ ୪ ଜିଓ ନେଟୱାର୍କ ନଥିବା ହେତୁ ଅନଲାଇନ୍ କାମରୁ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ବସୁଧା ଯୋଜନା ମାଧ୍ୟମରେ ଟାଙ୍କି ନିର୍ମାଣ କରି



ଗାଁ ଗାଁରେ ପାଇପ ସଂଯୋଗ କରାଗଲା କିନ୍ତୁ ପାଣି ମିଳୁନି। ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଶ୍ରୀରାମପଦାଠାରୁ ଭାୟା ରଟିଙ୍ଗିଆ ହୋଇ ଗ୍ରେସିଙ୍ଗିଆ ସଂଯୋଗ ହୋଇଥିବା ସଡ଼କ ଖରାପ ଥିବା ହେତୁ ଅନେକ ଅସୁସ୍ଥ ଓ ଗର୍ଭବତୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜନଶୁଣାଣିରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। କୌଣସି ସମସ୍ୟାର ସମାଧାନ ହେଉନଥିବାରୁ ମଙ୍ଗଳବାର ଶାନ୍ତି ପଦଯାତ୍ରା ବନ୍ଧ ଛକଠାରୁ ବାହାରି ପଞ୍ଚାୟତ ସମିତି, ତହସିଲ କାର୍ଯ୍ୟାଳୟ ଓ ବିଏସ୍‌ଏନ୍‌ଏଲ୍ ଅଫିସରେ ଯାଇ ଦାବିପତ୍ର ପ୍ରଦାନ ସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଅଞ୍ଚଳର କରାଳ ମଲ୍ଲିକ, ଜୟନନ୍ଦ ନାୟକ, ଅମିତ୍ ନାୟକ, ମିଳନ ନାୟକ, ଆଲଫାନ୍ସ, ନାୟକ, କିଶନ ନାୟକ, ମନ୍ଦାକିନୀ ନାୟକ, ସାବିତ୍ରୀ ପ୍ରଧାନ ଓ ବ୍ଲେଶି ପ୍ରଧାନ ସହଯୋଗ କରିଥିଲେ।

### ଦୋଳଯାତ୍ରା ପ୍ରସ୍ତୁତି ବୈଠକ

ଗଞ୍ଜାମ,୨୭।୨(ବିଦ୍ୟାଧର ସାହୁ)

ଆସନ୍ତା ମାସ ୨୩ରୁ ଆରମ୍ଭ ହେବାକୁ ଯାଉଛି ଐତିହାସିକ ଦୋଳପୂର୍ଣ୍ଣମା ଯାତ୍ରା। ଏଥିପାଇଁ ଏକ ପ୍ରାକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଗଞ୍ଜାମ ଏନ୍‌ଏସି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ବରାଳ, ବିଦ୍ୟୁତ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ସାଗର କୁମାର ପରିଡ଼ା, ଅବକାରୀ ବିଭାଗୀୟ ଅଧିକାରୀ ବୋପାକ ବିଶି, ଗଞ୍ଜାମ ଥାନା ଏସଆଇ କ୍ଷେତ୍ର ମୋହନ ସାହୁ, ଆୟୁଷ ଡାକ୍ତର ବନୋଜ କାନ୍ତ କର, ଏଏଫଓ ଶିଶିର କାନ୍ତ ସିଂ ପ୍ରମୁଖ ମଞ୍ଚସୀନ ଥିଲେ। ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା ପୂର୍ବ ବର୍ଷ ଯାତ୍ରା ରିଜୁଲେସନର ବିବରଣୀ ପଠନ କରିଥିଲେ। ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଆଲୋଚନା ହୋଇଥିଲା। ଯାତ୍ରା ସମୟରେ ପାନୀୟ ଜଳ, ବିଦ୍ୟୁତ ସରବରହ, ରାସ୍ତା ଘାଟ ସଫେଇ, ସାହି ଗୁଡିକରେ ଓହଳି ଥିବା ବିଦ୍ୟୁତ୍ ତାର ଓ ଷ୍ଟାର ୱାଇରକୁ ଯୁଦ୍ଧକାଳୀନ ଭିତ୍ତିରେ ସଜାଡ଼ିବା ଆଦି ଉପରେ ଆଲୋଚନା କରାଯାଇଛି। ଯାତ୍ରା ତିନି ଦିନ ସହରରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ ରହିବ, ଯଦି କେହି ବେଆଇନ ଭାବେ ମଦ ବିକ୍ରି କରେ ତାଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ସ୍କୁଲ କମିଟି ସଭାପତିଙ୍କୁ ୩ ବର୍ଷ ଜେଲ

## ସରକାରୀ ଅର୍ଥ ତୋସରପାତ ମାମଲା

ଫୁଲବାଣୀ,୨୭।୨
(ରାକେଶ କୁମାର ରାଉତ)

ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଆସିଥିବା ସରକାରୀ ଅନୁଦାନ ହଡ଼ପ ମାମଲାର ବିଚାର କରି ସୋମବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ତତ୍କାଳୀନ ସ୍କୁଲ କମିଟି ସଭାପତିଙ୍କୁ ତିନି ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି । ଏଥିସହ ଦୋଷୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ବ୍ଲକ ସିକବାଡି ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ତତ୍କାଳୀନ ସଭାପତି ମନୋଜ ପ୍ରଧାନ। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୮ ଲକ୍ଷ ୯୬ ହଜାର ୪୦୦ ଟଙ୍କା ଅନୁଦାନ ମିଳିଥିଲା। ଏଥିରୁ ୮ ଲକ୍ଷ ଟଙ୍କା ଉଠାଯାଇ କାମ ଆରମ୍ଭ କରାଯାଇଥିଲା। କିନ୍ତୁ କାମ ସମ୍ପୂର୍ଣ୍ଣ ନ ହୋଇ ଅଧାରୁ ବନ୍ଦ ରହିଥିଲା। ଏଥିରେ ଅର୍ଥ ତୋଷରପାତ ହୋଇଥିବା ନେଇ ଦୁର୍ନୀତି ନିବାରଣ ବିଭାଗ ନିକଟରେ ଅଭିଯୋଗ ହେବାରୁ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୫୭/୧୭ରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ବେଳେ ମାତ୍ର ୨ ଲକ୍ଷ ୧୬ ହଜାର ୩୧୦ ଟଙ୍କା ଖର୍ଚ୍ଚ କରାଯାଇ ବଳକା ୫ ଲକ୍ଷ ୮୩ ହଜାର ୬୯୦ ଟଙ୍କା ଆତ୍ମସାତ କରାଯାଇଥିବା ଜଣାପଡିଥିଲା। ଫଳରେ ସ୍କୁଲର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ବିରୋଧରେ କେସ ଚାଲିଥିଲା। ଏହି ମାମଲାରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ବେଳେ ଅନ୍ୟ ଅଭିଯୁକ୍ତ ତଥା ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକଙ୍କ ପରଲୋକ ହୋଇଯାଇଥିବାରୁ ତାଙ୍କ ମାମଲା ବନ୍ଦ ହୋଇଯାଇଥିଲା। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି ଭି ରାମଦାସ ପରିଚାଳନା କରୁଥିଲେ।

# କଳିଙ୍ଗା ଘାଟିରେ କାର-ବାଇକ୍ ଦୁର୍ଘଟଣା, ଜଣେ ମୃତ

ଜି.ଉଦୟଗିରି,୨୭।୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ସହିତ ଏକ କାର ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଟିକାବାଲିରୁ ଦୁର୍ଗାପ୍ରସାଦ ଅଭିମୁଖେ ଦୁଇଜଣ ବାଇକ ଯୋଗେ ଯାଉଥିଲେ ଓ ବିପରୀତ ଦିଗରୁ ଆସୁଥିବା କାର ସହ ଦୁର୍ଘଟଣା ହେବା ଫଳରେ କାର ଚାଳକ ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ସୂଚନା ମିଳିଛି। ଦୁଇ ବାଇକ ଆରୋହୀଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ବାଇକରେ ବସିଥିବା ଜଣଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି ଓ ଅନ୍ୟ ଜଣେ ଗୁରୁତର ଅଛନ୍ତି। କଳିଙ୍ଗା ଘାଟି ଦୁର୍ଘଟଣା ସ୍ଥଳରେ ଜି.ଉଦୟଗିରି ପୋଲିସ ଏସଆଇ ରବୀନ୍ଦ୍ର ନାଥ ସେଠୀ, କେ.କାମରାଜୁ ରେଡ୍ଡୀ ଏବଂ ବୁଲୁ ବେହେରା ପହଞ୍ଚି ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି ଓ ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

# ଏମ୍‌କେସିଜିରେ ସିଟିଭିଏସ୍ ଆଇସିୟୁ ଉଦ୍‌ଘାଟିତ

ବ୍ରହ୍ମପୁର,୨୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ସୁପର ସ୍ପେସାଲିଟି ବ୍ଲକରେ ହୃଦରୋଗ(ସର୍ଜରି) ବିଭାଗ ଅଧୀନରେ ସିଟିଭିଏସ୍ (କାର୍ଡିଓଥୋରାସିସ୍ ଆଣ୍ଡ ଭାସ୍କୁଲାର୍ ସର୍ଜରି) ଆଇସିୟୁ ସୋମବାର ଉଦ୍‌ଘାଟିତ ହୋଇଛି। ବଡ଼ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ ଏହାର ଉଦ୍‌ଘାଟନ କରିଛନ୍ତି। ହୃଦ୍‌ରୋଗୀଙ୍କ ଅସ୍ତ୍ରୋପଚାର ପରେ ସେମାନଙ୍କୁ ଏଠାରେ ରଖାଯିବ। ଏହି ୟୁନିଟରେ ୬ଟି ଆଇସିୟୁ ଶଯ୍ୟା ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ହୃଦ୍‌ରୋଗ (ମେଡିସିନ୍) ବିଭାଗ ପାଇଁ ମଧ୍ୟ ୧୦ ଶଯ୍ୟା ବିଶିଷ୍ଟ ଏକ ଆଇସିୟୁ କରାଯିବ ବୋଲି ଅଧୀକ୍ଷକ ସୂଚନା ଦେଇଛନ୍ତି।

# ସରକାରୀ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଅଣଦେଖା

ପାରଳାଖେମୁଣ୍ଡି,୨୭।୨
(ଗିରିଧାରୀ ପରିଚ୍ଛା)

ଆମ ହସ୍ପିଟାଲ ରୂପାନ୍ତରୀକରଣର ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। ହେଲେ ହସ୍ପିଟାଲ ଉଦଘାଟନୀ ସମାରୋହରେ ଉଦଘାଟନୀ ପୂର୍ବରୁ ଖାଲି ହୋଇଗଲେ ହଜାର ହଜାର ଜନ ସାଧାରଣ। ପାରଳାଖେମୁଣ୍ଡି ଏସକେସିଜି ଖେଳ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣ ସଭାସ୍ଥଳରୁ ଚାଲି ଯାଇଥିଲେ। ପରିସ୍ଥିତି ଏମିତି ହେଲା ଯେ ଖୋଦ ଜିଲାପାଳ ଲୋକମାନଙ୍କୁ ବସିବାକୁ କହିଥିଲେ ବି ଲୋକେ ଚାଲିଗଲେ। କେବଳ ଜିଲାସ୍ତରୀୟ ଅଧିକାରୀ ଓ କିଛି ବିଜେଡ଼ିର ନେତା ହିଁ ବସିଥିଲେ ବୋଲି ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ କେ. ନାରାୟଣ ରାଓ କହିଛନ୍ତି। ସରକାରୀ ପ୍ରୋଟୋକଲ ଅନୁସାରେ କାର୍ଯ୍ୟକ୍ରମକୁ ଜିଲାର କୌଣସି ବିଧାୟକଙ୍କୁ ନଡାକି କେବଳ ବିଜେଡ଼ିର ଏମପିଙ୍କୁ ଡାକି ଜିଲାପାଳ ବିଜେଡି ପ୍ରେମ ଦେଖାଉଛନ୍ତି। ସ୍ଥାନୀୟ ବିଧାୟକମାନଙ୍କୁ ଅଣଦେଖା କରି କେବଳ ଏମପିଙ୍କୁ ଧରି କାର୍ଯ୍ୟକ୍ରମ କରୁଛନ୍ତି। କେବଳ ସେତିକି ନୁହେଁ, ଆସନ୍ତା ନିର୍ବାଚନରେ ବିଜେଡି ପାଇଁ ଯଦି କାମ କରିବେ ତେବେ ଜିଲାପାଳଙ୍କୁ ମାହାଙ୍ଗା ପଡ଼ିବ ବୋଲି କହିଛନ୍ତି ବିଧାୟକ। ଏନେଇ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନଥିବା ବେଳେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ କହିଛନ୍ତି, ଲୋକେ ସଭା ସରିବା ପର୍ଯ୍ୟନ୍ତ ଥିଲେ।

# ଜିଲା ଯୋଜନା କମିଟି ବୈଠକରୁ ଉଠିଗଲେ ୨ ବିଧାୟକ

ପାରଳାଖେମୁଣ୍ଡି,୨୭।୨
(ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷଠାରେ ଗଜପତି ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲାପରିଷଦ ଉପ-ଅଧ୍ୟକ୍ଷା କୁନ୍ତଳା ମଲ୍ଲିକ,ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ପ୍ରମୁଖ



ଜିଲା ଯୋଜନା କମିଟି ବୈଠକରେ ଉପସ୍ଥିତ ଅତିଥି।

ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ କରିଥିଲେ। ଜିଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ସମସ୍ତଙ୍କର ସହଯୋଗ ଦରକାର ବୋଲି ମନ୍ତ୍ରୀ ସାରକା କହିଥିଲେ। ହେଲେ ଯୋଜନା ବୈଠକ ପୂର୍ବରୁ ମୋହନା ଓ ପାରଳାଖେମୁଣ୍ଡି ବିଧାୟକ ନିଜ ନିଜ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଛି ପ୍ରସ୍ତାବ ଦେଇଥିଲେ। ଜିଲା ଯୋଜନା କମିଟିରେ ସାମିଲ କରିବା ପାଇଁ ସେହି ପ୍ରସ୍ତାବକୁ ନେଇ ଉଭୟ ବିଧାୟକ ଆଲୋଚନା କରିବା ପାଇଁ ପ୍ରସ୍ତାବ ଆଣିଥିଲେ। କିନ୍ତୁ ପ୍ରଶାସନ ଉଭୟଙ୍କ ପ୍ରସ୍ତାବ ସମ୍ପର୍କିତ ଉତ୍ତର ରଖିବାରେ ଅସମର୍ଥତା ଦେଖାଇଥିଲେ। ଫଳରେ ଉଭୟ ବିଧାୟକ ଅତିଷ୍ଠ ହୋଇ କକ୍ଷ ତ୍ୟାଗ କରିଥିଲେ। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନ୍ତ୍ରୀ ସାରକା କହିଛନ୍ତି ଯେ ତୃଣମୂଳସ୍ତରର ନେତାଙ୍କ ଠାରୁ ଆରମ୍ଭ କରି ବିଧାୟକ ଓ ଏମପିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରସ୍ତାବକୁ ବୈଠକରେ ଆଲୋଚନା କରିବା ସହ କାର୍ଯ୍ୟକାରୀ କରାଯାଇଥାଏ। ରାଜ୍ୟ ସରକାରଙ୍କ ଅନୁମୋଦନ ପାଣ୍ଠି କିମ୍ବା ଜିଲ୍ଲାସ୍ତରୀୟ ପାଣ୍ଠି ବିନିଯୋଗରେ କୌଣସି ଅବହେଳା କରାଯାଇ ନାହିଁ। ଦୁଇ ବିଧାୟକ କକ୍ଷ ତ୍ୟାଗ କରିବା ତାଙ୍କ ନିଜସ୍ୱ ଚିନ୍ତାଧାରା ବୋଲି ସେ ଉତ୍ତର ରଖିଥିଲେ। ଉକ୍ତ ବୈଠକରେ ଭାରପ୍ରାପ୍ତ ଜିଲ୍ଲା ଯୋଜନା ଅଧିକାରୀ ଭେଙ୍କଟ ରାଓ ଆଚାରୀଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ ଓ ସଭ୍ୟା, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସମେତ ଜିଲ୍ଲା ଯୋଜନା କମିଟିର ସମସ୍ତ ସଭ୍ୟସଭ୍ୟା, ଜିଲ୍ଲାସ୍ତ୍ରୀୟ ଅଧିକାରୀଗଣ ଯୋଗଦେଇଥିଲେ।

# ଶକ୍ତି ପ୍ରଦର୍ଶନକଲେ ଗଣେଶ୍ୱର

## ମାଟି ପାଇଁ ଜେଲ ଚାଲ ଆନ୍ଦୋଳନ

କେନ୍ଦ୍ରାପଡ଼ା,୨୭।୨(ଜଗନ୍ନାଥ ଧଳ)



ବିକ୍ଷୋଭରେ ଗଣେଶ୍ୱର ବେହେରା ଉଦ୍‌ବୋଧନ ଦେଉଛନ୍ତି ।

କେନ୍ଦ୍ରାପଡ଼ା ସହର ଗ୍ରାମାଞ୍ଚଳର ବିକାଶ ହେଉନାହିଁ । ସମସ୍ୟାରେ ଉବୁଟୁବୁ ହୋଇଥିବା ଜିଲାବାସୀଙ୍କୁ ରାଜନୈତିକ ଓ ପ୍ରଶାସନିକ ସହଯୋଗ ନାହିଁ । ଜିଲାରେ ମେଡିକାଲ କଲେଜ, ସହରରେ ସିଟି ହସ୍ପିଟାଲ, ଗ୍ରାମାଞ୍ଚଳର ଅର୍ଥନୀତି ପାଇଁ କୃଷିଭିତ୍ତିକ ଶିଳ୍ପ ଆଦି ଦାବିକୁ ଅଣଦେଖା କରାଯାଉଛି । ଏପରି ସମସ୍ୟାଗୁଡ଼ିକ ଆଗକୁ ଆଣି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ଗତ ମାସେ ପୂର୍ବରୁ ମାଟି ପାଇଁ ଜେଲ ଚାଲ ଆହ୍ୱାନ ଦେଇଥିଲେ।। ସୋମବାର ଏହି ଆନ୍ଦୋଳନ ଅନୁଷ୍ଠିତ ହେବା ସହିତ ନିଜର ଶକ୍ତି ପ୍ରଦର୍ଶନ ସେ କରିଛନ୍ତି । ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି । ଆଇନ ଅମାନ୍ୟ କରିଥିବା ଶତାଧିକ ନେତା ଓ କର୍ମୀଙ୍କୁ ଜିଲା ପୋଲିସର ୩ଟି ବସରେ ଗିରଫ କରାଯାଇ ଏସ୍‌ପି କାର୍ଯ୍ୟାଳୟ ପରିସରରେ ବ୍ୟବସ୍ଥିତ ଅସ୍ଥାୟୀ ଜେଲରେ ରଖାଯିବା ସହ ପ୍ରାୟ ଘଣ୍ଟାଏ ପରେ ଛାଡ଼ିଦିଆଯାଇଥିଲା । କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା ।

ବରିଷ୍ଠ ନେତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ଆଡହକ ଜିଲା ସଭାପତି ଲୋକନାଥ ମହାରଥୀ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହେରା, ଯୁବନେତା ରତିକାନ୍ତ କାନୁନ୍‌ଗୋ, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ ସଭାପତି ଚିତ୍ରସେନ ପରିଡା, ଇଂ.ସିଦ୍ଧାର୍ଥସ୍ୱରୂପ ଦାସ ପ୍ରମୁଖ ସାମିଲ ହୋଇଥିଲେ । ସେମାନେ ଦର୍ଶାଇଥିଲେଯେ ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲାର ପ୍ରଗତି ପ୍ରତି ସମ୍ବେଦନଶୀଳ କହୁଛନ୍ତି । ମାତ୍ର ଗତ ୨୪ ବର୍ଷ ମଧ୍ୟରେ ପ୍ରଗତିର ରଥ ବନ୍ଦ ହୋଇଛି । କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜର ଆବଶ୍ୟକତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି । ସେହିପରି ସହର ମଧ୍ୟରେ ସିଟି ହସ୍ପିଟାଲ ପାଇଁ ଦୀର୍ଘ ୫୪ ଦିନ ଧରି ଗଣଧାରଣା ସହ ଆନ୍ଦୋଳନ ହୋଇଛି । କଂଗ୍ରେସ ପକ୍ଷରୁ ଯାତ୍ରୀବାହୀ ରେଳ ଚଳାଚଳ, କୃଷିଭିତ୍ତିକ ଶିଳ୍ପ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦବୀ ପୂରଣ ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଦକ୍ଷତା ବିକାଶ, ମହିଳା ସ୍ୱାବଲମ୍ବୀ ଆଦି ପ୍ରସଙ୍ଗକୁ ଆନ୍ଦୋଳନ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହାସତ୍ତ୍ୱେ ଜିଲାବାସୀ ସୁଫଳ ପାଉନାହାନ୍ତି । କେନ୍ଦ୍ରାପଡ଼ା ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସ୍ୱର ବିଧାନସଭା ଓ ସଂସଦରେ ଉଠୁନାହିଁ । ଏଥିପାଇଁ ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରୁ ବରିଷ୍ଠ ନେତା ଗଣେଶ୍ୱରଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ହିଫଜୁର ରହେମାନ, ପାରାୟଣ ପରିଡ଼ା, ରତିକାନ୍ତ ସାମଲ, ପରଭେଜ ଅଖତର, ମୁସି ସରକାର ପ୍ରମୁଖ ନେତୃତ୍ୱ ନେଇଥିଲେ । ଅପରପକ୍ଷେ ଜିଲା କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତିଙ୍କ ପ୍ରଭାବ କଂଗ୍ରେସ ସଙ୍ଗଠନ ଉପରେ ପଡିନଥିବା ରାଜନୈତିକ ଆଲୋଚନା ଆରମ୍ଭ ହୋଇଛି ।

# ବିଜେଡି ସମ୍ପାଦିକାଙ୍କ ମହିଳା ସମାବେଶ



ସମାବେଶରେ ଯୋଗଦେଇଥିବା ମନୋରମା ଆଚାର୍ଯ୍ୟ ଓ ଅନ୍ୟ ମହିଳାମାନେ ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୭।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଲାଣି । ଆଗକୁ ସଧାରଣ ନିର୍ବାଚନ ଆସୁଥିବାରୁ ବିଜେଡିର ଟିକେଟ ଆଶାୟୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧିପାଇଛି । ଏହିକ୍ରମରେ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ମନୋରମା ଆଚାର୍ଯ୍ୟ ମଙ୍ଗଳବାର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରେ ମହିଳାମାନଙ୍କୁ ନେଇ ଏକ ସମାବେଶ କରିଛନ୍ତି । ଏଥିରେ ସେ ନବୀନ ସରକାରଙ୍କ ଲୋକାଭିମୁଖୀ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି । ବାଲିଚନ୍ଦ୍ରପୁର ଜାତୀୟ ରାଜପଥ ନିକଟ ମା'ତାରିଣୀ ମନ୍ଦିର ସମ୍ମୁଖରେ ବହୁ ସଂଖ୍ୟାରେ ମହିଳା ଏକାଠି ହୋଇ ରାଲି କରିବା ସହ ବାଲିଚନ୍ଦ୍ରପୁର ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ରାଲି ବଜାର ପରିକ୍ରମା କରି ରବୀନ୍ଦ୍ର ମଣ୍ଡପ ପରିସରରେ ପହଞ୍ଚିଥିଲା । ସେଠାରେ ମନୋରମା ମହିଳାଙ୍କ ଉଦ୍ଦେଶ୍ୟରେ ନବୀନ ସରକାରଙ୍କ ପ୍ରଶଂସା କରି ଅଭିଭାଷଣ ରଖିଥିଲେ । ନାରୀନେତ୍ରୀ ମାମୁନି ରାୟ, ସୁରେଖା ମଲ୍ଲିକ, ସୁମିତ୍ରା ଦାସ, ରୀନାରାଣୀ ବାରିକ, ଲକ୍ଷ୍ମୀପ୍ରିୟା ଲେଙ୍କା, ବର୍ଷାରାଣୀ ସିଂହ, ପ୍ରାକ୍ତନ ସରପଞ୍ଚ ମନୋଜ ରାୟ, ଅକ୍ଷୟ ସାହୁ, ଅଜୟ ବଳ, ପ୍ରଭାସ ଜେନା, ଦେବପ୍ରକାଶ ବିଶ୍ୱାଳ, ସଚିତ୍ର ମହାନ୍ତି, ରଞ୍ଜନ ସିଂହ ଓ କାଳବିନି ସାମଲ ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ରାଲିରେ ସାମିଲ ହୋଇଥିଲେ । ଏଥିରେ ମନୋରମା କୌଣସି ଦଳୀୟ ପତାକା ବ୍ୟବହାର କରି ନ ଥିଲେ । ଗତ ୧୮ ତାରିଖରେ ମଧ ସେ ଚଣ୍ଡିଖୋଲ ଛକରୁ ଏକ ମୋଟର ସାଇକେଲ ରାଲି କରି ଛତିଆ ପର୍ଯ୍ୟନ୍ତ ଯାଇ ଶକ୍ତି ପ୍ରଦର୍ଶନ କରିଥିଲେ । ଆଗାମୀ ଦିନରେ ବିଜୁ ଜନତା ଦଳରୁ ଟିକେଟ ପାଇଲେ ସେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ବୋଲି ପ୍ରକାଶ କରିଥିଲେ ।

# ୩ ବର୍ଷର ପୁଅକୁ ମାରି ବାପାଙ୍କ ଆତ୍ମହତ୍ୟା

କାଳିଆପାଣି,୨୭।୨(ଅସିତ ମହାନ୍ତ):

## ପାରିବାରିକ କଳହ ଯୋଗୁ ରଶି ଲଗାଇ ଗଛରେ ଝୁଲି ପଡ଼ିଲେ

ପାରିବାରିକ କଳହକୁ ନେଇ ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଟିକରପଡ଼ା ଗାଁରେ ଏକ ଦୁଃଖଦ ଘଟଣା ଘଟିଛି । ଜଣେ ବ୍ୟକ୍ତି ତାଙ୍କ ୩ ବର୍ଷର ପୁଅକୁ ମାରି ଗଛରେ ଟଙ୍ଗାଇ ଦେବାପରେ ସେହି ଗଛରେ ନିଜେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଢେଙ୍କାନାଳ ଜିଲା ବିରାଶାଳ ଗାଁର ଶ୍ରୀରାମ ମୁଣ୍ଡା(୨୪) ଓ ତାଙ୍କ ପୁଅ ମଙ୍ଗଳ ମୁଣ୍ଡା ।

ଶ୍ରୀରାମ ଟିକରପଡ଼ା ଗାଁର ମୁକ୍ତା ମୁଣ୍ଡାଙ୍କୁ ପ୍ରେମ ବିବାହ କରିଥିଲେ । ୮ ଦିନ ପୂର୍ବେ ଦମ୍ପତି ପୁଅକୁ ନେଇ ଟିକରପଡ଼ା ଆସିଥିଲେ । ୨୬ ତାରିଖରେ ଶ୍ରୀରାମ ତାଙ୍କ ସ୍ତ୍ରୀଙ୍କୁ ବିରାଶାଳ ଗାଁକୁ ଯିବା ପାଇଁ କହିଥିଲେ । ହେଲେ ସ୍ତ୍ରୀ ମୁକ୍ତା ଯିବାକୁ ରାଜି ହୋଇ ନ ଥିଲେ । ତେଣୁ ପୁଅକୁ ନେଇ ଶ୍ରୀରାମ ଶଶୁର ଘରୁ ବାହାରି ଆସିଥିଲେ । ସନ୍ଧ୍ୟାରେ ସ୍ତ୍ରୀ ଶ୍ରୀରାମଙ୍କୁ ଯୋଗାଯୋଗ କରି ବିଫଳ ହେବା ପରେ ପରିବାର ଓ ବନ୍ଧୁ ଘରକୁ ଖବର ଦେଇଥିଲେ । ହେଲେ ପାଇ ନ ଥିଲେ । ମଙ୍ଗଳବାର ଅପରାହ୍ଣ ୩ଟାରେ ଏକ ଗଛରେ ବାପପୁଅ ଝୁଲୁଥିବା ଜାଣିବାକୁ ପାଇଥିଲେ । ଖବର ପାଇ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟସ ଟପ୍ପୋ ଓ ସୁକିନ୍ଦା ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା ପହଞ୍ଚିଥିଲେ । ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୩୯/୨୪ ରୁଜୁ ହୋଇଛି । ଘଟଣାର ଅଧିକ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଅଭିଯୁକ୍ତ ବିକ୍ରମଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

ବାଲିକୁଦା,୨୭।୨(ତାପସ ସ୍ୱାଇଁ)

## ଓଗରପୁର ମହିଳାଙ୍କୁ ହତ୍ୟା ଘଟଣା

ବାଲିକୁଦା ଥାନା ଓଗରପୁର ଗାଁର ସ୍ୱର୍ଗତ ଅର୍ଜୁନ ବିଶ୍ୱାଳଙ୍କ ଦ୍ୱିତୀୟ ପତ୍ନୀ ମାନିଆଙ୍କୁ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ବିକ୍ରମ ଓରଫ ବୁଲା(୩୬) ଅତି ବୀଭତ୍ସ ଭାବେ ହତ୍ୟା କରି ବାଡ଼ି ପୋଖରୀକୁ ଫିଙ୍ଗି ଦେଇଥିଲେ । ଏ ସମ୍ପର୍କରେ ଅଭିଯୋଗ ପରେ ପୋଲିସ ହତ୍ୟାକାରୀ ତଥା ମୁଖ୍ୟ ଅଭିଯୁକ୍ତ ବୁଲାଙ୍କୁ ସୋମବାର କୋର୍ଟ ଚାଲାଣ କରିଥିବା ବେଳେ ମଙ୍ଗଳବାର ପୁଣି ତାଙ୍କୁ ରିମାଣ୍ଡରେ ଆଣିଛି । ବୁଲା ଚାକିରି କରୁଥିବା ଚେନ୍ନାଇକୁ ଯାଇ ପୋଲିସ ସେଠାରେ ଅଧିକ ତଦନ୍ତ କରିବ ବୋଲି ଜାଣିବାକୁ ମିଳିଛି । ଚେନ୍ନାଇରେ ବୁଲା କୌଣସି ଏକ କମ୍ପାନୀରେ କାମ କରୁଥିଲେ । ତାଙ୍କ ସେହି ପଛ ମା'ଙ୍କ ପୁଅ ରାକେଶ ଓରଫ ସିଲୁ ଯିଏ କି ବୁଲାଙ୍କ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ୧୦ ଦିନ ହେବ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ରହିଛନ୍ତି । ସେ ମଧ ଚେନ୍ନାଇରେ କାର୍ଯ୍ୟରତ ଥିଲେ । ଘର ଛାତ ପକାଇବାକୁ ସେ ସେଠାରୁ ଘରକୁ ଆସିଥିଲେ । ଭାଇ ବୁଲା ମଧ ତାକୁ ଫଲୋ କରି ଚେନ୍ନାଇରୁ ଆସି ଏଭଳି ଘଟଣା ଘଟାଇ ଥିଲେ । ବୁଲା ମା' ମାନିଆଙ୍କୁ ହତ୍ୟା କରିଥିବା ବେଳେ ଭାଇ ସିଲୁ ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ଓରଫ ଟିକିନାଙ୍କୁ ମଧ ଅତି ବୀଭତ୍ସ ଭାବେ ଆକ୍ରମଣ କରି ଗୁରୁତର କରିଥିଲେ । ବୁଲାଙ୍କୁ ରିମାଣ୍ଡରେ ଆଣିବା ପରେ ପୋଲିସ ତା'କାମରେ ଲାଗି ପଡ଼ିଛି । ବୁଲାଙ୍କୁ ନେଇ ମଙ୍ଗଳବାର ପୁଣି ସେହି ସବୁ ସ୍ଥାନ ଯଥା ମଈଁଷିଗୋଠ, ଘଟଣାସ୍ଥଳ, ପୋଖରୀ କୂଳ, ମୁଗ କିଆରି ଆଦିକୁ ଯାଇ ପୁଣି ଛାନଭିନ ଆରମ୍ଭ କରିଛି । ଏବେ ବୁଲା ଆସିଥିବା ବା ଘଟଣା ପରେ ଯାଇଥିବା ବାଇକ୍ ଏବଂ ହତ୍ୟାରେ ବ୍ୟବହାର କରିଥିବା ମାରଣାସ୍ତ୍ର ସମ୍ପର୍କରେ ପୋଲିସ ଜାଣିବାକୁ ନେଇ ତନାଘନା ଚଳାଇବ । ଅଭିଯୁକ୍ତ ବ୍ୟବହାର କରିଥିବା ସେହି ବାଇକ୍ ଓ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର କେଉଁଠି ଲୁଚାଇ ରଖିଛି ତାକୁ ନେଇ ଏବେ ବି ସସ୍‌ପେନ୍ସ ରହିଛି ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଶୁଭଶ୍ରୀ



@ ଭବାନୀ



@ ଦୁଃଶାସନ



@ ହୃଷୀକେଶ



@ ନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# କୋର୍ଟରେ ପିଟିଶନ ଫାଇଲ କଲେ ସୋମାଳିକା

ଜଗତ୍‌ସିଂହପୁର, ୨୭।୨ (ପ୍ରମୋଦ କୁମାର ନାୟକ)

## ବିଧାୟକ ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା

■ ପୋଲିସ ରିପୋର୍ଟକୁ ଚ୍ୟାଲେଞ୍ଜ



ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ପ୍ରତିଶ୍ରୁତି ମାମଲା ତୁଟିବା ତ ଦୂରର କଥା ବରଂ ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି । ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଳିକା ଦାଶ (୨୯) ଏକାଧିକ ସଙ୍ଗିନ ଅଭିଯୋଗ କରିଥିଲେ । ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ନୀରବ ରହିବାରୁ ସେ ହାଇକୋର୍ଟରେ ଆଶ୍ରୟ ନେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୋମାଳିକା ପୁନଃ ଅଭିଯୋଗ କଲା ପରେ ମାମଲା ରୁଜୁ ସହ ତଦନ୍ତ ହୋଇଥିଲା । ଏପରି କି ପୋଲିସ ସୋମାଳିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରିଥିଲା । ସେଠାରେ ତାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା । ଏଥିସହ ରକ୍ତ ଓ ଅନ୍ୟ ନମୁନା ସଂଗ୍ରହ କରାଯାଇଥିବା ପୋଲିସ ପକ୍ଷରୁ ସେତେବେଳେ କୁହାଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ପୋଲିସ ବିନା ତଦନ୍ତରେ ମିଷ୍ଟେକ ଅଫ ଫ୍ୟାକ୍ଟ କରି ମାମଲାକୁ ମିଥ୍ୟା ପ୍ରମାଣିତ ପାଇଁ ଉଦ୍ୟମ କରିଛି । ଏଭଳି ଅଭିଯୋଗ କରି ସୋମାଳିକା ଜଗତ୍‌ସିଂହପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପ୍ରୋଟେଷ୍ଟ ପିଟିଶନ୍ ଫାଇଲ କରିଥିବା ତାଙ୍କ ଓକିଲ ଅମୀୟ କୁମାର ମହାପାତ୍ର କହିଛନ୍ତି । ସେ ଏକଥା ମଧ କହିଛନ୍ତି ବିଜୟଶଙ୍କର ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ସୋମାଳିକା ପୂର୍ବରୁ ଜଗତ୍‌ସିଂହପୁର ଥାନାରେ ମାମଲା ଦରଜ କରିଥିଲେ । ଅଭିଯୋଗ ଥିଲା, ବିଜୟଶଙ୍କର ସେକ୍ସ ର୍‍ୟାକେଟ୍ ଚଳାଇ ଥିଲେ । ମିଥ୍ୟା ମାଟ୍ରିକ ସାର୍ଟିଫିକେଟ୍ ବ୍ୟବହାର କରିବା ସହ ବିବାହ ପ୍ରଲୋଭନ ଦେଖାଇ ସୋମାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ ଏହିସବୁ ଅଭିଯୋଗକୁ ପୋଲିସ ମିଥ୍ୟା ଦର୍ଶାଇଛି । ତେଣୁ ଏହାର ପ୍ରତିବାଦରେ ସୋମାଳିକାଙ୍କ ପକ୍ଷରୁ ସେ କୋର୍ଟରେ ମାମଲା ପରିଚାଳନା କରୁଛନ୍ତି । ପରବର୍ତ୍ତୀ ସମୟରେ ସାକ୍ଷୀମାନଙ୍କୁ କୋର୍ଟ ଏକ୍ସାମିନ କରି ପରବର୍ତ୍ତୀ ପଦକ୍ଷେପ ନେବ । ପୂର୍ବ ନୋଟିସ ଆଧାରରେ ସୋମାଳିକା ମଙ୍ଗଳବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇ ତାଙ୍କ ଜବାବ ରଖିଥିଲେ ବୋଲି ଓକିଲ ମହାପାତ୍ର କହିଛନ୍ତି ।

ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଧାୟକ ଦାସଙ୍କ ସହ ସୋମାଳିକାଙ୍କ ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା । ସୋମାଳିକା ନିଜେ ଏହାକୁ ଭାଇରାଲ କରି ଚର୍ଚ୍ଚାକୁ ଆସିଥିଲେ । ପରେ ସେମାନଙ୍କ ବିବାହ ନିଷ୍ପତ୍ତି ହୋଇଥିଲା । ୧୭।୫।୨୦୨୨ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ଉଭୟ ବିବାହ ପାଇଁ ଆବେଦନ କରିଥିଲେ । ଆବେଦନର ୩୦ ଦିନ ଭିତରେ କାହାର କିଛି ଆପତ୍ତି ଅଭିଯୋଗ ନ ଥିଲେ ୩୧ ଦିନରୁ ୯୦ ଦିନ ମଧ୍ୟରେ ଯେ କୌଣସି ସମୟରେ ଉଭୟ ବିବାହ କରିପାରିବେ ବୋଲି କୁହାଯାଇଥିଲା । କିନ୍ତୁ ଆବେଦନର ୩୧ ଦିନ ସୋମାଳିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ପହଞ୍ଚିଥିଲେ । ସକାଳୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବିଧାୟକ ଦାସଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ଫେରିଯାଇଥିଲେ । ପରେ ବିଧାୟକଙ୍କ ଚରିତ୍ରକୁ ନେଇ କଟୁ ସମାଲୋଚନା କରିଥିଲେ ।

# ସମ୍ପର୍କ ମୋତେ ଟାଣି ଆଣିଛି ମୋ ମାଟିର ମଣିଷଙ୍କ ପାଖକୁ

## ବିଜେଡିର ସାଧାରଣ ସଭା

କୁଜଙ୍ଗ,୨୭।୨ (ମନୋଜ ପ୍ରଧାନ)





ସଭାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ପ୍ରଭାତ ତ୍ରିପାଠୀ, ବିଧାୟକ ସମ୍ବିତ୍ ରାଉତରାୟ ଓ ଅନ୍ୟମାନେ ।

କୁଜଙ୍ଗର ମାଟି, ପାଣି, ପବନ ଓ ମାଟିର ମଣିଷମାନଙ୍କ ସହଯୋଗ, ସଦିଚ୍ଛା ଯୋଗୁ ୫୦ବର୍ଷ ଧରି ଓଡ଼ିଶା ରାଜନୀତିରେ ବା ସାଧାରଣ ଜୀବନରେ ରହି ଆସିଛି । ବୟସାଧିକ ଯୋଗୁ ପ୍ରତ୍ୟେକ୍ଷ ରାଜନିତୀରୁ ଦୁରେଇ ଯାଇଥିଲେ ବି ମୋ କୁଜଙ୍ଗ ମାଟିର ମଣିଷଙ୍କ ସ୍ନେହ ମମତା ଭୁଲି ପାରୁନାହିଁ । ଅସୁସ୍ଥତା ଯୋଗୁ ଚାଲିବୁଲି ପାରୁ ନ ଥିଲେ ବି ଏ ମାଟିର ମହକ ଆଜି ମୋ ଆତ୍ମୀୟମାନଙ୍କ ନିକଟକୁ ଟାଣି ଆଣିଛି ବୋଲି ଭାବ ବିହ୍ୱଳ କଣ୍ଠରେ ପୂର୍ବତନ ମନ୍ତ୍ରୀ ତଥା ବର୍ଷିୟାନ ରାଜନେତା ଡା. ଦାମୋଦର ରାଉତ ମଙ୍ଗଳବାର କୁଜଙ୍ଗ ବ୍ଲକ ପଡିଆଠାରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଖିଆଗରେ ରଖି ଅନୁଷ୍ଠିତ ବିଜେଡି ସାଧାରଣ ସଭାରେ ପ୍ରକାଶ କରିଥିଲେ । ସେ କୌଣସି ରାଜନୈତିକ ମତ ରଖି ନ ଥିଲେ ବି ନବୀନବାବୁ ସରକାର ରାଜ୍ୟର ପ୍ରତିଟି ମଣିଷର ସୁଖ ସମୃଦ୍ଧି ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ । ଏ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ଯେଉଁଯାକେ ଆଗେଇ ନେଇଥିଲି ତାକୁ ଆହୁରି ଆଗକୁ ନେବା ପାଇଁ ମୋ ବିଧାୟକ ପୁଅ ବାପି ନିଶ୍ଚୟ ସକ୍ଷମ ହେବ ବୋଲି ସେ କହିଥିଲେ । ଏହି ଅବସରରେ ବାପିଙ୍କ ପ୍ରତି ଆଶିର୍ବାଦ ରଖିବାକୁ ସେ ଉପସ୍ଥିତ ଜନ ସମୁଦ୍ରକୁ ନିବେଦନ କରିଥିଲେ । ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତା ତଥା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ । ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ତାଙ୍କର ୫ ବର୍ଷର ବିଧାୟକ କାର୍ଯ୍ୟକାଳ ମଧ୍ୟରେ ଅଞ୍ଚଳରେ ହୋଇଥିବା ବିକାଶର ଚିତ୍ର ଆଙ୍କିବା ସହ ନବୀନଙ୍କ ଯୋଗୁ ଏସବୁ ସାକାର ହୋଇଛି ବୋଲି ବିଧାୟକ ରାଉତରାୟ କହିଥିଲେ । ରୋଗ ଶଯ୍ୟାରେ ରହି ତାଙ୍କ ବାପା ଡାକ୍ତର ଦାମୋଦର କୁଜଙ୍ଗର ଜନସାଧାରଣଙ୍କ ସହ ଥିବା ୫୦ ବର୍ଷର ନିବିଡତାକୁ ଭୁଲି ପାରୁନାହାନ୍ତି । ଯାହାକୁ ଲୋକଙ୍କୁ ଦେଖିବା ପାଇଁ ବ୍ୟସ୍ତ କରିବାରୁ ମୁଁ ପୁଅ ହିସାବରେ ଆଜି ଆଣିଛି । ଏଥିରେ କୌଣସି ରାଜନୈତିକ ଅଭିସନ୍ଧି ନାହିଁ । ଆଜିର ସମାବେଶରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିବା ବେଳେ ଡାକ୍ତର ରାଉତଙ୍କୁ ବିରାଟ ପଟୁଆରରେ ବଜାର ପରିକ୍ରମା କରି ସଭାସ୍ଥଳକୁ ପାଛୋଟି ଆଣିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଡ. କୁଳମଣି ସାମଲ, ବିଜେଡି ନେତା ପ୍ରହ୍ଲାଦ ଚନ୍ଦ୍ର ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ ବେହେରା, ଦଳୀୟ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ପୂର୍ବତନ ସମିତି ସଭ୍ୟ କୈଳାସ ଚନ୍ଦ୍ର ଷଡଙ୍ଗୀ, ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିନରେ ଖନନ, ରାତିରେ ଚାଲାଣ

■ ଘରୋଇ ଜମିରେ ବେଆଇନ ମାଙ୍କଡ଼ା ଖଣି
■ ଧରପଗଡ଼ ନ ଥିବାରୁ ଅବାଧରେ ଚାଲିଛି ଖନନ
■ ରୋକି ପାରୁନି ଲୋକ ଦେଖାଣିଆ ଚଢ଼ାଉ

ନୟାଗଡ଼,୨୭ା୨(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ପଞ୍ଚାୟତର କୋମଣ୍ଡ, ଉଦୟପୁର ଓ ରୋହିବାଙ୍କ ପଞ୍ଚାୟତର ଭଗବତୀପ୍ରସାଦ ଅଞ୍ଚଳରେ ଅବାଧରେ ଚାଲିଛି ମାଙ୍କଡ଼ା ପଥର ଖନନ। ଏହି ବେଆଇନ ପଥର ଖଣି ଗୁଡିକରେ ଦିନରେ ଖନନ ଚାଲିଥିବାବେଳେ ରାତିରେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ଚାଲିଛି । ଓଡ଼ଗାଁ ଥାନା ସମ୍ମୁଖ ଦେଇ ନୟାଗଡ଼ ଓ ଓଡ଼ଗାଁ ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ଗଞ୍ଜାମ ଜିଲାକୁ ମଧ୍ୟ ଚୋରା ଚାଲାଣ ହେଉଛି । ତେବେ ଖଣି ବିଭାଗ, ପୋଲିସ ଓ ତହସିଲ କର୍ତ୍ତୃପକ୍ଷଙ୍କ ନୀରବତା ଖଣିଚୋରଙ୍କୁ ଲାଭବାନ କରିଚାଲିଛି। ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଲୋକଦେଖାଣିଆ ଚଢ଼ାଉ ଚୋରା ଚାଲାଣକୁ ରୋକିପାରେନା ବୋଲି ଅଭିଯୋଗ ରହିଛି । ଅନ୍ୟପକ୍ଷେ ଚଢ଼ାଉ ସମୟରେ ଧରାପଡୁଥିବା ଯାନଠାରୁ ଫାଇନ୍ ଓ ରୟାଲିଟି ଆଦାୟ କରାଯାଏ। ତେବେ ଏଥିପ୍ରତି ପଥର ଚୋରଙ୍କ ଭୟ ନ ଥାଏ ।

କୋମଣ୍ଡ, ଉଦୟପୁର, ଭଗବତୀପ୍ରସାଦ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡାପଥର ଖନନ ଚାଲିଛି । ସରକାରୀ ଜମିରେ ବଡ଼ ବଡ଼ ଗର୍ତ୍ତ ହୋଇ ସାରିଥିବାରୁ ପଥର ଚୋରମାନେ ଘରୋଇ ଜମିକୁ ନିଜ ଅକ୍ତିଆରକୁ ନେଇ ବ୍ୟବସାୟକୁ ଚାଲୁ ରଖିଛନ୍ତି । ଧିରେ ଧିରେ ଓଡ଼ଗାଁ ତହସିଲ ଅଞ୍ଚଳରେ ଘରୋଇ ଜମିରେ ମାଙ୍କଡ଼ା ଖଣି ବଢ଼ି ଚାଲିଛି । ବେଆଇନ ଖଣି ଖନନ ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଚଢ଼ାଉ ନାହିଁ । ସ୍ଥାନୀୟ ଅଞ୍ଚଳରେ ବଡ଼ ବଡ଼ ମାଙ୍କଡା ଖଣି ହେଉଥିବାବେଳେ ଏଗୁଡିକ ବାଲି ଫିଲିଂ କରାଯାଉନି, ଏହାଦ୍ୱାରା ଭୂକମ୍ପ ହେବାର ସମ୍ଭାବନା ରହିଛି । ପୁଣି ବଡ଼ ବଡ଼ ଗର୍ତ୍ତ ଯୋଗୁ ଏଥିରେ ଗୃହପାଳିତ ପଶୁ ପଡ଼ି ବିଭିନ୍ନ ସମୟରେ ପ୍ରାଣ ହରାଉଛନ୍ତି । ବେଳେ ବେଳେ ମଣିଷ ବି ପଡି ବି ମୃତ୍ୟୁ ମୁଖରେ ପଡୁଛନ୍ତି। ରାତିରେ ପଥର ଚାଲାଣ ଯୋଗୁ ଅନେକଙ୍କୁ ଏହା ଅସୁବିଧାରେ ପକାଏ। ଯେଉଁ ଜନବସତି ଅଞ୍ଚଳରେ ରାତିରେ ପଥର ପଡେ ଆଖପାଖ ଅଞ୍ଚଳର ଘର ଲୋକମାନେ ଶୋଇବା କଷ୍ଟ ହୋଇଥାଏ। ପଥର ଅନ୍‌ଲୋଡ ବେଳେ ଏହାର ଶବ୍ଦ ଶୋଇବାରେ ବାଧକ ସାଜେ । ହେଲେ ଅଭିଯୋଗକୁ କେହି ଶୁଣନ୍ତି ନାହିଁ ବୋଲି କୁହାଯାଉଛି । ଏନେଇ ଜଣେ ପଥର ବ୍ୟବସାୟୀ କୁହନ୍ତି, ବିନା ନିଲାମରେ କାମ କରୁଛୁ । ଏଥିପାଇଁ ଖର୍ଚ୍ଚ ଦେବାକୁ ପଡୁଛି। ଏଣୁ ଚଢ଼ାଉ ପୂର୍ବରୁ ଆଗୁଆ ସୂଚନା ମିଳିଯାଏ । ଆମେ ଚଢ଼ାଉ ସମୟରେ ଖଣି ଖନନ ଓ ମାଲ ପରିବହନ ବନ୍ଦ କରି ଦେଉ । ଯେଉଁମାନେ ମାସିକ ଚାନ୍ଦା ଦେଉ ନାହାନ୍ତି ଧରପଗଡ଼ରେ ଫସି ଯାଇଥାନ୍ତି। ପରେ ସେମାନେ ମଧ୍ୟ ମାସିକିଆ କୋଟା ଦେଇ ଆମ ସହ ସାମିଲ ହୋଇଯାନ୍ତି । ଆମକୁ ଧରାଇବା ଏତେ ସହଜ ନୁହେଁ । ପ୍ରଶାସନ, ଲୋକ ପ୍ରତିନିଧି, କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ଆଶୀର୍ବାଦ କାରଣରୁ ଆମେ ନିରାପଦରେ ଅଛୁ। ବେଳେବେଳେ ଅଭିଯୋଗକାରୀଙ୍କୁ ଧମକଚମକ ଓ ହାତଗୁଞ୍ଜା ଦେଇ ମୁହଁ ବନ୍ଦ କରିଦିଆଯାଏ । ଅନ୍ୟ ଜଣେ ପଥର ବ୍ୟବସାୟୀଙ୍କ ସୂଚନା ଅନୁସାରେ ଓଡ଼ଗାଁ ତହସିଲ ଅଞ୍ଚଳରେ ଘରୋଇ ଜମିରେ ମାଙ୍କଡା ପଥର ଓ ମୋରମ ଖନନ ହେଉଛି । ଘରୋଇ ଜମିରେ ମୋରମ ଓ ପଥର ଖନନ ଯୋଗୁ ଟେନଶନ କମ୍। ଜମି ମାଲିକ କିଛି ଟଙ୍କା ପାଇ ଖୁସ୍ । ସରକାରୀ ଜମି ହୋଇ ନ ଥିବାରୁ ଚିନ୍ତା ନାହିଁ । ତେବେ ଏଥିପାଇଁ ନୀତିନିୟମକୁ ମାନିଲେ ଖଣି କାମ କରିବା ସମ୍ଭବ ହେବ ନାହିଁ ବୋଲି କହିଛନ୍ତି ।

# ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର କାମ ଅଭିଯୋଗ

ନୂଆଗାଁ,୨୭ା୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର କାମ ହେଉଥିବା ସୋମବାର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ବ୍ଲକ , ପଞ୍ଚାୟତ ତଥା ଗାଁରେ ଉନ୍ନୟନ ମୂଳକକାର୍ଯ୍ୟ କରିବା ପାଇଁ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି । ସେହି କାମ ଠିକ୍ ଭାବେ କରାଯାଉଛି କି ନାହିଁ ତା'ର ତଦାରଖ କରିବା ପାଇଁ ପ୍ରତି ପଞ୍ଚାୟତରେ ଯନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । କିନ୍ତୁ ଅନେକ ସ୍ଥାନରେ ଯନ୍ତ୍ରୀଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଠିକାଦାର ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି ।

ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନୂଆଗାଁ ବ୍ଲକର ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଅନୁଦାନ ଦେଇଛନ୍ତି। ସେହିକ୍ରମରେ ସିକ୍ରିଡା ପଞ୍ଚାୟତର କୃଷ୍ଣପ୍ରସାଦ ଗ୍ରାମରେ ଶିବ ମନ୍ଦିର ଭୋଗ ମଣ୍ଡପ, ଆଞ୍ଚଳିକ


ନିର୍ମାଣାଧୀନ ଏକ ପ୍ରକଳ୍ପ ।

ସାଂସ୍କୃତିକ ପୀଠ, ଶିବ ମନ୍ଦିର ପୁନରୁଦ୍ଧାର ଆଦି କାମ ପାଇଁ ଅନୁଦାନ ପ୍ରଦାନ କରାଯାଇଛି । ଉକ୍ତ ପ୍ରକଳ୍ପର ନିର୍ମାଣ ଚାଲିଥିଲେ ମଧ୍ୟ ଯନ୍ତ୍ରୀ କାମ ଦେଖିବା ପାଇଁ କୌଣସି ଦିନ ଯାଇ ନାହାନ୍ତି । ଫଳରେ ଠିକାଦାର ନିଜକୁ ସୁହାଇଲା ଭଳି ନିମ୍ନମାନର କାମ କରୁଥିବା ଅଭିଯୋଗ କରିଛନ୍ତି କୃଷ୍ଣପ୍ରସାଦବାସୀ । ସିକ୍ରିଡା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ମିଶ୍ର ବ୍ଲକ ପରିସରରେ ରହୁଥିଲେ ମଧ୍ୟ ଅସୁସ୍ଥ ଯୋଗୁ ଦୀର୍ଘ ବର୍ଷ ହେଲା ଘରେ ରହି ଚିକିତ୍ସାଧୀନ ଅଛନ୍ତି । ତେଣୁ ସେ ଦାୟିତ୍ୱ ନେଇଥିବା ପଞ୍ଚାୟତର ଫାଇଲ ଯନ୍ତ୍ରୀଙ୍କ ଘରକୁ ନେବାକୁ ପଡୁଛି । ତେଣୁ କୃଷ୍ଣପ୍ରସାଦ ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହୋଇଥିବା କାମଗୁଡିକର ତଦନ୍ତ କରି କାର୍ଯ୍ୟାଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କୃଷ୍ଣପ୍ରସାଦବାସୀ ଚେତାବନୀ ଦେଇଛନ୍ତି । ଏ ନେଇ କୃଷ୍ଣପ୍ରସାଦ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥାଇ ଏକ ଅଭିଯୋଗପତ୍ର ନୂଆଗାଁ ବିଡ଼ିଓ ବାସୁଦେବ ନାୟକଙ୍କୁ ପ୍ରଦାନ କରାଯାଇଛି । ଅଭିଯୋଗ ବାବଦରେ ମତାମତ ପାଇଁ ଯନ୍ତ୍ରୀ ମିଶ୍ରଙ୍କୁ ଫୋନ କରିବାରେ ସେ ଅସୁସ୍ଥ ଯୋଗୁ କଥା ହୋଇ ପାରିବେ ନାହିଁ ବୋଲି ତାଙ୍କ ଦାୟିତ୍ୱରେ ଥିବା ଜଣେ ବ୍ୟକ୍ତି କହିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ବିଡିଓ ନାୟକ ସୂଚନା ଦେଇଛନ୍ତି ।

# ୪୩୧ ଏସ୍‌ଏଚ୍‌ଜିକୁ ୩୦ଲକ୍ଷ ଟଙ୍କା ସୁଧ ଫେରସ୍ତ

ଗଣିଆ,୨୭ା୨(ସନ୍ତୋଷ କୁମାର ପ୍ରଧାନ)

ଓଡ଼ିଶା ସରକାରଙ୍କ ମହିଳା ସଶକ୍ତିକରଣ ବିଭାଗ ତଥା ଜୀବିକା ମିଶନ ତରଫରୁ ସୋମବାର ଗଣିଆ କଲ୍ୟାଣମଣ୍ଡପ ପରିସରରେ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରୁ ଋଣ ନେଇ ନିୟମିତ ଭାବେ ପରିଶୋଧ କରିଥିବା ବ୍ଲକର ୪୩୧ ଗୋଷ୍ଠୀକୁ ସୁଧ ଫେରସ୍ତ କରାଯାଇଛି । ଏଥିମଧ୍ୟରୁ ୫୦ ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ



କରାଯିବା ସହ ଚେକ୍ ଦ୍ୱାରା ସୁଧ ଫେରସ୍ତ କରାଯାଇଥିଲା । ସେହିପରି ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଆଭାସୀ ମାଧ୍ୟମରେ ଜଣାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା , ଜିଲା ପରିଷଦ ସଭ୍ୟ ନରେଶ ବେହେରା, ବିଡିଓ ଡମ୍ବରୁଧର ମଲିକ, ସିଡିପିଓ ଉଷାରାଣୀ ସାହୁ, ମିଶନ ଶକ୍ତି ବିପିସି ପ୍ରମୋଦ କୁମାର ବେହେରା, ଓଡ଼ିଶା ଜୀବିକା ମିଶନ ବିପିଏମ୍ କାଦମ୍ବିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ । ବ୍ଲକର ୫୦ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ତୈଳିକ ବୈଶ୍ୟ ସମାଜର ବାର୍ଷିକ ବୈଠକ

ଖଣ୍ଡପଡ଼ା,୨୭ା୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନବକ୍ରୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୮୬ ତମ ସାଧାରଣ ଅଧିବେଶନ ୨ଦିନ ବ୍ୟାପୀ ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ସକାଳ ୮ଟାରେ ଅଭ୍ୟର୍ଥନା କମିଟିର ସଭାପତି ନବ କିଶୋର ସାହୁଙ୍କ ଦ୍ୱାରା କୌଳିକ ପତାକା ଉତ୍ତୋଳନ ପୂର୍ବକ ବ୍ରାହ୍ମଣଙ୍କ ଦ୍ୱାରା ହୋମ ଓ ସୂର୍ଯ୍ୟ ଶତକ ପଠନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପୂର୍ବତନ ସଭାପତି ଶରତ କୁମାର ସାହୁଙ୍କ ଅଧକ୍ଷତାରେ ସର୍ବସମ୍ମତିକ୍ରମେ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ତ୍ରିନାଥ ସାହୁଙ୍କୁ ଚୟନ କରାଯାଇଥିବା ବେଳେ ଉପ ସଭାପତି- ବୈଷ୍ଣମ ଚରଣ ସାହୁ, ସମ୍ପାଦକ- ବନମାଳୀ ସାହୁ, କୋଷାଧକ୍ଷ-ଲକ୍ଷ୍ମୀଧର ସାହୁ, ସହ ସମ୍ପାଦକ ଜିତେନ୍ଦ୍ର ସାହୁ, ଅର୍ଥ ସମ୍ପାଦକ ସଂସାରୀ ସାହୁ, ସମୀକ୍ଷକ-ବସନ୍ତ କୁମାର ସାହୁ ଓ ଶିକ୍ଷା ସମ୍ପାଦକ ରାମଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଛି । ଏହି ଅବସରରେ ସ୍ଥାନୀୟ କୁନି କୁନି କଳାକାରମାନଙ୍କ ଦ୍ୱାରା 'ବୋଇତ ବନ୍ଦାଣ' କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସନ୍ଧ୍ୟାରେ ତୈଳିକ ବୈଶ୍ୟ ସମାଜର ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶିଖରପୁର ଗ୍ରାମ ପରିକ୍ରମା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜର କୃତୀ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଥିଲା । ଏହି ସଙ୍ଗଠନ ବନମାଳୀପୁର, କଣ୍ଟିଲୋ, ବାଇଗୁଣିଆ, ଖଳିସାହି ଓ ନୂଆପଡ଼ା ଆଦି ୫ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ନବ କିଶୋର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶୁଭଶ୍ରୀ


@ ଭବାନୀ


@ ଦୁଃଶାସନ


@ ହୃଷୀକେଶ


@ ନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋଟର ଯାନ ଆଇନ, କ୍ଷତିପୂରଣ ସମ୍ପର୍କୀୟ ଆଲୋଚନାଚକ୍ର



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ।

ଓଡ଼ଗାଁ, ୨୭ା୨(ଆଦର୍ଶ କୁମାର ପଟ୍ଟନାୟକ)

## ଓଡ଼ଗାଁରେ ଆଇନ ସଚେତନତା ଶିବିର

ନୟାଗଡ ଜିଲା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ଏକ ଘରୋଇ ମହାବିଦ୍ୟାଳୟଠାରେ ଓଡ଼ଗାଁ ଅଦାଲତର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅତିରିକ୍ତ ଜିଲା ଓ ଦୌରା ଜଜ ମାନସ ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଦେୱାନୀ ବିଚାରପତି ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଓଡ଼ଗାଁ ହରମୋହନ ଦାସ, ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟ ଓଡ଼ଗାଁ ମିସ ସୌମ୍ୟାଶ୍ରୀ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଡ଼ିସିନାଲ ପି.ପି. ଇନ୍ଦୁଭୂଷଣ ମିଶ୍ର, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପାତ୍ର, ରାଧାକୃଷ୍ଣ ମହାପାତ୍ର, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, କଲେଜ ଅଧକ୍ଷ ସୁନୀଲ କୁମାର ମହାପାତ୍ର ଏବଂ ଯୁକ୍ତ ୨ ଅଧକ୍ଷ ସୁରେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେମାନେ ସଡକ ସୁରକ୍ଷା, ମୋଟର ଯାନ ଆଇନ, ମୋଟରଯାନ ଜନିତ ଦୁର୍ଘଟଣା, କ୍ଷତିପୂରଣ ପାଇଁ ଟ୍ରିବ୍ୟୁନାଲ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ମଦ୍ୟପାନ କିମ୍ବା ନିଶା ସେବନ କରି ଗାଡ଼ି ଚାଳନା କିମ୍ବା ନାବାଳକଙ୍କ ଦ୍ୱାରା ଗାଡି ଚାଳନା ଯୋଗୁ ଦୁର୍ଘଟଣା ହାର ବୃଦ୍ଧି ପାଇବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ବିଚାରପତିମାନେ ସେମାନଙ୍କର ମତ ରଖିଥିଲେ। ଗାଡି ଚାଳନା ସମୟରେ ଗାଡିର ଫିଟନେସ ପ୍ରମାଣପତ୍ର ସହ ଡ୍ରାଇଭିଂ ଲାଇସେନ୍ସ, ଇନ୍ସୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ ଏବଂ ସମସ୍ତ ଗାଡିର କାଗଜପତ୍ର ଅପଡେଟ ରଖିବାକୁ ତାଗିଦ କରିଥିଲେ। ମହାବିଦ୍ୟାଳୟର ୭୦ଜଣ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଏବଂ କଲେଜ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିକାଶ ପୁସ୍ତିକା ବଖାଣୁଛି ପାରାଢ଼ିପି ପଞ୍ଚାୟତ ଦୁର୍ନୀତି

ନୂଆଗାଁ,୨୭ା୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଢିପି ପଞ୍ଚାୟତରେ ଜଣେ ଛେଳି ପାଳକଙ୍କୁ ଋଣ ନ ଦେଇ ତାଙ୍କୁ ଋଣ ସହାୟତା ଦିଆଯାଇଥିବା ପଞ୍ଚାୟତ ବିକାଶ ପୁସ୍ତିକାରେ ଉଲ୍ଲେଖ କରାଯାଇଛି। ଏଥି ସହ ଗୋଟିଏ ଫଟୋ ମଧ୍ୟ ସେଥିରେ ସ୍ଥାନିତ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ଦିଆଯିବାର ବର୍ଷେ ବିତି ଯାଇଥିଲେ ବି ଅଦ୍ୟାବଧି ଜମି ଦିଆ ନ ଯିବାରୁ ଆବାସ ଯୋଜନାରୁ ବାଦ୍ ପଡିଥିଲେ ମଧ୍ୟ ହିତାଧିକାରୀ ଖୁସିଥିବା ଲେଖାଯାଇଛି । ଏପରି ମିଥ୍ୟା ତଥ୍ୟ ସ୍ଥାନିତ କରାଯାଇଥିବା ବିକାଶ ପୁସ୍ତିକା ପାରାଢିପି ପଞ୍ଚାୟତର ଦୁର୍ନୀତିକୁ ପଦାରେ ପକାଇଛି ।

ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତର ବିକାଶକୁ ଲୋକଙ୍କୁ ଜଣାଇବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଛପା ଯାଇଛି । ସେଥିରେ ସରକାରଙ୍କ ରାଜ୍ୟସ୍ତରୀୟ ବିକାଶ , ଜିଲାର ବିକାଶ , ବ୍ଲକର ବିକାଶ ଓ ପଞ୍ଚାୟତର ବିକାଶମୂଳକ


ଗୋରୁ ଗୁହାଳ ଆଗରେ ଅଭିଯୋଗକାରିଣୀ ମାଳତୀ ସାହୁ ।

କାର୍ଯ୍ୟର ବିବରଣୀ ସହ ଫଟୋ ମଧ୍ୟ ସ୍ଥାନିତ କରାଯାଇଛି । ପାରାଢିପି ପଞ୍ଚାୟତର ବିକାଶ ପୁସ୍ତିକାର ସାଇବାବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ସହାୟତା ସ୍ତମ୍ଭରେ ଲେଖା ଯାଇଛି ଆମ୍ଭେ ମାଳତୀ ସାହୁ ଗ୍ରାମ ଥୁଆବାରି ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ସହାୟତା ନେଇ ଛେଳି ଚାଷ କରି ଖୁବ୍ ଲାଭବାନ୍ ହୋଇଛୁ । ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ ।

■ ଛେଳି ଋଣ ମିଳିନି, ଦିଆଯାଇଥିବା ଉଲ୍ଲେଖ
■ ବସୁନ୍ଧରା ଯୋଜନାରେ ମିଳିଲା ପଟ୍ଟା,ଜମି ମିଳିଲାନି

ଉକ୍ତ ସ୍ତମ୍ଭରେ ସ୍ଥାନିତ ଫଟୋରେ ଥିବା ମାଳତୀ ସାହୁଙ୍କ ଅଭିଯୋଗ ମୁତାବକ ସେ ନିଜସ୍ୱ ପ୍ରଚେଷ୍ଟାରେ ନିଜ ଅର୍ଥରେ ଦୀର୍ଘ ବର୍ଷ ହେଲା ପ୍ରାୟ ୧ଶହ ଛେଳି ଓ ୧୫ ଗାଈ ରଖିଛନ୍ତି । ତାଙ୍କୁ କେବେ କୌଣସି ସରକାରୀ ସହାୟତା କିମ୍ବା ଋଣ ଦିଆଯାଇ ନାହିଁ । ମାଳତୀ କେବେ କେଉଁଠାରୁ ଋଣ ନେଇ ନାହାନ୍ତି ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ମୁଁ ବୁଝିବା ପରେ ଜଣାଇବି ବୋଲି କହିଛନ୍ତି । ସେହିପରି ଅଭୟପୁର ଗ୍ରାମର ୫ ପରିବାରକୁ ବସୁନ୍ଧରା ଯୋଜନାରେ ଜମି ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ଜମି ଚିହ୍ନଟ କରାଯାଇନାହିଁ । ଯାହାଫଳରେ ହିତାଧିକାରୀମାନେ ସରକାରଙ୍କ ଆବାସ ଯୋଜନରୁ ବାଦ୍ ପଡି କଷ୍ଟରେ ଦିନ କାଟୁଥିବା କହିଛନ୍ତି । ତେବେ ଉକ୍ତ ବ୍ୟକ୍ତିଙ୍କ ମଧ୍ୟରୁ ସବିତା ନାୟକଙ୍କ ଫଟୋ ଦେଇ ସେ ଖୁସି ଥିବା ଉଲ୍ଲେଖ କରାଯାଇଛି । ମାଳତୀଙ୍କ ଋଣ ବାବଦରେ ପାରାଢିପି ପଞ୍ଚାୟତର ସିଆରପି ନଳିନୀ ଦାସ, ଏମ୍‌ବିକେ ବିଜୟଲକ୍ଷ୍ମୀ ସାହୁଙ୍କୁ ପଚାରିବାରେ ମାଳତୀ କେବେ ଛେଳି ଋଣ ନେଇନାହାନ୍ତି କିମ୍ବା ସ୍ଥାନିତ ଫଟୋ କିଏ ଦେଇଛି ତାହା ମଧ୍ୟ ଜାଣିନାହାନ୍ତି ବୋଲି କହିଛନ୍ତି । ମିଥ୍ୟା ତଥ୍ୟ ସ୍ଥାନିତ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏପରି ତ୍ରୁଟି ଠିକ୍ ନୁହେଁ । ଏ ବିଷୟରେ ବୁଝିବି ବୋଲି କହିଛନ୍ତି ।




## ସଂକ୍ଷେପରେ

### ଜୟପ୍ରଦା ଫେରାର ଘୋଷିତ



**ନୂଆଦିଲ୍ଲୀ,୨୭।୨:** ଅଭିନେତ୍ରୀ ତଥା ପୂର୍ବତନ ଏମ୍‌ପି ଜୟପ୍ରଦା ଦୁଇଟି ମାମଲାରେ ଶୁଣାଣି ପାଇଁ ହାଜର ନ ହେବାରୁ ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଫେରାର ଘୋଷଣା କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେତେବେଳେ ସେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ୭ ଥର ଜାମିନବିହୀନ ଗିରଫ ପରୱାନା ଜାରି ସତ୍ତ୍ୱେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ସ୍ୱତନ୍ତ୍ର ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି।

### ଦିଲ୍ଲୀ ଓ ହରିୟାଣାରେ ଲୋକ ସଭା ନିର୍ବାଚନ ପାଇଁ ଏଏପିର ପ୍ରାର୍ଥୀ ଘୋଷଣା

**ନୂଆଦିଲ୍ଲୀ, ୨୭।୨:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଆସନ୍ତା ଲୋକ ସଭା ନିର୍ବାଚନ ପାଇଁ ଦିଲ୍ଲୀର ୪ଟି ଆସନ ଓ ହରିୟାଣାର ଗୋଟିଏ ଆସନ ପାଇଁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା କରାଯାଇଛି। ନୂଆଦିଲ୍ଲୀ ଆସନରୁ ସୋମନାଥ ଭାରତୀ, ପୂର୍ବ ଦିଲ୍ଲୀ ଆସନରୁ କୁଳଦୀପ୍ କୁମାର, ଦକ୍ଷିଣ ଦିଲ୍ଲୀ ଆସନରୁ ସହିରାମ୍ ପହଲ୍‌ବାନ୍ ଏବଂ ପଶ୍ଚିମ ଦିଲ୍ଲୀ ଆସନରେ ମହାବଲ୍ ମିଶ୍ରାଙ୍କ ନାମରେ ଏଏପି ମୋହର ମାରିଛି । ନୂଆଦିଲ୍ଲୀ ଆସନରୁ ଦଳୀୟ ଟିକେଟ ପାଇଥିବା ସୋମନାଥ ଦିଲ୍ଲୀ ଜଳ ବୋର୍ଡର ଉପାଧ୍ୟକ୍ଷ ଥିବା ସହ ମାଳବୀୟ ନଗରରୁ ବିଧାୟକ ରହିଛନ୍ତି। ସେହିପରି ପୂର୍ବଦିଲ୍ଲୀ ଆସନରୁ ଏଏପି ପ୍ରାର୍ଥୀ ହୋଇଥିବା କୁଳଦୀପ୍, କୋଣ୍ଡଲୀରୁ ବିଧାୟକ ରହିଛନ୍ତି। ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସୁଶୀଳ ଗୁପ୍ତାଙ୍କୁ ହରିୟାଣାର କୁରୁକ୍ଷେତ୍ର ଆସନରୁ ଏଏପି ପ୍ରାର୍ଥୀ କରିଛି। ସୂଚନାଯୋଗ୍ୟ, ଆଗାମୀ ଲୋକ ସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଲ୍ଲୀରେ ଏଏପି ୪ଟି ଓ କଂଗ୍ରେସ ୩ଟି ସିଟ୍‌ରେ ଲଢ଼ିବାକୁ ନିଷ୍ପତ୍ତି ହୋଇଛି। ଏହାସହ ହରିୟାଣାରେ ଏଏପିକୁ ଗୋଟିଏ ଆସନ ଛାଡ଼ିବାକୁ କଂଗ୍ରେସ ରାଜି ହୋଇଛି।

# ଇଣ୍ଟରସେପ୍‌ଶନ ରେକର୍ଡ ନଷ୍ଟ କରିପାରିବେ ସରକାର

ନୂଆଦିଲ୍ଲୀ,୨୭।୨

କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀରେ ସଂଶୋଧନ କରିଛନ୍ତି। ଉକ୍ତ ସଂଶୋଧନ ଅନୁଯାୟୀ ସ୍ୱରାଷ୍ଟ୍ର ସଚିବ କିମ୍ବା କେନ୍ଦ୍ର ସରକାରରେ ଥିବା ଅନ୍ୟ ପଦାଧିକାରୀମାନେ ଇଣ୍ଟରସେପ୍‌ସନ (ଅବରୋଧନ)ର ଡିଜିଟାଲ ରେକର୍ଡଗୁଡ଼ିକୁ ନଷ୍ଟ କରିବା ପାଇଁ କିମ୍ବା ତଥ୍ୟ ଡିକ୍ରିପ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କ୍ଷମତା କେବଳ

## ଆଇଟି ନିୟମାବଳୀରେ ସଂଶୋଧନ

ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଭଳି ସୁରକ୍ଷା ଏଜେନ୍ସିଙ୍କ ହାତରେ ରହିଥିଲା। ନିୟମାବଳୀରେ ସଂଶୋଧନ ଫଳରେ ଡିଜିଟାଲ ତଥ୍ୟ ପ୍ରମାଣ ନଷ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାରେ କେନ୍ଦ୍ରର କ୍ଷମତା ବଢ଼ିବ। ସୋମବାର ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ଆଇଟି ମନ୍ତ୍ରଣାଳୟ କହିଛି, ସୂଚନା ପ୍ରଯୁକ୍ତି (ତଥ୍ୟର ଇଣ୍ଟରସେପ୍‌ସନ, ମନିଟରିଂ ଏବଂ ଡିକ୍ରିପ୍‌ଶନ ପଦ୍ଧତି ଓ ସୁରକ୍ଷା) ନିୟମାବଳୀ, ୨୦୦୯ର ଧାରା ୨୩ରେ ସଂଶୋଧନ କରାଯାଇଛି। ସେଥିରେ ଥିବା 'ସୁରକ୍ଷା ଏଜେନ୍ସି' ସ୍ଥାନରେ ' ଉପଯୁକ୍ତ କର୍ତ୍ତୃପକ୍ଷ ଏବଂ ସୁରକ୍ଷା ଏଜେନ୍ସି' ଲେଖାଯାଇଛି।

ଆଇଟି ଆଇନର ଧାରା ୨୩ ଅନୁଯାୟୀ, ଇଣ୍ଟରସେପ୍‌ସନ କିମ୍ବା ମନିଟରିଂ ବା ତଥ୍ୟର ଡିକ୍ରିପ୍‌ଶନ ପାଇଁ ନିର୍ଦ୍ଦେଶ ଏବଂ ଇଣ୍ଟରସେପ୍ଟ କିମ୍ବା ମନିଟର ଅଥବା ଡିକ୍ରିପ୍ଟ ହୋଇଥିବା ତଥ୍ୟ ଆଦି ଇଲେକ୍ଟ୍ରୋନିକ୍ ରେକର୍ଡ ସମେତ ସମସ୍ତ ରେକର୍ଡକୁ ପ୍ରତି ୬ ମାସରେ ସୁରକ୍ଷା ଏଜେନ୍ସି ଦ୍ୱାରା ନଷ୍ଟ କରାଯିବ। ତେବେ ଆବଶ୍ୟକ ଥିବା କିମ୍ବା କାର୍ଯ୍ୟାତ୍ମକ ଆବଶ୍ୟକତା ପାଇଁ ଦରକାର ହେବାର ସମ୍ଭାବନା ଥିବା ତଥ୍ୟଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ। ସୂଚନା ପ୍ରଯୁକ୍ତି ଅଧିନିୟମ,୨୦୦୦ର ସଂଶୋଧିତ ନିୟମାବଳୀ ଅନୁଯାୟୀ ସ୍ୱରାଷ୍ଟ୍ର ସଚିବ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବ ପ୍ରତି ୬ ମାସ ମଧ୍ୟରେ ଉପରୋକ୍ତ ସମସ୍ତ ରେକର୍ଡକୁ ନଷ୍ଟ କରିବା ପାଇଁ କ୍ଷମତା ପାଇଛନ୍ତି।



ଭାରତ ଗସ୍ତରେ ଆସିଥିବା ଫ୍ରାନ୍ସ ସେନାର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ପିଏରେ ଶ୍ଚିଲ୍‌ଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ବାହାରେ ଗାର୍ଡ ଅଫ୍ ଅନର ପ୍ରଦାନ ପୂର୍ବରୁ ଭାରତୀୟ ପ୍ରତିପକ୍ଷ ଜେନେରାଲ ମନୋଜ ପାଣ୍ଡେ କରମର୍ଦ୍ଦନ କରୁଛନ୍ତି।

# ଜଷ୍ଟିସ୍ ଖାନ୍‌ୱିଲକର ନୂଆ ଲୋକପାଳ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୭।୨



ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏ.ଏମ୍. ଖାନ୍‌ୱିଲକରଙ୍କୁ ମଙ୍ଗଳବାର ଲୋକପାଳର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପ୍ରାୟ ଦୁଇବର୍ଷ ହେଲା ଏହି ପଦ ଖାଲି ପଡ଼ିଥିଲା। ୨୦୨୨ ମେ' ୨୭ରେ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୌଣସି ନିୟମିତ ଅଧ୍ୟକ୍ଷ ବିନା ଲୋକପାଳ କାର୍ଯ୍ୟ କରୁଥିଲା। ଏହି ଦୁର୍ନୀତି ନିରାକରଣ ସଂସ୍ଥାର ନ୍ୟାୟିକ ସଦସ୍ୟ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି ଏବେ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ଜଷ୍ଟିସ୍ ଅଜୟ ମାନିକରାଓ ଖାନ୍‌ୱିଲକରଙ୍କୁ ଲୋକପାଳର ନୂଆ ଅଧ୍ୟକ୍ଷ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ୨୦୨୨ ଜୁଲାଇରେ ଜଷ୍ଟିସ୍ ଖାନ୍‌ୱିଲକର ସୁପ୍ରିମକୋର୍ଟରୁ ଅବସର ନେଇଥିଲେ। ଅବସରପ୍ରାପ୍ତ ବିଚାରପତି ଲିଙ୍ଗାପ୍ପା ନାରାୟଣ ସ୍ୱାମୀ, ସଞ୍ଜୟ ଯାଦବ ଏବଂ ଋତୁରାଜ ଅୱସ୍ଥି ଲୋକପାଳର ନ୍ୟାୟିକ ସଦସ୍ୟ ନିଯୁକ୍ତ ହୋଇଥିବାବେଳେ ଅଣନ୍ୟାୟିକ ସଦସ୍ୟ ଭାବେ ସୁଶୀଲ ଚନ୍ଦ୍ରା, ପଙ୍କଜ କୁମାର ଏବଂ ଅଜୟ ତିର୍କୀ ନିଯୁକ୍ତ ହୋଇଛନ୍ତି।

## ଗାଜାରେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ପ୍ରସ୍ତୁତ: ବାଇଡେନ୍

ଜେରୁଜେଲମ,୨୭।୨

ମୁସଲମାନଙ୍କ ପବିତ୍ର ମାସ ରମଦାନ ବେଳେ ଗାଜାରେ ହମାସ ବିରୋଧରେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଇଚ୍ଛା ପ୍ରକାଶ କରିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ତେବେ ଏଥିପାଇଁ ହମାସ ଆତଙ୍କବାଦୀଙ୍କ କବଳରେ ଥିବା ପଣବନ୍ଦୀମାନଙ୍କ ମୁକ୍ତି ନେଇ ଚୁକ୍ତି କରିବାକୁ ହେବ। ତେବେ ବାଇଡେନ୍‌ଙ୍କ ମନ୍ତବ୍ୟ ଉପରେ ଇସ୍ରାଏଲ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଯୁଦ୍ଧ ବନ୍ଦ ଲାଗି ଆମେରିକା, ଇଜିପ୍ଟ ଏବଂ କାତାର ମଧ୍ୟସ୍ଥତା କରୁଥିବାବେଳେ ୬ ସପ୍ତାହର ଯୁଦ୍ଧବିରତି ସହ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତି ବଦଳରେ ପଣବନ୍ଦୀଙ୍କୁ ଛାଡ଼ିଦେବାକୁ ଚୁକ୍ତିନାମା ପ୍ରସ୍ତୁତ ହେଉଛି। ଏହି ସମୟରେ ସମସ୍ତ ପଣବନ୍ଦୀଙ୍କ ମୁକ୍ତି ଲାଗି ଉଦ୍ୟମ ଜାରି ରହିବ ବୋଲି କୁହାଯାଉଛି।

## ପତଞ୍ଜଳିକୁ ଅଦାଲତ ଅବମାନନା ନୋଟିସ

ନୂଆଦିଲ୍ଲୀ,୨୭।୨

ଯୋଗଗୁରୁ ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ଏବଂ ଏହାର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି। ଉତ୍ପାଦଗୁଡ଼ିକ ଉପରେ ବିଭ୍ରାନ୍ତିକର ବିଜ୍ଞାପନ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ପତଞ୍ଜଳି ଏହାର ଅବମାନନା କରିଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉକ୍ତ ସଂସ୍ଥା ଏହାର ଔଷଧୀୟ ଉତ୍ପାଦ ଉପରେ ବିଜ୍ଞାପନ ଦେବାରୁ ବିରତ ରହିବାକୁ ଜଷ୍ଟିସ୍ ହିମା କୋହଲି ଏବଂ ଏ. ଅମନୁଲ୍ଲାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁଲ୍ ବିଜ୍ଞାପନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ଆଖି ବନ୍ଦ କରି ବସିଥିବା ଅଦାଲତ କହିଛନ୍ତି। ଏଲୋପାଥି ଔଷଧ ବିରୋଧରେ ଭୁଲ୍ ତଥ୍ୟ ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପତଞ୍ଜଳି ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲା। ବିଭ୍ରାନ୍ତିକର ବିଜ୍ଞାପନକୁ ବରଦାସ୍ତ କରାଯିବ ନାହିଁ ବୋଲି ଜଷ୍ଟିସ ଅମନୁଲ୍ଲା କହିଥିଲେ। ସୂଚନାଯୋଗ୍ୟ, କୋଭିଡ୍ ଟିକାକରଣ ବିରୋଧରେ ପତଞ୍ଜଳି ଗ୍ରୁପ୍ ମିଥ୍ୟା ପ୍ରଚାର ଚଳାଇଥିବା ନେଇ ଆଇଏମ୍‌ଏ ପିଟିଶନର ଶୁଣାଣି କରି ଗତବର୍ଷ ନଭେମ୍ବରରେ ସର୍ବୋଚ୍ଚ ଅଦାଲତ ବିଭ୍ରାନ୍ତିକର ବିଜ୍ଞାପନକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରସ୍ତାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଯୁଦ୍ଧକୁ ସମାଲୋଚନା କରିବାରୁ ରୁଷିଆ ମାନବାଧିକାର କର୍ମୀଙ୍କୁ ଜେଲ

ମସ୍କୋ,୨୭।୨

ୟୁକ୍ରେନ୍ ବିରୋଧରେ ଯୁଦ୍ଧକୁ ସମାଲୋଚନା କରିଥିବା ଜଣେ ବର୍ଷୀୟାନ ମାନବାଧିକାର ସପକ୍ଷବାଦୀଙ୍କୁ ମସ୍କୋର ଏକ ଅଦାଲତ ୩୦ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୭୦ ବର୍ଷୀୟ ଓଲେଗ ଓର୍ଲୋଭ ତାଙ୍କ ଲେଖା ମାଧ୍ୟମରେ ରୁଷୀୟ ସେନାକୁ ବାରମ୍ବାର ବଦନାମ କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ। ତେବେ ତାଙ୍କ ବିରୋଧରେ ମାମଲା ରାଜନୈତିକ ଉଦ୍ଦେଶ୍ୟମୂଳକ କହି ଓର୍ଲୋଭ ଏହାକୁ ଖଣ୍ଡନ କରିଥିଲେ। ତାଙ୍କୁ ସିଧାସଳଖ କୋର୍ଟରୁମ୍‌ରୁ ଜେଲକୁ ନିଆଯାଇଛି। ସୂଚନାଯୋଗ୍ୟ, ଓର୍ଲୋଭ ହେଉଛନ୍ତି ନୋବେଲ ଶାନ୍ତି



ଓଲେଗ ଓର୍ଲୋଭ

ପୁରସ୍କାର ବିଜୟୀ ମାନବାଧିକାରୀ ସଂଗଠନ ମେମୋରିଆଲ୍‌ର ସହ ଅଧ୍ୟକ୍ଷ। ସେ ରୁଷିଆ ସେନା ବିରୋଧରେ ଲେଖା ପ୍ରକାଶ କରିଥିଲେ। ଓର୍ଲୋଭଙ୍କୁ ଦଣ୍ଡବିଧାନ ରୁଷିଆରେ ମାନବାଧିକାର ଆନ୍ଦୋଳନର ସ୍ୱର ଚାପିଦେବା ପାଇଁ ଉଦ୍ୟମ ବୋଲି ମେମୋରିଆଲ କହିଛି।

# କୋଭିଡ୍ ଆକ୍ରାନ୍ତଙ୍କ ଫୁସ୍‌ଫୁସ୍ ସମସ୍ୟା ବଢ଼ିଛି

ନୂଆଦିଲ୍ଲୀ, ୨୭।୨ (ପି.ଟି.)

କୋଭିଡ୍ ଦ୍ୱାରା ଗମ୍ଭୀର ଭାବେ ଆକ୍ରାନ୍ତ ହୋଇଥିବା ଭାରତୀୟଙ୍କ ମଧ୍ୟରୁ ଅଧିକାଂଶଙ୍କର ଫୁସ୍‌ଫସ୍ ଜନିତ ସମସ୍ୟା ବଢ଼ିଛି, ଯାହା ଫଳରେ ସେମାନଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଉପୁଜୁଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି। ଭେଲ୍ଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜ ଦ୍ୱାରା ଏହି ଅଧ୍ୟୟନ କରାଯାଇଥିବାବେଳେ ଏଥିରେ କୋଭିଡ୍ ଦ୍ୱାରା ଗମ୍ଭୀର ଭାବେ ଆକ୍ରାନ୍ତ ହୋଇଥିବା ୨୦୭ ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାୟ ୨ ମାସରୁ ଅଧିକ ସମୟ ଧରି କରୋନାରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଏହି ଅଧ୍ୟୟନରେ



ସାମିଲ କରାଯାଇଥିଲା। କରୋନାରୁ ସୁସ୍ଥ ହୋଇଥିବା ଏହି ବ୍ୟକ୍ତିମାନଙ୍କ ଫୁସ୍‌ଫୁସ୍‌ର କାର୍ଯ୍ୟ କ୍ଷମତା ହ୍ରାସ ପାଇଥିବା ବେଳେ ସେମାନଙ୍କ ଜୀବନଶୈଳୀରେ ଯଥେଷ୍ଟ ଦୁର୍ବଳତା ପ୍ରଦର୍ଶିତ ହୋଇଥିବା ଏହି ଅଧ୍ୟୟନରୁ ଜଣା ପଡ଼ିଛି। ପରୀକ୍ଷା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ବ୍ୟକ୍ତି (୪୯.୩%) ଶ୍ୱାସକ୍ରିୟାରେ ଅସୁବିଧା ଭୋଗ କରୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ୨୭ ପ୍ରତିଶତ ବ୍ୟକ୍ତିଙ୍କ ନିକଟରେ କାଶର ଲକ୍ଷଣ ଥିବା ଏହି ଅଧ୍ୟୟନ କହିଛି। ପୂର୍ବରୁ କୋଭିଡ୍‌ରେ ଆକ୍ରାନ୍ତ ଥିବା ଅନ୍ୟ ଦେଶର ଜନସାଧାରଣଙ୍କ ତୁଳନାରେ ଭାରତୀୟଙ୍କ ଫୁସ୍‌ଫସ୍‌ର କାର୍ଯ୍ୟକ୍ଷମତା ଅଧିକ ହ୍ରାସ ପାଇଥିବା ନେଇ ସ୍ପଷ୍ଟ କରିଛନ୍ତି ଏହି ଅଧ୍ୟୟନର ମୁଖ୍ୟ ଗବେଷକ ତଥା ଖ୍ରୀଷ୍ଟିଆନ୍ ମେଡିକାଲ କଲେଜର ପ୍ରଫେସର ଡି.ଜେ. ଖ୍ରିଷ୍ଟୋଫର୍। ତେବେ ଏହାର କୌଣସି ସ୍ପଷ୍ଟ କାରଣ ଜଣା ପଡ଼ି ନ ଥିବା ବେଳେ ପୂର୍ବରୁ ଅନ୍ୟ କୌଣସି ରୋଗରେ ପୀଡ଼ିତ ରହି କୋଭିଡ୍‌ରେ ଆକ୍ରାନ୍ତ ହେବା ଦ୍ୱାରା ଏପରି ଘଟିଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ବିଭିନ୍ନ ରୋଗରେ ପୀଡ଼ିତ ହୋଇ କୋରୋନାରେ ଆକ୍ରାନ୍ତ ଥିବା ଭାରତୀୟଙ୍କ ସଂଖ୍ୟା ଅନ୍ୟ ଦେଶ ତୁଳନାରେ ଅଧିକ ରହିଥିବା ସେ ସୂଚନା ଦେଇଛନ୍ତି।

## ଫୁର୍‌ସତ୍

# ଆକାଶରେ ନିର୍ମିତ ଫୁଟ୍‌ବଲ ଗ୍ରାଉଣ୍ଡ

ୟୋଙ୍ଗ୍‌କାଙ୍ଗ୍(ଚାଇନା)

ବିଶ୍ୱରେ ଏପରି ଅନେକ ଦେଶ ରହିଛନ୍ତି, ଯେଉଁମାନେ ନିଜ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ସବୁବେଳେ କିଛି ନା କିଛି ନୂତନ ଏବଂ ବିଶେଷ ପ୍ରୟାସ କରିଥାନ୍ତି। ନିକଟରେ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହା ଦେଖି ଆଖିକୁ ବିଶ୍ୱାସ ମଧ୍ୟ ହେଉ ନାହିଁ। ଏହି ଭିଡିଓରେ ଏକ ବିସ୍ମୟକର ଫୁଟ୍‌ବଲ ଗ୍ରାଉଣ୍ଡ୍ ନିର୍ମାଣ ହୋଇଥିବା ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି। ଭାଇରାଲ ହେବାରେ ଲାଗିଥିବା ଏହି ଅବିଶ୍ୱସନୀୟ ଭିଡିଓ ଚାଇନାର ଝେଜିଆଙ୍ଗ୍ ପ୍ରଦେଶର ୟୋଙ୍ଗ୍‌କାଙ୍ଗ୍ ସହରର ହୋଇଥିବା ସୂଚନା ମିଳିଛି। ଭିଡିଓରେ ଏକ ଫୁଟ୍‌ବଲ



ଗ୍ରାଉଣ୍ଡ ଦେଖିବାକୁ ମିଳୁଛି, ଯାହା ଭୂମିରେ ନୁହେଁ, ବରଂ ବହୁ ଉଚ୍ଚରେ ଆକାଶରେ ନିର୍ମିତ ହୋଇଛି। ଭିଡିଓରୁ ଭଲ ଭାବେ ଜଣାପଡୁଛି ଯେ, ଏହି ଫୁଟ୍‌ବଲ ଗ୍ରାଉଣ୍ଡ ଭୂମିଠାରୁ ଯଥେଷ୍ଟ ଉଚ୍ଚରେ ଦୁଇଟି ପର୍ବତ ମଧ୍ୟରେ ଥିବା ଅବଶିଷ୍ଟ ସ୍ଥାନରେ ଏକ ନେଟ୍ ସାହାଯ୍ୟରେ ନିର୍ମିତ ହୋଇଛି। ଏହି ଆଶ୍ଚର୍ଯ୍ୟକର ଫୁଟ୍‌ବଲ ଗ୍ରାଉଣ୍ଡ୍‌ରେ କିଛି ଲୋକ ଆନନ୍ଦରେ ଖେଳୁଥିବା ମଧ୍ୟ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏହି ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ୟୁଜର୍ସମାନେ ଭିଡିଓକୁ ଦେଖି ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି । କିଛି ୟୁଜର୍ସ ଏଭଳି ଗ୍ରାଉଣ୍ଡରେ ଖେଳିବାକୁ ଭୟାବହ ଦର୍ଶାଇଛନ୍ତି। ଭୂମି ଠାରୁ ଅତ୍ୟଧିକ ଉଚ୍ଚାରେ ଥିବା ଏହି ଗ୍ରାଉଣ୍ଡରେ ଖେଳିବାକୁ ସାହସ ନ ଥିବା କହି ମଜାଳିଆ ଢଙ୍ଗରେ ଅନେକ ନିଜ ମତ ରଖିଛନ୍ତି। ସେହିପରି ନେଟ୍ ଦ୍ୱାରା ନିର୍ମିତ ଏହି ଗ୍ରାଉଣ୍ଡ ଖସି ପଡ଼ିବା ନେଇ କିଛି ୟୁଜର୍ସ ଆଶଙ୍କା ପ୍ରକାଶ କରିଛନ୍ତି।

# ପୁରୁଣା ଲୁକ୍‌କୁ 'ରି-କ୍ରିଏଟ୍' କଲେ ମାଧୁରୀ



**ମୁମ୍ବାଇ:** ଏବେ ମଧ୍ୟ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଅନେକ ପ୍ରଶଂସକ ରହିଛନ୍ତି, ଯେଉଁମାନେ ତାଙ୍କର ଗୋଟିଏ ଝଲକ୍ ପାଇବା ପାଇଁ ଅନାଇ ବସିଥାନ୍ତି। ନିକଟରେ ମାଧୁରୀ ଏକ ହିଟ ଚଳଚ୍ଚିତ୍ରରେ ତାଙ୍କର ଲୁକ୍‌କୁ ପୁଣି 'ରି-କ୍ରିଏଟ୍' କରିଛନ୍ତି, ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ଅଛନ୍ତି । ୧୯୯୪ ମସିହାରେ ରିଲିଜ୍ ହୋଇଥିବା ବଲିଉଡ୍ ଫିଲ୍ମ 'ହମ୍ ଆପ୍‌କେ ହେଁ କୌନ୍' ବକ୍ସ ଅଫିସରେ ସୁପର୍‌ହିଟ୍ ହୋଇଥିଲା। ଏହି ଚଳଚ୍ଚିତ୍ରରେ 'ନିଶା' ଚରିତ୍ରରେ ମାଧୁରୀ ନଜର ଆସିଥିଲେ। ଚଳଚ୍ଚିତ୍ରରେ ଅଭିନେତା ସଲମାନ୍ ଖାନ୍‌ଙ୍କ ସହ ମାଧୁରୀଙ୍କ ଯୋଡ଼ିକୁ ଦର୍ଶକ ଭରପୂର୍ ପସନ୍ଦ କରିଥିଲେ। ରିଲିଜ୍ ହେବାର ୩୦ ବର୍ଷ ପରେ ପୁଣି ଏହି ଫିଲ୍ମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଚଳଚ୍ଚିତ୍ରର 'ଦିଦି ତେରା ଦେୱର୍ ଦିୱାନା' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ଗୀତରେ ମାଧୁରୀ ଏକ ବାଇଗଣୀ ରଙ୍ଗର ସାଢ଼ୀ ପିନ୍ଧିଥିବାବେଳେ ଦୀର୍ଘ ବର୍ଷ ପରେ ପୁଣି ସେ ନିଜର ଏହି ଲୁକ୍‌କୁ 'ରି କ୍ରିଏଟ' କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ନୂଆ ଲୁକ୍‌ରେ ମାଧୁରୀ ବାଇଗଣୀ ରଙ୍ଗର ଶାଢ଼ି ସହ ମ୍ୟାଚିଙ୍ଗ୍ ଚୁଡ଼ି ପିନ୍ଧି ଏକ ଶୋ'ର ସେଟ୍ ମଧ୍ୟକୁ ପ୍ରବେଶ କରୁଥିବା ନଜର ଆସୁଛନ୍ତି। ୩୦ ବର୍ଷ ତଳର 'ନିଶା' ଚରିତ୍ର ପରି ଆଜି ମଧ୍ୟ ମାଧୁରୀ ଏହି ଲୁକ୍‌ରେ ସମାନ ପରିମାଣରେ ସୁନ୍ଦର ଦେଖାଯାଉଥିବା କହି ଅନେକ ପ୍ରଶଂସକ ଏହି ଭିଡିଓରେ କମେଣ୍ଟ କରିଛନ୍ତି। ମାଧୁରୀଙ୍କ ଏହି ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୦୫ (୩୦୫.୦୯) ପଏଣ୍ଟ ବଢ଼ି ୭୩,୦୯୫(୭୩,୦୯୫.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୭୬ (୭୬.୩୦) ପଏଣ୍ଟ ବୃଦ୍ଧି ଘଟି ୨୨,୧୯୮ (୨୨,୧୯୮.୩୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା



ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁବିଆଇ ବାଲେଶ୍ୱର ପକ୍ଷରୁ ରିଟେଲ ଏକ୍ସପୋ

ଭୁବନେଶ୍ୱର,୨୭।୨ (ଅଭୟ ଦାଶ)




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ଏକ ଦିନିକିଆ ଖୁଚୁରା ପ୍ରଦର୍ଶନୀ ବା ରିଟେଲ ଏକ୍ସପୋ-୨୦୨୪ ବାଲେଶ୍ୱରର ହରିପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ସନ୍ଦୀପ ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରଦର୍ଶନୀ (ଏକ୍ସପୋ)କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇ ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଜୟଗୋପାଳ ବେହେରା ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଗଜେନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀରେ ରାଜ୍ୟର ପ୍ରତିଷ୍ଠିତ ବିଲ୍ଡର, ଟାଟା ସୋଲାର, ଦେଶ ଓ ଦେଶ ବାହାରେ ଶିକ୍ଷା ଲାଭର ମାର୍ଗଦର୍ଶନ ପାଇଁ ଶିକ୍ଷା ପରାମର୍ଶଦାତା ଆଦି ଯୋଗ ଦେଇଥିଲେ। ସେହିପରି ଗାଡି ଡିଲର, ବ୍ୟାଙ୍କ ଇନ୍‌ସ୍ୟୁରାନ୍ସ, ମ୍ୟୁଚୁଆଲ ଫଣ୍ଡ ଏବଂ ବିଭିନ୍ନ ଖୁଚୁରା ଉତ୍ପାଦ କାଉଣ୍ଟରରୁ ଅଭିଜ୍ଞ ଆର୍ଥିକ ପରାମର୍ଶଦାତା ଏବଂ ବ୍ୟାଙ୍କ ଅଧିକାରୀମାନେ ଗୋଟିଏ ଛାତ ତଳେ ପରସ୍ପରକୁ ଭେଟି ଭାବାନୁପ୍ରଦାନ କରିଥିଲେ। ସେହିଭଳି ୩୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ମେଳା ପରିଦର୍ଶନ କରିବା ସହ ଆର୍ଥିକ ସାକ୍ଷରତା ଉପରେ ଜ୍ଞାନ ହାସଲ କରିଥିଲେ। ଅପରପକ୍ଷରେ ୧୨ବର୍ଷରୁ କମ୍ ପିଲାମାନଙ୍କ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ମଧ ଆୟୋଜନ କରାଯାଇଥିଲା।

# ଅର୍ଥନୈତିକ ବିକାଶରେ ମାତୃଭାଷାର ଭୂମିକା ଅତୁଳନୀୟ

ଭୁବନେଶ୍ୱର,୨୭।୨

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମାତୃଭାଷା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଓବିର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନୀଷ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର କ୍ଷେତ୍ରୀୟ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନିକଟସ୍ଥ ଶାଖାଗୁଡିକର ଉତ୍ସାହୀ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ସମାଜରେ ବ୍ୟକ୍ତିଗତ, ସାମାଜିକ ଏବଂ ଅର୍ଥନୈତିକ ବିକାଶ ଦିଗରେ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମନୀଷ କୁମାର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇଓବି ବ୍ରହ୍ମପୁରର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋକପାତ କରିବା ସହିତ କର୍ମଚାରୀମାନଙ୍କୁ ମାତୃଭାଷରର ମହତ୍ତ୍ୱ ବିଷୟରେ ସମ୍ବୋଧିତ କରିଥିଲେ। ମାତୃଭାଷାର ସୁରକ୍ଷା ଏବଂ ପ୍ରଚାରପ୍ରସାର ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ପରିଶେଷର ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ପ୍ରତିଭା ବହିଦାର ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**

**OAS HUB**
Make your dreams into reality
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
**8926232634**
**9827166018**

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
**7008476028**
**7788807774**
**9668384085**


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଟିପିସିଓଡିଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୨୭।୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ନୂତନ ଅଭିଯାନ 'ଆଭାଶକ୍ତି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ମହିଳା ସଶକ୍ତୀକରଣ ଉପରେ କମ୍ପାନୀ ସର୍ବଦା ଦୃଢ଼ ଗୁରୁତ୍ୱାରୋପ କରିଥାଏ। ସମାଜର ରୂପାନ୍ତରଣରେ ମହିଳାମାନେ ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇ, ସେମାନଙ୍କୁ ବିଭିନ୍ନ ବିଷୟଭିତ୍ତିକ ଗତିବିଧିରେ ଯୋଡ଼ି, ମହିଳାଙ୍କ ଜୀବନରେ ଉନ୍ନତି ଆଣିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି। ସେହିଭଳି ଟିପିସିଓଡିଏଲ୍‌ର ମୂଳ ଉଦ୍ଦେଶ୍ୟ ଅନୁଯାୟୀ ମହିଳାମାନଙ୍କୁ ଅର୍ଥନୈତିକ ଓ ସାମାଜିକସ୍ତରରେ ସଶକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛି। ଏଭଳି ଏକ ପଦକ୍ଷେପ ହେଉଛି ବିଲିଂ ଓ କଲେକ୍ସନ କାର୍ଯ୍ୟ ପାଇଁ 'ଆଭା ଶକ୍ତି' ନାମରେ ପରିଚିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରିବା। ସେହିପରି ଆଭା ଶକ୍ତି ସଦସ୍ୟଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ, ଟିପିସିଓଡିଏଲ୍ ପକ୍ଷରୁ ଅନୁଗୁଳ,ନୟାଗଡ଼ ଓ ବାଲୁଗାଁ ବିଦ୍ୟୁତ ଡିଭିଜନରେ ବାର୍ଷିକ ଆଭା ଶକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଡିଭିଜନର ୫୨୫ରୁ ଅଧିକ ଆଭାଶକ୍ତି ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ସେଠାରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସେମାନଙ୍କ ନିଷ୍ଠା ଏବଂ ପରିଶ୍ରମ ପାଇଁ ସମ୍ମାନିତ କରାଯାଇଥିଲା।

# ସମାଜର ବିକାଶ ପାଇଁ ଏନ୍‌ଜିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୭।୨

ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଏନ୍‌ଜିଓ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଏନ୍‌ଜିଓଙ୍କ ସହଭାଗିତାରେ ୫ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ସାମାଜିକ ହସ୍ତକ୍ଷେପରେ ୬.୩ଲକ୍ଷରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ସହାୟତା ଯୋଗାଇ ଦେଇଛି। ଏପରିକି ଗୋଷ୍ଠୀର ଆବଶ୍ୟକତା, ସରକାରଙ୍କ ବିକାଶମୂଳକ ପଦକ୍ଷେପ ଓ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସାମାଜିକ ଅର୍ଥନୈତିକ ପ୍ରଗତି ଲାଗି କମ୍ପାନୀ ୨୦ରୁ ଅଧିକ ଏନ୍‌ଜିଓଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ସେହିଭଳି କମ୍ପାନୀର କାର୍ଯ୍ୟ କ୍ଷେତ୍ର ଯଥା ଓଡ଼ିଶା ଝାରସୁଗୁଡ଼ାର ବୃହତ୍ ଆଲୁମିନିୟମ ସ୍ମେଲଟର ସହିତ ଲାଞ୍ଜିଗଡ଼ଠାରେ ଥିବା ବିଶ୍ୱସ୍ତରୀୟ ଆଲୁମିନା ରିଫାଇନେରି ଏବଂ କୋର୍ବା ଛତିଶଗଡ଼ର ଭାରତର ଆଇକନ ଆଲୁମିନିୟମ ଉତ୍ପାଦକ ବାଲ୍‌କୋ ଓ ଏହାର ଖଣିଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ଆର୍ଥିକ ବର୍ଷ ୨୧ ଓ ୨୩ ମଧ୍ୟରେ ଆମର ଗୋଷ୍ଠୀ ପାଇଁ ପୁଞ୍ଜି ବିନିଯୋଗ ୪୫% ବୃଦ୍ଧି ପାଇଛି, ଯେଉଁଠିରେ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ଗୋଷ୍ଠୀର ସାମଗ୍ରିକ ବିକାଶ ଲାଗି ଏକ ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଛୁ। ଆମ ସହ କାର୍ଯ୍ୟ କରୁଥିବା ସହଭାଗୀଙ୍କ ଶକ୍ତିକୁ ଡିଜାଇନ କରିବା ଓ ଗୋଷ୍ଠୀ ସଦସ୍ୟଙ୍କୁ ପ୍ରଭାବଶାଳୀ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ପ୍ରଦାନ କରିବା ପାଇଁ ଆମେ ବେଶ୍ ତତ୍ପର ରହିଛୁ। ସେହିଭଳି ଚାଲୁଥିବା ସହଯୋଗରେ ଡୋମେନ ବିଶେଷଜ୍ଞଙ୍କ ସହ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଉପରେ କାର୍ଯ୍ୟ ଅନ୍ତର୍ଭୁକ୍ତ ଯଥା ପୁନରୁତ୍ଥାନ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାସ୍ଥ୍ୟସେବାରେ ୨ଲକ୍ଷରୁ ଅଧିକ ହିତାଧିକରୀଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ସମାଧାନ କରୁଛି। ସେହିପରି ଗ୍ରାମୀଣ ବାଳିକା ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଅଭ୍ୟାସକୁ ସୁନିଶ୍ଚିତ କରିବା ଲାଗି ପ୍ରକଳ୍ପ ନୂଆ କିରଣ (ନୟି କିରଣ) କାର୍ଯ୍ୟ କରୁଛି।

## ଶୁଭ ବିବାହ



**ଧନଞ୍ଜୟ ସହିତ ବର୍ଷା**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଆଈ, ବାପା, ମାଆ, ମଉସା, ମାଉସୀ, ମାମୁ, ମାଈଁ, ବଡ଼ଭାଇ, ବବ୍‌ଲୁ, ସୀମା ଏବଂ ପୁଅ।
ଧ-୨୬୩୮

# Classified Everyday
**0674-2580101, 2549949**



## MATRIMONIAL

### BRIDE WANTED

Bride required for handsome, Khyatriya groom, 6 ft. 34 years, M.Tech., MNC Job, Salary 18 lakhs PA, own house at Bhubaneswar from Khyatriya / Karan / Khandayat caste. Mob.: 9937960677, 9827040725. D-2636



## REAL ESTATE

### SALE

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **9827119799.** D-2605

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348.** D-71069

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75710

4800sqft. residential land, near to National highway and Cifa at Uttara Chhaka, Bhubaneswar. Call- 8917520527. D-2613

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921



## CONSTRUCTION

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913




**Open Land Space for Rent near NH-316 Bypass Road. Lingipur Traffic Sqr. 10000 & 3000sqft. Mob- 8895985885.** D-2601

## ACCOMMODATION

Free accommodation for Senior Citizen & mentally ill persons with all facilities. Contact- 9337160036, 7325991853. D-2586

Free accommodation for Drug de-addict persons with all facilities. Contact- 9439928693, 9692303517. D-2587




Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

**Ashirvaad Salon and SPA get good massage for your health tha best therapy. 7077181074.** D-75711

Relax refreshment body massage therapy by experience lady therapist. 7008773793. D-76102

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

## AFFIDAVIT

By virtue of an affidavit sworn before the Notary, Titilagarh, I, Sradhanjali Meher, W/o Santosh Meher, At/P.O.- Titilagarh, Dist.- Balangir declare by this affidavit No. 1382 dtd.09.12.2023 that now onwards I shall be known Shraddhanjali Meher for all future purposes. D-2637

I, Pradyumna Kumar Satapathy, Son of late Baidyanath Satapathy, Resident of VIM-01, Sailashree Vihar, Bhubaneswar -751021 declare by this affidavit No.- 65AA311357, dated 26 Feb. 2024 that now I shall be known as Pradyumna Satpathy, Resident of VI B 2/2, Unit -3, Kharabela Nagar, Bhubaneswar -751001, Odisha for all future purposes. D-2635

By virtue of an Affidavit sworn before Executive Magistrate, Paralakhemundi, I have changed my name from SUMANTA BORADO to MADHU BORADO. Henceforth I shall be known as MADHU BORADO for all purposes. Address - Ward No. 3, Main Road, Hatopoda Chokko, Paralakhemundi, Gajapati dist., Odisha. D-2640

By virtue of an Affidavit sworn before Executive Magistrate, Paralakhemundi, I have changed my name from ABDUL AZIM to ZASMIN SHAIKH. Henceforth I shall be known as ZASMIN SHAIKH for all purposes. Address - Ward No.- 7, Guntuvari Street, Paralakhemundi, Gajapati dist., Odisha. D-2641

By virtue of an Affidavit sworn before Executive Magistrate, Paralakhemundi, I have changed my name from KAILASH CHANDRA PRADHAN to AISHA PRADHAN. Henceforth I shall be known as AISHA PRADHAN for all purposes. Address - Ward No. 3, Main Road Hatopoda Chokko, Paralakhemundi, Gajapati dist., Odisha. D-2642

By virtue of an affidavit No.- 1146 dated 12.02.2024, sworn before Executive Magistrate, Bhadrak. I Barsarani Dhal (41), W/o- Bhajahari Dhal, Vill.- Balidandi, P.O.- Amrutpur, P.S.- Tihidi, Dist.- Bhadrak hereby declare that my nick name Sumina Dhal has recorded as my LIC Policy bearing No.- 589503067. Hence, Barsarani Dhal and Sumina Dhal same and one person. D-2644

## LOST

ଆମ୍ଭେ ଶ୍ରୀ ସୁଧାଂଶୁ ଶେଖର ନାୟକ, ସା: ଶ୍ୟାମସୁନ୍ଦରପୁର, ପୋ: ଶ୍ରୀମନ୍ତପୁର, ଥା: ସିମୁଳିଆ, ଜି: ବାଲେଶ୍ୱର। ମୁଁ ଗତ ତା୧୨।୨।୨୪ରିଖରେ ମୋର କାଗଜାଦି ମୌ: ମାର୍କୋଣାରେ ଥିବା ନିମ୍ନଲିଖିତ ପଟ୍ଟା, କବଲା ଇତ୍ୟାଦି Xerox କରିବାକୁ ନେଇଯାଉଥିବା ସମୟରେ ତାହା ହଜିଯାଇଅଛି। ତେଣୁ କୌଣସି ସହୃଦୟ ବ୍ୟକ୍ତି ଆମ୍ଭ ନାମରେ ଥିବା Record ପତ୍ର ମୌ: ମାର୍କୋଣା, ଖା୧୦୭୩/୪୮୯ତା ର କବଲା ଓ ପଟ୍ଟା ପାଇଲେ ଉପରୋକ୍ତ ଠିକଣାରେ ଖବର ଦେବାକୁ ଅନୁରୋଧ।
ସୁଧାଂଶୁ ଶେଖର ନାୟକ
ଧ-୨୬୩୯

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

NOTICE UNDER ORDER V, RULE 20 C.P.C.
IN THE COURT OF SENIOR CIVIL JUDGE, SAMBALPUR
Civil Suit No. 28 of 2008
Smt. Raseswari @ Rajeswari Bhoi ...... Plaintiff
Versus
Bishnu Prasad Khandagiri and another ...Defendants
1(a). Chittaranjan Khandagiri, aged about 60 years, S/o- Late Bishnu Prasad Khandagiri, R/o- Samasingha, P.O./P.S.- Rairakhol, Dist.- Sambalpur.
1(b). Satyanarayan Khandagiri, aged about 56 years, S/o- Late Bishnu Prasad Khandagiri, R/o- Samasingha, P.O./P.S.- Rairakhol, Dist.- Sambalpur.

Whereas the Plaintiff has filed the above suit against you and summons through Court and by Registered Post have been issued against you but you have avoided to receive the same. Hence this Court thinks it proper to serve the Notice under Order V, Rule 20 A C.P.C. by publishing in a daily newspapers.

Take notice that the case is fixed on 05.04.2024 at 7.30 A.M. for appearance and filing Written Statement. If you fail to appear in Court on the said date personally or through your Advocate, the case will be decided in your absence.

Given under my hand and seal of this Court, this 23rd day of February of 2024.
Sd./- Senior Civil Judge
Sambalpur
D-2643

Your classified advertisement published in Dharitri will be listed FREE in Dharitri online edition: **dharitriepaper.in**




# ଟୁକୁନୀ-ନବୀନ ଟକ୍କର ଚର୍ଚ୍ଚା

## ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ବଲାଙ୍ଗୀର,୨୭।୨
(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରଚଣ୍ଡ ଗ୍ରୀଷ୍ମ ତାତି ଅନୁଭୂତ ହେଉଥିବାରୁ ଟିଟିଲାଗଡ଼କୁ ଲୋକେ ତତଲାଗଡ଼ କହିଥାଆନ୍ତି। ସେଭଳି ଖରା ଆସି ନ ଥିଲେ ମଧ୍ୟ ଏବେ ନିର୍ବାଚନୀ ତାତି ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଲାଣି। ୨୦୧୪ ମସିହାରେ ବିଜେଡି ଯୁବନେତା ଅଭିମନ୍ୟୁ ସାହୁଙ୍କ ହତ୍ୟା ପରେ ତାଙ୍କ ସ୍ତ୍ରୀ ଟୁକୁନୀ ସାହୁଙ୍କୁ ବିଜେଡି ଟିକେଟ ମିଳିଥିଲା। ୨୦୧୪ ଓ ୨୦୧୯ ନିର୍ବାଚନରେ ସେ କ୍ରମାଗତ ବିଜୟୀ ହୋଇଥିଲେ। ଏବେ ସେ ସରକାରରେ ମନ୍ତ୍ରୀ ଅଛନ୍ତି। ଏଥର ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ଟିକେଟ ଆଶାୟୀ। ତେବେ ପ୍ରାକ୍ ନିର୍ବାଚନୀ ଚର୍ଚ୍ଚାରୁ ବିଜେଡି ପାଇଁ ଆଗାମୀ ନିର୍ବାଚନୀ ଫଳାଫଳ ଏତେ ସହଜ ହେବନାହିଁ ବୋଲି ଆଲୋଚନା ହେଉଛି। କାରଣ ଭାଜପା ଆଶାୟୀ ପ୍ରାର୍ଥୀ ନବୀନ ଜୈନ ନିର୍ବାଚନମଣ୍ଡଳୀରେ ଲୋକସମ୍ପର୍କ ବଢ଼ାଇ ଚାଲିଛନ୍ତି। ତାଙ୍କୁ ମନ୍ତ୍ରୀ ଟୁକୁନୀ ସାହୁଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବୋଲି କୁହାଯାଉଛି। ନବୀନଙ୍କୁ ଭାଜପା


ଟୁକୁନୀ ସାହୁ


ନବୀନ କୁମାର ଜୈନ

ଟିକେଟ ମିଳିଲେ ଟୁକୁନୀଙ୍କୁ ସେ କଡ଼ା ଟକ୍କର ଦେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଏଭଳି ଚର୍ଚ୍ଚା ଜୋର ଧରିବା ଫଳରେ ନବୀନ ଉତ୍ସାହିତ ହୋଇ ଘରେ ଆଉ ବସୁନାହାନ୍ତି। ଦଳୀୟ ଟିକେଟ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ଓ ସହରର ବହୁ ସ୍ଥାନରେ ସଭାସମିତିରେ ଯୋଗଦେଉଥିବା ଦେଖିବାକୁ ମିଳୁଛି।

୨୦୧୯ ନିର୍ବାଚନରେ ଟୁକୁନୀଙ୍କୁ ଭାଜପା ପ୍ରାର୍ଥୀ ଅଶୋକ ଦୋରା ଟକ୍କର ଦେଇ ପରାଜିତ ହୋଇଥିଲେ। ସେ ଏଥର ଟିକେଟ ଦୌଡ଼ରେ ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟ ଯେଉଁମାନେ ଭାଜପାରୁ ଆଶାୟୀ ରହିଛନ୍ତି ସେମାନେ ହେଲେ ମୁକେଶ ଜୈନ, ମନୋଜ ହାତୀ, ମହେନ୍ଦ୍ର ସିଂ ଠାକୁର ଓ ପ୍ରଶାନ୍ତ ଷଡ଼ଙ୍ଗୀ। କିନ୍ତୁ ସମସ୍ତଙ୍କ ଆଗରେ ନବୀନ। ଗତ ଟିଟିଲାଗଡ଼ ମ୍ୟୁନିସିପାଲିଟି ନିର୍ବାଚନରେ ନବୀନ ବାବୁଙ୍କ ସ୍ତ୍ରୀ ମମତାଦେବୀ ଜୈନ୍ ଭାଜପା ପ୍ରାର୍ଥିନୀ ଭାବେ ସିଧାସଳଖ ନିର୍ବାଚନ ଲଢ଼ି ବିଜେଡି ପ୍ରାର୍ଥୀଙ୍କୁ ହରାଇ ପୌରାଧ୍ୟକ୍ଷା ଭାବେ ବିଜୟୀ ହୋଇଥିଲେ। ଏହା ପ୍ରକାରାନ୍ତରେ ମନ୍ତ୍ରୀ ଟୁକୁନୀଙ୍କୁ ଚ୍ୟାଲେଞ୍ଜ ବୋଲି ସେତେବେଳେ ବି ଚର୍ଚ୍ଚା ହୋଇଥିଲା। ଏସବୁ ଦେଖିଲେ ବିଧାନସଭା ନିର୍ବାଚନ ପୂର୍ବରୁ ଟୁକୁନୀ-ନବୀନ ମୁହାଁମୁହିଁ ହେବା ଅଧିକ ଜଣାପଡୁଛି। ଏହା ମଧ୍ୟ କୁହାଯାଉଛି ଯେ, ନବୀନ ଭାଜପା ଟିକେଟ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଦଳୀୟ ଟିକେଟ ପାଇଲେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଯେତେ ଅସୁବିଧା ସୃଷ୍ଟି କରିବେ, ତା'ଠୁ ଢେର ଅଧିକ ବିଜେଡିର ଗୋଷ୍ଠୀକନ୍ଦଳ ଖୋଦ୍ ପ୍ରାର୍ଥୀଙ୍କୁ କ୍ଷତି ପହଞ୍ଚାଇପାରେ। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ଏବେ ଜିଲା କଂଗ୍ରେସ ସଭାପତି ଅଛନ୍ତି। ସେ ଗତ ଦୁଇଟି ବିଧାନସଭା ନିର୍ବାଚନରେ ପରାସ୍ତ ହୋଇସାରିଥିବାରୁ ଆଗକୁ କଂଗ୍ରେସ କେଉଁଭଳି ରଣନୀତି କରି ନିଜର ସ୍ଥିତି ସୁଦୃଢ଼ କରୁଛି, ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।


ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉପସ୍ଥିତ ୩୦ ଜିଲାରୁ ଆସିଥିବା ପ୍ରଯୁକ୍ତିବିଦ୍ୟା ନୋଡ଼ାଲ ଅଧିକାରୀ।

# ଆସନ ରେଢ଼ାଖୋଲ, ବସୁଛନ୍ତି ବାହାର ନେତା

## ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ


ରୋହିତ ପୂଜାରୀ


ପ୍ରସନ୍ନ ଆଚାର୍ଯ୍ୟ


ଗୋବିନ୍ଦ ଅଗ୍ରୱାଲ


ଦୁଲାଲ ଚନ୍ଦ୍ର ପ୍ରଧାନ

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ରେଢ଼ାଖୋଲ ବ୍ଲକ, ନାକଟିଦେଉଳ, ଯୁଯୋମୁରା ଓ ମାନେଶ୍ୱର ବ୍ଲକର ୭ଟି ପଞ୍ଚାୟତକୁ ନେଇ ଗଠିତ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ। ୨୦୦୦ ପରଠାରୁ ନିରବଚ୍ଛିନ୍ନ ଭାବେ ବିଜେଡି ଏହାକୁ ଅକ୍ତିଆର କରିଆସିଛି। ଆସନର ରେଢ଼ାଖୋଲର ହୋଇଥିବା ବେଳେ ବାହାରରୁ ଆସି ନେତା ବସୁଛନ୍ତି। ସତେ ଯେମିତି ଏଠାରେ ସ୍ଥାନୀୟ ନେତାଙ୍କ ଅଭାବ ରହିଛି ବୋଲି କଥା ଉଠିଲାଣି।

୨୦୦୪ ପର୍ଯ୍ୟନ୍ତ ଏହି ଆସନଟି ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୨୦୦୯ରେ ଏହା ଅଣସଂରକ୍ଷିତ ଘୋଷିତ ହୋଇଥିଲା। ଏବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ବିଧାୟକ ଅଛନ୍ତି। ବିଜେଡି ଗଠନ ହେବା ପରେ ଏଠାରୁ ୨୦୦୦ ମସିହାରେ ଦଳୀୟ ଟିକେଟରେ ଦୁର୍ଯ୍ୟୋଧନ ସୋହେଲା ବିଧାୟକ ହୋଇଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁ ପରେ ୨୦୦୧ରେ ଅନୁଷ୍ଠିତ ଉପନିର୍ବାଚନରେ ସନାତନ ବିଶି ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୦୪ ନିର୍ବାଚନରେ ମଧ୍ୟ ସେ ନିଜ ପ୍ରାର୍ଥିତ୍ୱ ବଜାୟ ରଖି ବିଜେଡି ଟିକେଟରେ ଜିତି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ବିଧାୟକ ହୋଇଥିଲେ। କେବଳ ଦୁର୍ଯ୍ୟୋଧନଙ୍କୁ ଛାଡ଼ିଦେଲେ ପ୍ରସନ୍ନ ବରଗଡ଼ ନିର୍ବାଚନମଣ୍ଡଳୀର ହୋଇଥିବା ବେଳେ ସନାତନ ବିଶି ଓ ରୋହିତ ପୂଜାରୀ ସମ୍ବଲପୁର ନିର୍ବାଚନମଣ୍ଡଳୀର। ବର୍ତ୍ତମାନ ସ୍ଥିତିରେ ଏଠାରୁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ, ସେନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ତଥାପି ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରିଛନ୍ତି। ଉଭୟ ଦଳ ଏଠାରେ ଭୋଟରଙ୍କୁ ପ୍ରଭାବିତ କରିବା ପ୍ରୟାସ ଜାରି ରଖିଛନ୍ତି। ବିଜେଡି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ କାର୍ଯ୍ୟକ୍ରମ ଆୟୋଜନ କରି ବିକାଶମୂଳକ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରୟାସ କରୁଛି। ସେହିପରି ଭାଜପା ମଧ୍ୟ 'ଗାଁକୁ ଚାଲ' କାର୍ଯ୍ୟକ୍ରମରେ ଭୋଟରଙ୍କ ସହ ଯୋଡ଼ି ହେବାକୁ ପ୍ରୟାସରତ। ବର୍ତ୍ତମାନ ରୋହିତ ବିଧାୟକ ଥିଲେ ହେଁ ଏଠାରୁ ପ୍ରସନ୍ନ ପୁନର୍ବାର ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। କୁହାଯାଉଛି ରୋହିତ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି। ଆଲୋଚନା ଆହୁରି ହେଉଛି ଯେ, ଉଭୟଙ୍କ ମଧ୍ୟରୁ ଜଣକୁ ସମ୍ବଲପୁର ଲୋକ ସଭା ଆସନ ପାଇଁ ଟିକେଟ ଦିଆଯାଇପାରେ। ଯାହାବି ହେଲେ ଉଭୟ ବାହାରର ନେତା।

ଗତ ନିର୍ବାଚନରେ ଭାଜପାରୁ ଏବର ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ବଲପୁରର ଦେବେନ୍ଦ୍ର ମହାପାତ୍ର ଏବଂ ଭାଜପା ରାଜ୍ୟ ବ୍ୟବସାୟୀ ପ୍ରକୋଷ୍ଠ ସଂଯୋଜକ ଗୋବିନ୍ଦ ଅଗ୍ରୱାଲ ଆଶାୟୀ ଥିବା ଜଣାପଡ଼ିଛି। ଏଥିସହିତ ବିଜେଡି ପରିତ୍ୟାଗ କରି ସଦ୍ୟ ଭାଜପାରେ ସାମିଲ ହୋଇଥିବା ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମଧ୍ୟ ନିର୍ବାଚନୀ ଦୌଡ଼ରେ । ତେବେ ଆଗାମୀ ନିର୍ବାଚନରେ ଏଠାରୁ ଗୋବିନ୍ଦ ଅଗ୍ରୱାଲଙ୍କୁ ଭାଜପା ଟିକେଟ ମିଳିବା ସର୍ବାଧିକ ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ହେଉଛି।

କଂଗ୍ରେସର ବରିଷ୍ଠ ନେତା ତଥା ଦଳର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଆସଫ୍ ଅଲ୍ଲୀ ଖାନଙ୍କ ସହିତ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ସମ୍ବଲପୁରର ଦୁଲାଲ ଚନ୍ଦ୍ର ପ୍ରଧାନ ଏହି ଆସନରୁ ଟିକେଟ ଆଶାୟୀ ଅଛନ୍ତି। କୌତୂହଳର ବିଷୟ ତିନି ପ୍ରମୁଖ ଦଳର ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ କେହି ହେଲେ ସ୍ଥାନୀୟ ନୁହନ୍ତି। ପୂର୍ବଭଳି ୨୦୨୪ ବିଧାନସଭା ନିର୍ବାଚନରେ ଯେଉଁ ଦଳ ବିଜୟଲାଭ କଲେ ବି ଏହି ଆସନ ଉପରେ ବାହାର ଲୋକ ବସିବା ଥୟ ବୋଲି କୁହାଯାଉଛି।

## କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ

# ଲୋକ ସଭା ଆସନ ଉପରେ ହେଲା ଆଲୋଚନା

ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର): ପିସିସିର ସ୍କ୍ରିନ୍ କମିଟି ବୈଠକ ମଙ୍ଗଳବାର ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଯୋଗ ଦେଇଛନ୍ତି। ସ୍କ୍ରିନ୍ କମିଟିରେ ମୁଖ୍ୟତଃ ଓଡ଼ିଶାର ୨୧ ଲୋକ ସଭା ଆସନ ଉପରେ ଆଲୋଚନା କରାଯାଇଛି। ଦଳ ଆଣିଥିବା ପ୍ରଗମନ ଆପ୍ ଜରିଆରେ ଉଭୟ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ବହୁ ପ୍ରାର୍ଥୀ ଆବେଦନ କରିଛନ୍ତି। ଗତ ସପ୍ତାହରେ ଏହି ପ୍ରାର୍ଥୀମାନଙ୍କ ଆବେଦନକୁ ନେଇ ପ୍ରଥମେ ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ଅନୁଷ୍ଠିତ ହେବାପରେ ମଙ୍ଗଳବାର ସ୍କ୍ରିନ୍ କମିଟି ବସିଛି। ଆସନ୍ତା ୯ ରେ ଆଉ ଥରେ ସ୍କ୍ରିନ୍ କମିଟି ବୈଠକ ବସିବ ବୋଲି ଜଣାପଡ଼ିଛି।

## ନିର୍ବାଚନ ପୂର୍ବରୁ ୩୦ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କୁ ନେଇ କର୍ମଶାଳା

ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର): ଆଗାମୀ ନିର୍ବାଚନ ପାଇଁ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କ ଏକ ଦିନିକିଆ କର୍ମଶାଳା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସବୁ ଜିଲାରୁ ଆସିଥିବା ୩୦ ଜଣ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବୈଠକରେ ଯୋଗଦେଇ ନିର୍ବାଚନରେ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଓକାକ୍‌ରୁ ଆସିଥିବା ସାଇବର ସୁରକ୍ଷା ବିଶେଷଜ୍ଞ ମନମୋହନ ମହାପାତ୍ର, ପ୍ରଭୁଦତ୍ତ ମହାପାତ୍ର ଓ ହିମାଂଶୁ ଶେଖର ସାହୁ ପ୍ରମୁଖ ଏହି କର୍ମଶାଳାରେ ଉପସ୍ଥିତ ଥିବା ଜିଲା ପ୍ରଯୁକ୍ତିବିଦ୍ୟା ଅଧିକାରୀଙ୍କୁ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କ ସହ ପ୍ରଯୁକ୍ତି ବିଦ୍ୟା ନୋଡାଲ ଅଧିକାରୀ ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ରାଜନୀତିରେ ୨୦୨୪

ସମରେଶ ପଟ୍ଟନାୟକ

ଚଳିତ ବର୍ଷ ବିଶ୍ୱର ପ୍ରାୟ ୫୦ଟି ଦେଶରେ ଜାତୀୟ ନିର୍ବାଚନ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ବେଳେ ପାକିସ୍ତାନରେ ଏହା ସଦ୍ୟ ସମାପ୍ତ ହୋଇଛି। ଏବେ ଭାରତରେ ନିର୍ବାଚନ ହେବାକୁ ଯାଉଛି। ୨୦୨୪ ଲୋକ ସଭା ନିର୍ବାଚନ କେଉଁ ଧରଣର ଭାରତୀୟ ରାଜନୈତିକ ଦୃଶ୍ୟପଟ ଆଣିବ ତା' ଉପରେ କେବଳ ଦେଶ ନୁହେଁ, ବିଦେଶ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅପେକ୍ଷା ରଖିଛନ୍ତି। ଏ ଦେଶରେ ବହୁ ରାଜନୈତିକ ଦଳ ଥିଲେ ହେଁ ତନ୍ମଧ୍ୟରୁ ହାତଗଣତି ଦଳ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ସେଥିମଧ୍ୟରୁ ଯିଏ ଅଙ୍କ ଖେଳରେ ସଂଖ୍ୟାଧିକ ଭୋଟରଙ୍କ ସ୍ୱୀକୃତି ପାଇବ, ସେ ଆଗାମୀ ୫ ବର୍ଷ ପାଇଁ ଭାରତର ଭାଗ୍ୟବିଧାତା ପାଲଟିଯିବ।

ଭାରତୀୟ ଜନତା ପାର୍ଟି (ଭାଜପା) ଦକ୍ଷିଣପନ୍ଥୀ (ରାଇଟିଷ୍ଟ) ଚିନ୍ତାଧାରା ରଖି ଆଗେଇ ଚାଲିଛି। ନରମପନ୍ଥୀ ଆଦର୍ଶ ଉପରେ କଂଗ୍ରେସ ଆଧାରିତ। ତା'ର ଗୁଣାବଳୀକୁ ଅଧିକ ତର୍ଜମା କଲେ ତାହା ବାମପନ୍ଥୀ ସମାଜବାଦ ଆଡ଼କୁ ଢଳି ରହିଛି। ଅନ୍ୟପକ୍ଷରେ ବାମପନ୍ଥୀ ତଥା କମ୍ୟୁନିଷ୍ଟ ଭାବନାକୁ ବାମପନ୍ଥୀ ଦଳଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭିଡ଼ି ଧରିଛନ୍ତି। ତେବେ ଭାଜପାର ଆକାର ଓ ପଦଧାରଣକୁ ଲକ୍ଷ୍ୟ କଲେ ତାହାକୁ ଏହିକ୍ଷଣି ହଟେଇବା ଏକପ୍ରକାର ଅସମ୍ଭବ। ବର୍ତ୍ତମାନର ନବ୍ୟଉଦାର ବିଶ୍ୱ ପରିପ୍ରେକ୍ଷୀକୁ ଦେଖିଲେ ବାମପନ୍ଥୀ ଚିନ୍ତାଧାରା ସମୟ ସହ ତାଳ ମିଳାଇ ଯାଇପାରୁ ନ ଥିବାରୁ ଘୁଷୁରୁଛି। କଂଗ୍ରେସ ସ୍ଥଳବିଶେଷରେ ନରମ ହିନ୍ଦୁତ୍ୱ ଆପଣାଉଥିବାରୁ ରାଜନୀତିର କେନ୍ଦ୍ରସ୍ଥଳ ଛୁଇଁପାରୁ ନାହିଁ। ତେଣୁ ଏବର ସ୍ଥିତିରେ ଯେଉଁ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଛି, ତାହାକୁ ପୂରଣ କରିବା ଲାଗି ନୂଆ ଦଳ ପାଖରେ ସୁଯୋଗ ରହିଛି। ଏପରିକି ସେହି ଜାତୀୟ ଶୂନ୍ୟତା ପୂରଣ କରିବା ଲାଗି ଦୁଇ ଦଳ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ପ୍ରଶାନ୍ତ କିଶୋର ପାଣ୍ଡେଙ୍କ 'ସୂରଜ ଅଭିଯାନ' ଦାବିଦାର ଅଛନ୍ତି। ଉଭୟ ଦଳ ଜାତୀୟ ସ୍ୱପ୍ନ ଦେଖିବାରେ ବିଭୋର।

ଏଠାରେ ସମାଜବାଦୀ ପାର୍ଟି (ଏସ୍‌ପି), ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ବିଜୁ ଜନତା ଦଳ(ବିଜେଡି), ଦ୍ରାବିଡ ମୁନେତ୍ରା କାଡ଼୍‌ଗମ୍ (ଡିଏମ୍‌କେ), ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି), ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଭଳି ଆଞ୍ଚଳିକ ଦଳଗୁଡ଼ିକର କୌଣସି ଜାତୀୟ ଆଭିମୁଖ୍ୟ ଜଣାପଡୁ ନାହିଁ। ସେଗୁଡ଼ିକ ନିଜ ରାଜ୍ୟରେ ଦୃଢ଼ତାର ସହିତ ରହିବା ପାଇଁ ଚେଷ୍ଟା କରିଆସୁଛନ୍ତି। କିନ୍ତୁ ଟିଏମ୍‌ସି ଗୋଆରେ ଲଢ଼ିବା ଏବଂ ଆପ୍ ଗୁଜରାଟ ଓ ପଞ୍ଜାବରେ ନିର୍ବାଚନ ଲଢ଼ିବା ଫଳରେ କଂଗ୍ରେସର କ୍ଷତି ଘଟିଥିବା ସ୍ପଷ୍ଟ ଦେଖାଗଲା। ଅନ୍ୟପଟେ ଏହାର ସମ୍ପୂର୍ଣ୍ଣ ଲାଭ ଭାଜପା ଉଠାଇଲା।



ଅରବିନ୍ଦଙ୍କ ଏଏପି ଏବଂ ପ୍ରଶାନ୍ତଙ୍କ ସୂରଜ ଅଭିଯାନ କଥା ଦେଖିଲେ ଭିନ୍ନ ଚିତ୍ର ପଦାକୁ ଆସୁଛି। ଏଏପି ଦକ୍ଷିଣପନ୍ଥୀଙ୍କ ଆଡ଼କୁ ଢଳି ଭାରତୀୟ ରାଜନୀତିରେ କଂଗ୍ରେସ ନିଜର ଯେଉଁ ଜାଗା ସୃଷ୍ଟି କରିଥିଲା, ତାହାକୁ ଦଖଲ କରିବାକୁ ଚାହୁଁଛି। ଏଥିସହିତ ସଂଖ୍ୟାଲଘୁ ଓ ବିଶେଷକରି ମୁସଲମାନ ସମ୍ପର୍କିତ ପ୍ରସଙ୍ଗରେ ନୀରବ ରହୁଛି। ଅର୍ଥାତ୍ କଂଗ୍ରେସ ଭଳି ଏଏପି ମଧ୍ୟ ନରମ ହିନ୍ଦୁତ୍ୱ ଆପଣାଉଛି। ବର୍ତ୍ତମାନ ଏଏପି ସହରୀ ମାନସିକତାକୁ କାବୁ କରିବାକୁ ବସିଲାଣି। କୁହାଯାଇପାରେ ଯେ, ସଂରକ୍ଷଣ ବିରୋଧୀ ଓ ବିହାର ଜାତିଗତ ସର୍ଭେକୁ ନେଇ ଜନସ୍ୱାର୍ଥ ମାମଲା ଦାୟର କରିଥିବା 'ୟୁଥ୍ ଫର୍ ଇକ୍ୱାଲିଟି' ପଛରେ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଅଛନ୍ତି।

୨୦୧୩-୧୪ ବେଳକୁ ମୋଦିଙ୍କୁ ଜାତୀୟ ସ୍ତରକୁ ଆଣିବାରେ ପ୍ରଶାନ୍ତଙ୍କ ପ୍ରମୁଖ ଭୂମିକା ଥିଲା। ନିର୍ବାଚନ ରଣନୀତିକାର ଭାବେ ଜଣାଶୁଣା ପ୍ରଶାନ୍ତ ଏବେ ଗାନ୍ଧୀ ଦର୍ଶନକୁ ନେଇ ବିହାରର ଗାଁକୁ ଗାଁ ବୁଲୁଛନ୍ତି। ପୂର୍ବରୁ ଏହାକୁ କଂଗ୍ରେସ କରୁଥିଲା, ଯାହାକୁ ଏବେ ବନ୍ଦ କରିଦେଇଛି। ପ୍ରଶାନ୍ତ ତାଙ୍କ ଲକ୍ଷ୍ୟରେ ଚାଲିଲେ ଆଗାମୀ ବିହାର ନିର୍ବାଚନରେ ସେ ୩ରୁ ୫ଟି ଆସନ ପାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଅବଶ୍ୟ ସମୟ ଏମିତି ଆସିପାରେ ଯେତେବେଳେ ସେ ସମଗ୍ର ବିହାର ଓ ଉତ୍ତରପ୍ରଦେଶରେ ପହଞ୍ଚିଯାଇପାରନ୍ତି।

ଏଠାରେ ମନେରଖିବା ଦରକାର ଯେ, ଉଭୟ ଅରବିନ୍ଦ ଓ ପ୍ରଶାନ୍ତ ହେଉଛନ୍ତି ଭାରତୀୟ ଦକ୍ଷିଣପନ୍ଥୀ ଚିନ୍ତାଧାରାରୁ ସୃଷ୍ଟି। ଯେତେବେଳେ ନରେନ୍ଦ୍ର ମୋଦି ଦୃଶ୍ୟପଟରୁ ଅନ୍ତର ହୋଇଯିବେ ସେତେବେଳେ ପ୍ରଶାନ୍ତ ଓ ଅରବିନ୍ଦଙ୍କ ଭଳି ଶକ୍ତି ନିର୍ଦ୍ୱନ୍ଦ୍ୱରେ ସମର୍ଥନ ପାଇପାରନ୍ତି।

ଅତଏବ କଂଗ୍ରେସକୁ ତିଷ୍ଠି ରହିବାକୁ ହେଲେ ଗାନ୍ଧୀ-ନେହେରୁ ତତ୍ତ୍ୱକୁ ପାଥେୟ କରି ନରମପନ୍ଥୀ ଚିନ୍ତାଧାରାକୁ ମଜଭୁତ କରିବାକୁ ପଡ଼ିବ। ସେଥିପାଇଁ ଦଳୀୟ ନେତା ଓ କର୍ମୀ ତତ୍ପରତାର ସହ କାର୍ଯ୍ୟ କରିବା ଦରକାର। ଏବେଠାରୁ ଦଳ ପ୍ରସ୍ତୁତ ନ ହେଲେ ୨୦୩୪ ବେଳକୁ କଂଗ୍ରେସର ସ୍ଥିତି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଥିବ।

ଆଜିର ସ୍ଥିତିରେ କୌଣସି ଦଳ ଦେଶରେ ଉଚ୍ଚ ଧରଣର ନିଯୁକ୍ତି ସୃଷ୍ଟି କଲା ଭଳି ବଡ଼ ସମସ୍ୟାକୁ ଗମ୍ଭୀରତାର ସହ ଦେଖିନାହାନ୍ତି। କ୍ଷମତାକୁ ଆସିବା ପରେ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। କାହାର ଗୋଟେ ବଡ଼ ଦୂରଦୃଷ୍ଟି ଥିଲା ଭଳି ମନେ ହେଉନାହିଁ। କେବଳ ଧର୍ମ ବିଷୟରେ ଆଲୋଚନା କରି ସାଧାରଣ ଭାରତୀୟଙ୍କୁ ଗୋଟିଏ ସ୍ରୋତରେ ପକାଇ ଦେବାର ଉଦ୍ୟମ ଦୀର୍ଘ ଏକ ଦଶନ୍ଧି ଧରି ସଫଳ ହୋଇଛି। ଏହା ସ୍ୱୀକାରଯୋଗ୍ୟ ଯେ, ଭାରତ ଭଳି ଦେଶରେ ଶାସନ କରିବା ପାଇଁ ଧର୍ମକୁ ପନ୍ଥା ଭାବରେ ନେବା ସହଜ। ଅନ୍ୟପଟେ ପୃଥିବୀବ୍ୟାପୀ ଅର୍ଥନୈତିକ ସ୍ଥିତି ଯେଉଁଭଳି ଭାବେ ସବୁ ଦେଶକୁ ଅସ୍ଥିର କରୁଛି ସେଥିରୁ ବୁଝାପଡୁଛି ଯେ, କୌଣସି ବୃହତ୍ ରାଷ୍ଟ୍ର ଦୀର୍ଘକାଳ ପର୍ଯ୍ୟନ୍ତ ଏକାକୀ ବଞ୍ଚି ରହିପାରିବ ନାହିଁ। ଭାରତୀୟମାନଙ୍କ ଭିତରେ ଉପୁଜିଥିବା ଧାର୍ମିକ ଚିନ୍ତାଧାରା ଯୋଗୁ ଦେଶର ଅର୍ଥନୈତିକ ଉନ୍ନତି ଉପରୁ ଦୃଷ୍ଟି ଦୂରେଇ ଯାଉଛି। ପେଟରେ ଦାନା ପଡ଼ି ନ ଥିଲେ ମନ୍ଦିରକୁ ଯାଇ ଠାକୁରଙ୍କୁ ଡାକିବା କେତେଦୂର ସାମାଜିକ ସ୍ଥିରତା ବଜାୟ ରଖିବ ତାହା ଭବିଷ୍ୟତ କହିବ।

## କୁକୁଡ଼ା ପାଳନ ସମ୍ପର୍କରେ



**ବା**ର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆକୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆକୁ ଆଇବିଡି ରୋଗ ଟିକା ଦିଅନ୍ତୁ। ବାର୍ଡ ଫ୍ଲୁ ରୋଗ ହେଲେ କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ରଜନୀଗନ୍ଧାର ଉନ୍ନତ କିସମ



**ର**ଜନୀଗନ୍ଧା ଫୁଲ ଚାଷ କରୁଥିଲେ ଏହାର ଉନ୍ନତ କିସମ ଉପରେ ଧ୍ୟାନ ଦିଅନ୍ତୁ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ

**ଡା**ଲୁଅ ଧାନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ଏକ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗଛ ୩୦ଦିନର ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ଡାଲିଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।



## ମାର୍ଚ୍ଚ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ :** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛିଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଉପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ । ଆକ୍ରାନ୍ତ କିଆରିରେ କାର୍ବେନ୍ଡିକ୍ସିନ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍, ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ ।

**ଆଳୁ :** ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ନଳିତା ବୁଣିବା ପୂର୍ବରୁ...



**ଯେଉଁ** ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ୧ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।

## ଭାକୁର ମାଛର ରୋଗ ନିୟନ୍ତ୍ରଣ

**ଭା**କୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆକୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।



## ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ...

**ମାଣ୍ଡିଆ** ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆ ଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗକଲେ ଭଲ।



## ସେରିକଲ ଗେଣ୍ଡୁଫୁଲ ଚାଷ

**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ।

- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



## ସବୁଜ ଗୋଖାଦ୍ୟ ଫସଲ



**ମ**କା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ବୈଜ୍ଞାନିକ ପଦ୍ଧତିରେ ଲାଭଜନକ ବତକ ପାଳନ

**ଆ**ମ ରାଜ୍ୟର ଗାଁ ଗହଳିରେ ପଶୁପାଳକମାନେ ବହୁଶତାବ୍ଦୀ ଧରି ବତକ ପାଳନକରି ଆସୁଛନ୍ତି। କୌଣସି ବି ସାମାଜିକ ବାଧାବିଘ୍ନ ବିନା, ସବୁ ଧର୍ମ, ଜାତି, ବୟସର ପୁରୁଷ ତଥା ମହିଳା ବତକ ପାଳନକରି ଲାଭାନ୍ୱିତ ହୋଇପାରିବେ। ଯଦି ଚାଷୀଭାଇମାନେ ସ୍ୱଳ୍ପ ବିଜ୍ଞାନ କୌଶଳ ବ୍ୟବହାରକରି ବତକ ପାଳନ କରିବେ, ତା' ହେଲେ ବତକ ଚାଷରୁ ଅଧିକ ଲାଭ ମିଳିପାରିବ।

"ସ୍ୱଳ୍ପ ବୈଜ୍ଞାନିକ କୌଶଳର ସମନ୍ୱୟରେ ବତକ ପାଳନକୁ ଅଧିକ ଲାଭକ୍ଷମ ବ୍ୟବସାୟ ରୂପେ ବିବେଚିତ କରିପାରିବା। ବୈଜ୍ଞାନିକ ପଦ୍ଧତିରେ ବତକ ପାଳନର ବିଭିନ୍ନ ଦିଗ ମଧରେ ବତକର ପ୍ରଜାତି ଚୟନ, ଠିକ୍ ରୂପେ ବତକ ଚିଆଁର ବ୍ରୁଡିଂ ଓ ଲାଳନପାଳନ, ବାସଗୃହ ନିର୍ମାଣ, ଖାଦ୍ୟ ବ୍ୟବସ୍ଥା, ବୈଜ୍ଞାନିକ ପଦ୍ଧତିରେ ବତକ ପ୍ରଜନନ, ସ୍ୱାସ୍ଥ୍ୟର ଯତ୍ନ ଏବଂ ଟିକାକରଣ ଆଦି ଅନ୍ୟତମ।"

**ବତକ ପାଳନ :** ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ନଈ, ନାଳ, ପୋଖରୀ, ଜୋର, ଗାଡ଼ିଆ ଆଦିରେ ଖୁବ୍ ସହଜରେ ବତକ ପାଳନ କରାଯାଇପାରିବ। ଘରର ନିତିଦିନିଆ କାମ ସହ ନିଜ ବାଡ଼ିରେ ଅଳ୍ପ ଖର୍ଚ୍ଚରେ ବତକ ଚାଷକରି ଉଭୟ ପୁରୁଷ ଏବଂ ମହିଳା ଅର୍ଥ ଉପାର୍ଜନ କରିପାରିବେ। ବତକ ଅଣ୍ଡା, କୁକୁଡ଼ା ଅଣ୍ଡାରୁ ହାରାହାରି ୧୫-୨୫ ଗ୍ରାମ ଅଧିକ ଓଜନ (ଅଣ୍ଡାର ହାରାହାରି ଓଜନ ୬୦-୭୦ ଗ୍ରାମ) ତଥା ବାର୍ଷିକ ଅଣ୍ଡା ଉତ୍ପାଦନରେ କୁକୁଡ଼ାମାନଙ୍କଠାରୁ ବତକ ଅନେକ ଆଗରେ (ବର୍ଷ ପିଛା ପ୍ରାୟ ୪୦-୫୦ ଅଧିକ ଅଣ୍ଡା) ଥାଆନ୍ତି। ବତକମାନେ କୁକୁଡ଼ାମାନଙ୍କଠାରୁ ଅଧିକ ରୋଗ ସହିଷ୍ଣୁ। ସାଧାରଣତଃ ବତକମାନେ ସକାଳ ୯ଟା ପୂର୍ବରୁ ହିଁ ଅଣ୍ଡା ଦେଇଥାଆନ୍ତି, ଯାହାଦ୍ୱାରା ଅଣ୍ଡା ସଂଗ୍ରହ ସୁବିଧାରେ ହୋଇଯାଏ। କୃଷିଜୀବୀମାନେ ସମୟ ନଷ୍ଟ ବିନା ଜମିବାଡ଼ିରେ କାମକୁ ସହଜରେ କରିପାରନ୍ତି। ମାଛଚାଷ ଏବଂ ଧାନଚାଷ ସହ ସମନ୍ୱିତ ଭାବରେ ମଧ୍ୟ ବତକ ପାଳନ କରିହେବ। ବତକମାନେ ଚରିବୁଲି ନିଜର ଖାଦ୍ୟ ସଂଗ୍ରହ କରିଥାଆନ୍ତି। ଯେପରି କି ବାଡ଼ି ଅଗଣାରୁ ଏବଂ ପୋଖରୀରୁ ଜିଆ, ପୋକଜୋକ, ବେଙ୍ଗଫୁଲା ଇତ୍ୟାଦି ସେମାନେ ଖାଇଥାଆନ୍ତି।



**ବତକ ପାଳନରେ ଆଧୁନିକ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ :** ସ୍ୱଳ୍ପ ବୈଜ୍ଞାନିକ କୌଶଳର ସମନ୍ୱୟରେ ବତକ ପାଳନକୁ ଅଧିକ ଲାଭକ୍ଷମ ବ୍ୟବସାୟ ରୂପେ ବିବେଚିତ କରିପାରିବ। ବୈଜ୍ଞାନିକ ପଦ୍ଧତିରେ ବତକ ପାଳନର ବିଭିନ୍ନ ଦିଗ ମଧ୍ୟରେ ବତକର ପ୍ରଜାତି ଚୟନ, ଠିକ୍ ରୂପେ ବତକ ଚିଆଁର ବ୍ରୁଡିଂ ଓ ଲାଳନପାଳନ, ବାସଗୃହ ନିର୍ମାଣ, ଖାଦ୍ୟ ବ୍ୟବସ୍ଥା, ବୈଜ୍ଞାନିକ ପଦ୍ଧତିରେ ବତକ ପ୍ରଜନନ, ସ୍ୱାସ୍ଥ୍ୟର ଯତ୍ନ ଏବଂ ଟିକାକରଣ ଆଦି ଅନ୍ୟତମ।



**ବତକ ପ୍ରଜାତି :** ବତକ ପ୍ରଜାତି ମୁଖ୍ୟତଃ ୨ପ୍ରକାର-ଅଣ୍ଡାଦିଆ ବତକ ଏବଂ ମାଂସ ପାଇଁ ବତକ। ଆବଶ୍ୟକତା ଏବଂ ବଜାର ଚାହିଦା ଅନୁଯାୟୀ ବତକ ପ୍ରଜାତିର ପାଳନ କଲେ ଅଧିକ ଲାଭ ମିଳିପାରିବ। ଆମ ରାଜ୍ୟର ଗ୍ରାମାଞ୍ଚଳରେ ମୁଖ୍ୟତଃ ଦେଶଜ ବତକ ପ୍ରଜାତି ପାଳନ କରାଯାଉଛି। ଏହି ବତକଗୁଡିକ ଲୋକପ୍ରିୟ ଥିଲେ ମଧ ଉତ୍ପାଦନ କ୍ଷମତା ଖୁବ୍ କମ୍। ଏଣୁ ନିମ୍ନଲିଖିତ ଉନ୍ନତମାନର ବତକ ପ୍ରଜାତି ପାଳନକରି ଚାଷୀଭାଇମାନେ ଲାଭାନ୍ୱିତ ହୋଇପାରିବେ।

**(କ)** ଅଣ୍ଡାଦିଆ ବତକ ମଧ୍ୟରେ ଖାକି କ୍ୟାମ୍ପବେଲ୍ ଏବଂ ଇଣ୍ଡିଆନ୍ ରନ୍‌ର ପ୍ରଜାତି ଅଧିକ ଲୋକପ୍ରିୟ। ଫାର୍ମ କ୍ଷେତ୍ରରେ ଖାକି କ୍ୟାମ୍ପବେଲ୍ ବତକ ବାର୍ଷିକ ୨୫୦-୩୦୦ ଅଣ୍ଡା ଦେଇପାରେ ତଥା ବାଡ଼ି ଅଗଣାରେ ଏବଂ ଆଖପାଖରେ ୧୬୦-୧୮୦ ଅଣ୍ଡା ଦେଇପାରେ। ଇଣ୍ଡିଆନ୍ ରନ୍‌ର ବତକ ପ୍ରଜାତି ମଧ୍ୟ ବାର୍ଷିକ ୨୦୦-୨୫୦ ପର୍ଯ୍ୟନ୍ତ ଅଣ୍ଡା ଦେଇପାରେ।

**(ଖ)** ମାଂସ ପ୍ରଜାତିର ବତକ ମଧ୍ୟରେ ଧଳା ପେକିନ୍ ମସ୍‌କୋଭି ପ୍ରଜାତି ସମଗ୍ର ବିଶ୍ୱରେ ଆଗୁଆ। ଧଳା ପେକିନ୍ ଚାଇନାରୁ ଉତ୍ପତ୍ତି ଏବଂ ଏହି ପ୍ରଜାତି ବତକ ଯାହା ଖୁବ୍ ସଅଳ ବଢ଼ିପାରେ। ୬-୮ ସପ୍ତାହରେ ଏହି ବତକର ହାରାହାରି ଓଜନ ୧-୫ରୁ ୨ କି.ଗ୍ରା.। ଅନ୍ୟ ଏକ ଦେଶୀ ପ୍ରଜାତି କୁଟନାଡ ବତକ ଯାହାର ବାର୍ଷିକ ଅଣ୍ଡା ଦେବା କ୍ଷମତା ୧୮୦-୨୦୦ ତଥା ବୟସ୍କ ବତକର ଓଜନ ୧.୫ ରୁ ୨ କି.ଗ୍ରା.। ଚାଷୀଭାଇମାନେ ଦେଶଜ ବତକ ବ୍ୟତୀତ ଅଧିକ ଉତ୍ପାଦନକ୍ଷମ ବତକ ଚିଆଁ ଭା.କୃ.ଅନୁ.ପ-ଡି.ପି.ଆର୍. ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର କିମ୍ବା ସି.ପି.ଡି.ଓ., ବାଙ୍ଗାଲୋରରୁ ଆଣିପାରିବେ।

ବ୍ରୁଡିଂ ନିମନ୍ତେ ଉଷୁମ ପରିବେଶରେ ନବଜାତ ଚିଆଁମାନଙ୍କୁ ୩-୪ ସପ୍ତାହ ପାଇଁ ଯେ କୌଣସି କୋଠରିରେ ବ୍ୟବହାର କରାଯାଇପାରେ। ଥଣ୍ଡାରୁ ରକ୍ଷା ପାଇବା ନିମନ୍ତେ ବତକ ଚିଆଁ ରଖିବା ପୂର୍ବରୁ ଚଟାଣ ଉପରେ ୬ଇଞ୍ଚର କରତଗୁଣ୍ଡ ବିଛାଇ ଲିଟର ପ୍ରସ୍ତୁତ କରାଯାଏ। ସାଧାରଣତଃ ଗୋଟିଏ ୧୦୦-୨୦୦ ୱାଟ୍‌ର ଇଲେକ୍ଟ୍ରିକ ବଲ୍‌ବ ବ୍ୟବହାରକରି ୧୦-୩୦ ଚିଆଁ ବ୍ରୁଡିଂ କରାଯାଇପାରିବ। ପ୍ରାୟ ୧ମାସ ପରେ ବତକମାନଙ୍କୁ ପୋଖରୀରେ ଛାଡ଼ିହେବ। କିନ୍ତୁ ତା' ପୂର୍ବରୁ ପ୍ରଥମ ୨ଦିନ ବତକ ପହଁରିବାକୁ ଲକ୍ଷ୍ୟ କରିବା ଉଚିତ। (କ୍ରମଶଃ...)

-ଡା. ସୂର୍ଯ୍ୟକାନ୍ତ ମିଶ୍ର,
ଡା. ରାଜଲକ୍ଷ୍ମୀ ବେହେରା,
ଡା. ଧୀରେନ୍ଦ୍ର କୁମାର, ବୈଜ୍ଞାନିକ,
ଆଇସିଏଆର୍, ଡିରେକ୍ଟୋରେଟ୍ ଅନ୍ ପଲ୍ଟ୍ୟାଟାରି ରିସର୍ଚ୍ଚ, ରିଜିଓନାଲ ଷ୍ଟେଶନ,
ଭୁବନେଶ୍ୱର-୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ Bhubaneswar, Wednesday, February 28/ 2024

# ହକି ଇଣ୍ଡିଆ ସିଇଓଙ୍କ ଇସ୍ତଫା


ଏଲେନା ନର୍ମାନ

ନୂଆଦିଲ୍ଲୀ,୨୭।୨(ପି.ଟି.)

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏଲେନା ନର୍ମାନ ମଙ୍ଗଳବାର ଇସ୍ତଫା ପ୍ରଦାନ କରିଛନ୍ତି। ହକି ଇଣ୍ଡିଆ ପକ୍ଷରୁ ତାଙ୍କର ବେତନ ଦିଆଯାଇ ନ ଥିବା ଅଭିଯୋଗ କରିବା ସହ ସେ ନିଜ ପଦରୁ ଓହରି ଯାଇଛନ୍ତି। ୪୯ ବର୍ଷୀୟ ଏହି ଅଷ୍ଟ୍ରେଲୀୟ ଜଣଙ୍କ ଦୀର୍ଘ ବର୍ଷ ଧରି ଭାରତୀୟ ହକି ପାଇଁ କାମ କରି ଆସୁଛନ୍ତି। ଦୀର୍ଘ ୧୩ ବର୍ଷ ହେବ ସେ ସିଇଓ ପଦରେ ରହିଥିବା ବେଳେ ଭାରତୀୟ ହକି ସଫଳତାର ନୂଆ ଶିଖର ଛୁଇଁଥିଲା। ବିଗତ ୩ ମାସ ଧରି ମୋର ବେତନ ମିଳି ନ ଥିବା ବେଳେ ବିଗତ ସପ୍ତାହରେ ଏହା ମିଳିଥିଲା। ଏହାପରେ ଏଲେନା ଇସ୍ତଫା ଦେଇଥିବା କୁହାଯାଇଛି। ଇସ୍ତଫା ଦେବା ସହ ହକି ଇଣ୍ଡିଆରେ ଗୋଷ୍ଠୀ ବିବାଦ ଚାଲିଥିବା ନେଇ ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ମୁଁ ଗୋଟିଏ ଗୋଷ୍ଠୀରେ ଥିବା ବେଳେ ମହାସଚିବ ଭୋଲାନାଥ ସିଂ, କାର୍ଯ୍ୟକାରୀ ନିର୍ଦ୍ଦେଶକ କମୋଡର ଆର୍. କେ. ଶ୍ରୀବାସ୍ତବ ଓ କୋଷାଧ୍ୟକ୍ଷ ଜେ. ମନୋହରନ ଅନ୍ୟ ଏକ ଗୋଷ୍ଠୀରେ ରହିଥିଲେ। ଦୁଇଟି ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବା ବେଳେ ଆବଶ୍ୟକ ଫଳାଫଳ ମିଳିବା କଷ୍ଟକର ବୋଲି କହିଛନ୍ତି ଏଲେନା। ୨୦୦୭ରେ ଅଷ୍ଟ୍ରେଲିଆ ଛାଡି ଏକ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମ୍ପାନୀରେ କାମ କରିବା ପାଇଁ ଭାରତ ଆସିଥିଲେ ଏଲେନା । ୨୦୧୧ରେ ହକି ଇଣ୍ଡିଆର ପ୍ରଥମ ସିଇଓ ଭାବରେ କାର୍ଯ୍ୟଭାର ଗ୍ରହଣ କରିବା ସହ ସଫଳତା ହାସଲ କରିଥିଲେ। ପୂର୍ବରୁ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ମଧ୍ୟ ନିଜ

## ଗୋଷ୍ଠୀ ବିବାଦର ଅଭିଯୋଗ ଆଣିଲେ

ପଦରୁ ଇସ୍ତଫା ଦେଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କ ଇସ୍ତଫା ଗ୍ରହଣ କରିଥିବା ବେଳେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। କେବଳ ହକି ଇଣ୍ଡିଆର ସଭାପତି ଭାବେ ନୁହେଁ ବରଂ ଜଣେ ପୂର୍ବତନ ଖେଳାଳି ଭାବରେ ମୁଁ ଏଲେନାଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ବିଗତ ୧୨-୧୩ ବର୍ଷ ମଧ୍ୟରେ ଭାରତୀୟ ହକି ପ୍ରତି ତାଙ୍କର ଅବଦାନ ଉଲ୍ଲେଖନୀୟ। ଭାରତରେ ହକିର ବିକାଶରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବା ବେଳେ ଭବିଷ୍ୟତ ପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି କହିଛନ୍ତି ତିର୍କୀ। ନର୍ମାନଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ପୁରୁଷ ଦଳ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ମହିଳା ଦଳ ଚତୁର୍ଥ ସ୍ଥାନରେ ରହିଥିଲା। ଏହା ବ୍ୟତୀତ ଭାରତରେ ୨୦୧୮ ଓ ୨୦୨୩ରେ ପୁରୁଷ ହକି ବିଶ୍ୱକପ ଓ ୨୦୧୬, ୨୧ରେ ଜୁନିୟର ପୁରୁଷ ହକି ବିଶ୍ୱକପ ଆୟୋଜନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେହିପରି ଫ୍ରାଞ୍ଚାଇଜ ବେସ୍‌ଡ ହକି ଇଣ୍ଡିଆ ଲିଗ୍‌ର ୫ଟି ସଂସ୍କରଣ ସେ ସଫଳତାର ସହ ଆୟୋଜନ କରିଥିଲେ। ଏହା ବ୍ୟତୀତ ୨୦୧୫ ଓ ୧୭ରେ ହକି ୱାର୍ଲ୍ଡ ଲିଗ୍‌ର ଫାଇନାଲ ଆୟୋଜନ କରିବା ସହ୨୦୧୯ ଓ ୨୪ରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ କରିଥିଲେ। ଭାରତରେ ମହିଳା ହକିକୁ ଲୋକପ୍ରିୟ କରିବା ପଛରେ ନର୍ମାନଙ୍କ ବଡ ଭୂମିକା ରହିଥିବା ହକି ଇଣ୍ଡିଆ ପକ୍ଷରୁ ଏକ ବିବୃତି ଜାରି କରାଯାଇ କୁହାଯାଇଛି।


ଜାତୀୟ ଜୁ ଜିତ୍‌ସୁରେ ପଦକ ହାସଲକାରୀ ଓଡ଼ିଆ ଖେଳାଳି।

# ଓଡ଼ିଶା ଦଳର ବଡ଼ ସଫଳତା

## ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

ଭୁବନେଶ୍ୱର, ୨୭।୨
(ବିଜୟ ରଣା)

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଜାତୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଜୁ ଜିତ୍‌ସୁ ସଂଘ ତରଫରୁ ୨୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅନୁପମା ସ୍ୱାଇଁ ଓ ଲୋମା ସ୍ୱାଇଁ ୨ଟି ଲେଖାଏଁ ସ୍ୱର୍ଣ୍ଣ ଜିତିଥିବା ବେଳେ ଅମରେଶ୍ୱର ସ୍ୱାଇଁ ଗୋଟିଏ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏମ୍. ଶ୍ରୀକାନ୍ତ ଶେଖର ଓ ଜି. ଉଦୟ କିରନ ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଛନ୍ତି। ଏହାଛଡ଼ା ଜୟ ପ୍ରକାଶ ବେହେରା, ମାଳିନି ପଣ୍ଡା, ଅଜିଜା ବେଗମ, ରୋଜାଲିନ୍ ପାଲ୍, ଡି. ଉଦୟ କିରନ, ଦିପ୍ତୀମୟୀ ସ୍ୱାଇଁ, ସନ୍ତୋଷ ସିଂ, କିରଣ ଦଳାଇ, ଲୋମା ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ମହନ୍ତ ଏବଂ ଆଦିତ୍ୟ କୁମାର ଜେନାଙ୍କୁ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ମିଳିଛି। ପ୍ରତିଯୋଗିତାରେ ଭାଗ ନେବା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ସମଗ୍ର ଦେଶରୁ ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ଦଳ ସହ ସ୍ୱରାଜ ଜାନି ମ୍ୟାନେଜର ଭାବେ ଗସ୍ତ କରିଥିଲେ। ପଦକ ବିଜେତାଙ୍କୁ ରାଜ୍ୟ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଚଳିତବର୍ଷ ଡେରାଡୁନ୍‌ରେ ହେବାକୁଥିବା ଜାତୀୟ କ୍ରୀଡ଼ାରେ ଜୁ ଜିତ୍‌ସୁ ସ୍ଥାନ ପାଇବା ନିଶ୍ଚିତ ହୋଇଛି।

## ତୁର୍କୀଶ ଓମେନ୍ସ କପ୍ ଫୁଟ୍‌ବଲ

# ଭାରତୀୟ ମହିଳା ଦଳ ରନରଅପ୍


ରନରଅପ୍ ଟ୍ରଫି ସହ ଭାରତୀୟ ମହିଳା ଫୁଟବଲ ଦଳ।

ଆଲାନ୍ୟା(ତୁର୍କୀ), ୨୭।୨(ପି.ଟି.)

ତୁର୍କୀଶ ଓମେନ୍ସ କପ୍‌ର ଅନ୍ତିମ ରାଉଣ୍ଡ ରବିନ ମ୍ୟାଚରେ ଭାରତୀୟ ମହିଳା ଦଳ ଏହାଠାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ କୋସୋଭୋଠାରୁ ଏକମାତ୍ର ଗୋଲରେ ପରାସ୍ତ ହୋଇ ରନରଅପ୍ ହୋଇଛି। ଫଳରେ ଦକ୍ଷିଣ ଏସିଆ ଅଞ୍ଚଳ ବାହାରେ ସିନିୟର ସ୍ତରରେ ପ୍ରଥମ ଥର ଟାଇଟଲ ଜିତିବା ଲାଗି ଭାରତ ଯେଉଁ ଆଶା କରିଥିଲା ତାହା ଅଧୁରା ରହିଗଲା। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଏରିଲେଟା ମେମେଟି ଇଞ୍ଜୁରୀ ଟାଇମ୍ (୯୦+୨)ରେ ବିଜୟ ସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ୧୦୦ ର୍‍ୟାଙ୍କିଂପ୍ରାପ୍ତ କୋସୋଭୋ ୩ଟି ମ୍ୟାଚରୁ ୯ ପଏଣ୍ଟ ହାସଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଫିଫା ତାଲିକାରେ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ୩୫ ସ୍ଥାନ ଉପରେ ରହିଥିବା ଭାରତ ୬ ପଏଣ୍ଟ ସହ ରନରଅପ୍ ହୋଇଥିଲା। ପ୍ରତିଯୋଗିତାରେ ଭାରତୀୟ ଦଳ ତୃତୀୟ ଥର ଭାଗ ନେଇଥିଲା। ତନ୍ମଧ୍ୟରେ ଦଳର ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ଟୁର୍ନାମେଣ୍ଟ ସାରା ଉତ୍ତମ ପ୍ରଦର୍ଶନ କରି ଭାରତର ମନୀଷା କଲ୍ୟାଣ ଶ୍ରେଷ୍ଠ ମିଡ୍‌ଫିଲ୍ଡର ବିବେଚିତ ହୋଇଥିଲେ। ଭାରତ ପାଇଁ ଏହା କର ଅବା ମର ମ୍ୟାଚ ଥିଲା। ଅନ୍ୟପକ୍ଷରେ ଚାମ୍ପିୟନ ହେବା ଲାଗି କୋସୋଭୋ ଏହି ମ୍ୟାଚରେ ଅତି କମ୍‌ରେ ଏକ ଡ୍ର ଆବଶ୍ୟକ କରୁଥିଲା। ସୂଚନାଯୋଗ୍ୟ, କୋସୋଭୋ ଗତଥର ୨୦୨୨ ନଭେମ୍ବରରେ ସ୍ଲୋଭେନିଆଠାରୁ ୧-୩ ଗୋଲ୍‌ରେ ପରାଜିତ ହୋଇଥିଲା।

## ଅରୁନ୍ଧତୀଙ୍କୁ ଜରିମାନା

**ବେଙ୍ଗାଲୁରୁ, ୨୭।୨ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ପେସ୍ ବୋଲର ଅରୁନ୍ଧତୀ ରେଡ୍ଡୀଙ୍କୁ ତାଙ୍କ ମ୍ୟାଚ ଫି’ର ୧୦ ପ୍ରତିଶତ ଜରିମାନା କରାଯାଇଛି। ସେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଖେଳାଳି ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ସୋମବାର ରାତିରେ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୟୁପି ୱାରିଅର୍ଜ ବିପକ୍ଷ ମ୍ୟାଚ ବେଳେ ପଡ଼ିଆରେ ଦୁର୍ବ୍ୟବହାର ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ମ୍ୟାଚ ବେଳେ ଉଇକେଟ ପତନ ସମୟରେ ଆକ୍ରମଣାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଡବ୍ଲ୍ୟୁପିଏଲ୍‌ର ଧାରା ୨.୫ ଅଧୀନରେ ସେ ଲେଭଲ-୧ ଅପରାଧ କରିଛନ୍ତି। ସେ ତାଙ୍କ ଦୋଷ ସ୍ୱୀକାର କରିବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅରୁନ୍ଧତୀ ଲୋୟର ଅର୍ଡର ବ୍ୟାଟର ପୁନମ ଖେମ୍‌ନାରଙ୍କ ଉଇକେଟ ନେଇଥିଲେ। ରାଧା ଯାଦବ (୪/୨୦)ଙ୍କ ଚମତ୍କାର ବୋଲିଂ ଯୋଗୁ ୱାରିଅର୍ଜର ସ୍କୋର ୧୧୯/୯ରେ ସୀମିତ ହୋଇଯାଇଥିଲା।

# ଟି୨୦ରେ ଦ୍ରୁତତମ ଶତକ ରେକର୍ଡ


ଶତକ ହାସଲ ପରେ ନିକୋଲ ଲଫ୍ଟି।

କୀର୍ତ୍ତିପୁର,୨୭।୨(ପି.ଟି.)

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ ରେକର୍ଡ କରିଛନ୍ତି ନାମ୍ବିଆର ଜାନ ନିକୋଲ ଲଫ୍ଟି ଇଟନ୍। ନେପାଳ ବିପକ୍ଷ ମ୍ୟାଚ୍‌ରେ ସେ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଛନ୍ତି। ମଙ୍ଗଳବାର ତ୍ରିରାଷ୍ଟ୍ରୀୟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଲଫ୍ଟି ଇଟନ୍ ଶତକ ହାସଲ କରିବା ସହ ନେପାଳର କୁଶାଲ ମଲ୍ଲଙ୍କ ରେକର୍ଡ ଭାଙ୍ଗିଛନ୍ତି। କୁଶାଲ ହାଙ୍ଗଝୋ ଏସିଆନ୍ ଗେମ୍ସରେ ମଙ୍ଗୋଲିଆ ବିପକ୍ଷରେ ୩୪ ବଲ୍‌ରେ ଶତକ ରେକର୍ଡ କରିଥିଲେ। ମଙ୍ଗଳବାର ଲଫ୍ଟି ଇଟନ ୩୬ ବଲ୍ ଖେଳି ୧୦୧ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୧୧ ଚୌକା ଓ ୮ ଛକା ସାମିଲ ଥିଲା। ନାମ୍ବିଆ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟରେ ୨୦୬ ରନ୍ କରିଥିବା ବେଳେ ନେପାଳ ୧୮୬ ରନ୍‌ରେ ଅଲଆଉଟ ହୋଇଥିଲା। ଜାନ ନିକୋଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

# ଟେଷ୍ଟରୁ ଅବସର ନେଲେ ୱାଗନର

**ୱେଲିଂଟନ (ନ୍ୟୁଜିଲାଣ୍ଡ), ୨୭।୨:** ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର ନିଲ୍ ୱାଗନର ୩୭ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦକ୍ଷିଣ ଆଫ୍ରିକାରେ ଜନ୍ମିତ ୱାଗନର ନ୍ୟୁଜିଲାଣ୍ଡ ପାଇଁ ୬୪ଟେଷ୍ଟ ମ୍ୟାଚ ଖେଳିଛନ୍ତି। ନ୍ୟୁଜିଲାଣ୍ଡର ଅଲଟାଇମ୍ ଟେଷ୍ଟ ଉଇକେଟ ହାସଲକାରୀ ବୋଲର ତାଲିକାରେ ସେ ୫ମ ସ୍ଥାନରେ ଅଛନ୍ତି। ସେ ୩୭ ଆଭରେଜରେ ୨୬୦ଟେଷ୍ଟ ଉଇକେଟ ଅକ୍ତିଆର କରିଛନ୍ତି। ୱେଲିଂଟନର ରିଜର୍ଭ ବେସିନଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ନ୍ୟୁଜିଲାଣ୍ଡ ଲାଇନ୍‌ଅପ୍‌ରେ ଏହି ବାମହାତୀ ଖେଳାଳିଙ୍କୁ ଦଳରେ ନିଆଯିବ ନାହିଁ। ଏଥିପାଇଁ ସେ ୫ ଦିନିଆ ଗେମ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ୱାଗନର ତାଙ୍କ ଟେଷ୍ଟ ଡେବ୍ୟୁ ୨୦୧୨ରେ କରିଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟର ଶ୍ରେଷ୍ଠ ସମୟରେ ସେ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ରହିଥିଲେ।

## ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ

# ସାମିଲ ହେବେ ୨୦୦ ପାରା ଆଥ୍‌ଲେଟ

ନୂଆଦିଲ୍ଲୀ, ୨୭।୨(ପି.ଟି.)

ଦେଶର ପାରା ଆଥ୍‌ଲେଟମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦେବାର ବ୍ୟବସ୍ଥା କରାଯାଉଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଏ ବିଷୟ ଘୋଷଣା କରିଛନ୍ତି। ସେ କହିଛନ୍ତି ୧୦ଟି ବିଭାଗରେ ୯୭ ମହିଳାଙ୍କ ସମେତ ଏଭଳି ୨୦୦ ଆଥ୍‌ଲେଟଙ୍କୁ ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଏନ୍‌ସିଓଇ)ରେ ସାମିଲ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୦ ଆଥ୍‌ଲେଟଙ୍କ ମଧ୍ୟରୁ ୬୮ ଜଣ ତୀରନ୍ଦାଜ ଆଥଲେଟ (୩୫ ପୁରୁଷ, ୩୩ ମହିଳା) ଏବଂ ୩୬ଜଣ (୧୮,୧୮) ଆଥ୍‌ଲେଟିକ୍ସରେ ଟ୍ରେନିଂ ନେବେ। ସାଇକ୍ଲିଂରେ ମଧ୍ୟ ୧୦ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳାଙ୍କୁ ସୁଯୋଗ ମିଳିବ। ଠାକୁର କହିଛନ୍ତି, ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ସମସ୍ତ ଆଥ୍‌ଲେଟଙ୍କୁ ସମାନ ସୁବିଧା ଯୋଗାଇ ଦେବା ଲାଗି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏନ୍‌ସିଓଇରେ ବିଶ୍ୱ କୋଚ୍ ଏବଂ ଉନ୍ନତ ଟ୍ରେନିଂ ଉପକରଣ ରହିବ। ନିକଟରେ ଅନୁଷ୍ଠିତ ହୋଇଯାଇଥିବା ପାରାଲିମ୍ପିକ ଗେମ୍ସ ଓ ଏସିଆନ ପାରା ଗେମ୍ସରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛି।

# ଶାମିଙ୍କ ଅସ୍ତ୍ରୋପଚାର ସଫଳ


ଗୋଇଠିରେ ସଫଳ ଅସ୍ତ୍ରୋପଚାର ପରେ ହସ୍ପିଟାଲ ବେଡ୍‌ରେ ମହମ୍ମଦ ଶାମି।

ନୂଆଦିଲ୍ଲୀ,୨୭।୨(ପି.ଟି.)

ଭାରତର ସିନିୟର ପେସ୍ ବୋଲର ମହମ୍ମଦ ଶାମି ଆହତ ହୋଇ ଆଇପିଏଲ୍ ୨୦୨୪ରୁ ଓହରି ଯାଇଥିବା ବେଳେ ମଙ୍ଗଳବାର ତାଙ୍କର ଅସ୍ତ୍ରୋପଚାର ହୋଇଛି। ଦିନିକିଆ ବିଶ୍ୱକପ୍ ସମୟରେ ଶାମିଙ୍କ ବାମ ଗୋଡରେ ଆଘାତ ଲାଗିଥିଲା। ଏହି ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଶାମି ଏହା ପରଠାରୁ ଭାରତ ପାଇଁ ଖେଳିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ସେ ଚମତ୍କାର ବୋଲିଂ କରି ୨୪ ଉଇକେଟ ନେଇଥିଲେ। ଏହା ପରଠାରୁ ସେ ଆକ୍ସନରୁ ଦୂରରେ ରହିଛନ୍ତି। ଶାମି ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ବେଳେ ନିକଟରେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ୍ ପଡିଥିଲେ। ମଙ୍ଗଳବାର ଲଣ୍ଡନରେ ଶାମିଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା କୁହାଯାଇଛି। ତେବେ ମାର୍ଚ୍ଚ ୨୨ରୁ ମେ’ ୨୬ ମଧ୍ୟରେ ଖେଳାଯିବାକୁ ଥିବା ଆଇପିଏଲ୍ ୨୦୨୪ରୁ ସେ ଓହରି ଯାଇଛନ୍ତି। ଏପରିକି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ହେବାକୁ ଥିବା ବିଶ୍ୱକପ୍‌ରେ ମଧ୍ୟ ତାଙ୍କର ଅଂଶଗ୍ରହଣକୁ ନେଇ ଆଶଙ୍କାପ୍ରକାଶ ପାଇଛି। ଜାନୁଆରୀରେ ଲଣ୍ଡନ ଗସ୍ତ କରିବା ସହ ଯନ୍ତ୍ରଣା କମ କରିବା ପାଇଁ ଇଞ୍ଜେକ୍ସନ ନେଇ ଖେଳିଥିଲେ ଶାମି। ଗୋଡରେ ଯନ୍ତ୍ରଣା ସତ୍ତ୍ୱେ ସମଗ୍ର ବିଶ୍ୱକପ୍ ଖେଳିଥିଲେ। ଭାରତ ପାଇଁ ସେ ଟେଷ୍ଟରେ ୨୨୯, ଦିନିକିଆରେ ୧୯୫ ଓ ଟି୨୦ରେ ୨୪ ଉଇକେଟ ନେଇଛନ୍ତି।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

## ରଣଜୀ ଟ୍ରଫି

ନୂଆଦିଲ୍ଲୀ,୨୭।୨

ରଣଜୀ ଟ୍ରଫି ୨୦୨୪ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ମାର୍ଚ୍ଚ ୨ ତାରିଖରେ ବିଦର୍ଭ ଓ ମଧ୍ୟପ୍ରଦେଶ ମଧ୍ୟରେ ପ୍ରଥମ ସେମିଫାଇନାଲ ଓ ମୁମ୍ବାଇ ଓ ତାମିଲନାଡୁ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। କ୍ୱାର୍ଟର ଫାଇନାଲରେ ବିଦର୍ଭ ୧୨୭ ରନ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଥିବା ବେଳେ ବରୋଦା ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମୁମ୍ବାଇ ସେମିରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ତାମିଲନାଡୁ ଏକ ଇନିଂସ ଓ ୩୩ ରନ୍‌ରେ ସୌରାଷ୍ଟ୍ରକୁ ହରାଇଥିବା ବେଳେ ମଧ୍ୟପ୍ରଦେଶ ୪ ରନ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

### ମୁମ୍ବାଇ ବନାମ ବରୋଦା

ମୁଶିର୍ ଖାନଙ୍କ ଦ୍ୱିଶତକ ଓ ଶାମ୍ସ ମୁଲାନୀଙ୍କ ୪ ଉଇକେଟ ସଫଳତା ବଳରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ସେମି ଫାଇନାଲରେ ପ୍ରବେଶ କରିଛି। ମୁମ୍ବାଇ ପ୍ରଥମ ଇନିଂସରେ ୩୮୪ ରନ୍ କରିଥିବା ବେଳେ ବରୋଦା ୩୪୮ ରନ୍‌ରେ ସୀମିତ ରହିଥିଲା। ଦ୍ୱିତୀୟ ଇନିଂସରେ ହାର୍ଦ୍ଦିକ ତାମୋରଙ୍କ ୧୧୪, ତନୁଷ କୋଟିଆନଙ୍କ ଅପରାଜିତ ୧୨୦ ଓ ତୁଷାର ଦେଶପାଣ୍ଡେଙ୍କ ୧୨୩ ରନ୍ ବଳରେ ମୁମ୍ବାଇ ୫୬୯ ରନ୍ ସ୍କୋର କରିଥିଲା। ୩୦ ଓଭରରେ ବରୋଦା ୩ ଉଇକେଟରେ ୧୨୧ ରନ୍ କରିଥିବା ବେଳେ ମ୍ୟାଚ୍ ଅମୀମାଂସିତ ରହିଥିଲା।

### କର୍ଣ୍ଣାଟକ ବନାମ ବିଦର୍ଭ

ଆଦିତ୍ୟ ସରୱତେ ଓ ହର୍ଷ ଦୁବେଙ୍କ ବୋଲିଂ ସଫଳତା ବଳରେ କର୍ଣ୍ଣାଟକକୁ ୧୨୭ ରନ୍‌ରେ ପରାସ୍ତ କରିଛି ବିଦର୍ଭ। ୩୭୧ ରନ୍ ଲକ୍ଷ୍ୟର ପିଛା କରୁଥିବା କର୍ଣ୍ଣାଟକ ୨୪୩ ରନ୍‌ରେ ଅଲଆଉଟ ହୋଇଥିଲା। ଅଧିନାୟକ ମୟଙ୍କ ଅଗ୍ରୱାଲ ୭୦ ରନ୍ ସ୍କୋର କରିଥିବା ବେଳେ ଆଦିତ୍ୟ ସରୱତେ ଓ ହର୍ଷ ଦୁବେ ୪ଟି ଲେଖାଏ ଉଇକେଟ ନେଇଥିଲେ।

### ମଧ୍ୟପ୍ରଦେଶ ବନାମ ଆନ୍ଧ୍ରପ୍ରଦେଶ

ଆନ୍ଧ୍ରପ୍ରଦେଶ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ୪ ରନ୍‌ରେ ବିଜୟୀ ହେବା ସହ ସେମିରେ ପ୍ରବେଶ କରିଛି ମଧ୍ୟପ୍ରଦେଶ। ଅନୁଭବ ଅଗ୍ରୱାଲଙ୍କ ୬ ଉଇକେଟ ସଫଳତା କାରଣରୁ ଆନ୍ଧ୍ର ପ୍ରଦେଶ ୧୬୫ ରନ୍‌ରେ ଅଲଆଉଟ ହୋଇଥିଲା। ହନୁମା ବିହାରୀ ଆନ୍ଧ୍ର ପକ୍ଷରୁ ସର୍ବାଧିକ ୫୫ ରନ୍ ସ୍କୋର କରିଥିଲେ।


ବରୋଦା ବିପକ୍ଷରେ ଶତକ ହାସଲ ପରେ ତୁଷାର ଦେଶପାଣ୍ଡେ ଓ ତନୁଷ କୋଟିଆନ।

### ସୌରାଷ୍ଟ୍ର ବନାମ ତାମିଲନାଡୁ

ସୌରାଷ୍ଟ୍ରକୁ ଏକ ଇନିଂସ ଓ ୩୩ ରନ୍‌ରେ ପରାସ୍ତ କରି ସେମି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ତାମିଲନାଡୁ। ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୮୩ ରନ୍ କରିଥିବା ବେଳେ ତାମିଲନାଡୁ ୩୩୮ ରନ୍ କରିଥିଲା। ସୌରାଷ୍ଟ୍ର ଦ୍ୱିତୀୟ ଇନିଂସ ମାତ୍ର ୧୨୨ରେ ସୀମିତ ରହିଥିଲା। ଚେତେଶ୍ୱର ପୂଜାରା ପ୍ରଥମ ଇନିଂସ୍‌ରେ ମାତ୍ର ୨ ରନ୍ କରିଥିଲେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ